ଚାଣକ୍ୟ ସୂତ୍ରାଣି

ସଂକଳକ

ଅଧାପକ ଅଭିନ୍ନଚନ୍ଦ୍ର ଦାଶ

GPNanda Colln., Digitized by srujanika@gmail.com

ଗୃଣାକ୍ୟ ସୂତ୍ରାଣି

ସଂପାଦନା :

ଅଧ୍ୟାପକ ଅଭିନ୍ନଚନ୍ଦ୍ର ଦାସ
ଏମ୍.ଏ.(ବନାରସ), ଏମ୍.ଏ.(ଉତ୍କଳ)

ଗ୍ରନ୍ଥମନ୍ଦିର

GPNanda Colln., Digitized by srujanika@gmail.com

ପ୍ରକାଶକ : ମନୋଜକୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରଣ :
ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୯

ପ୍ରଥମ ସଂସ୍କରଣ : ଫେବୃଆରୀ, ୧୯୮୮
ପୁନର୍ମୁଦ୍ରଣ : ୧୯୯୨

ମୂଲ୍ୟ : ଟ ୮-୦୦

GPNanda Colln., Digitized by srujanika@gmail.com

ଚାଣକ୍ୟ ସୂତ୍ରାଣି

୧ । ସୁଖସ୍ୟ ମୂଳଂ ଧର୍ମଃ ।

ସୁଖର ମୂଳ ହେଉଛି ଧର୍ମ । ଅର୍ଥାତ୍ ଧର୍ମସଙ୍ଗତ ଆଚରଣରୁ ସୁଖ ମିଳିଥାଏ । ନୀତିନିୟମ ବା ମାନବୋଚିତ କର୍ତ୍ତବ୍ୟ ପାଳନ ହେଉଛି ଧର୍ମ । ଧର୍ମ ପାଳନରୁ ମାନସିକ ଏବଂ ଐହିକ ଅଭ୍ୟୁଦୟ ଘଟିଥାଏ ।

୨ । ଧର୍ମସ୍ୟ ମୂଳମର୍ଥଃ । (ଧର୍ମସ୍ୟ ମୂଳମ୍ ଅର୍ଥଃ)

ଧର୍ମର ମୂଳ ହେଉଛି ଅର୍ଥ । ଧର୍ମାଚରଣ ପାଇଁ ଅର୍ଥ ଆବଶ୍ୟକ । ଧର୍ମ ଅର୍ଥାତ୍ ରାଷ୍ଟ୍ରର ନୀତିନିୟମକୁ ସୁବ୍ୟବସ୍ଥିତ କରି ରଖିବା ପାଇଁ ଅର୍ଥ ନିତାନ୍ତ ଆବଶ୍ୟକ । ରାଜକୋଷରେ ଅର୍ଥଦାରିଦ୍ର୍ୟ ଦେଖାଦେଲେ ରାଜ୍ୟରେ ଅନୀତି ପ୍ରସାର ଲାଭ କରିଥାଏ । ତେଣୁ ଧର୍ମକୁ ରକ୍ଷା କରିବା ପାଇଁ ଅର୍ଥ ନିତାନ୍ତ ପ୍ରୟୋଜନ ।

୩ । ଅର୍ଥସ୍ୟ ମୂଳଂ ରାଜ୍ୟମ୍ ।

ଅର୍ଥର ମୂଳ ହେଉଛି ରାଜ୍ୟ । ରାଜ୍ୟରୁ ଅର୍ଥ ସଂଗୃହୀତ ହୋଇଥାଏ । ରାଜ୍ୟ ସ୍ଥିର ରହିଲେ ଐଶ୍ୱର୍ଯ୍ୟ ସ୍ଥିର ରହିଥାଏ । ରାଜ୍ୟକୁ ସ୍ଥିର ରଖିବା ଭଳି ଐଶ୍ୱର୍ଯ୍ୟ ରାଜ୍ୟର ପ୍ରଜାମାନଙ୍କ ନିକଟରେ ରହିବା ଆବଶ୍ୟକ । ରାଜା ଦୁର୍ଗ, ବନ୍ଧୁ, ମନ୍ତ୍ରୀ, ସେନା, ରାଜକର୍ମଚାରୀ, ଯୁଦ୍ଧସାମଗ୍ରୀ, ଅସ୍ତ୍ରଶସ୍ତ୍ର ଆଦି ସଂଗ୍ରହ କରି ପ୍ରଜାମାନଙ୍କର ଭରଣପୋଷଣ ତଥା ରକ୍ଷଣାବେକ୍ଷଣ କରିଥାଏ । ତେଣୁ ରାଜାକୁ ବିପୁଳ ଅର୍ଥ ସଂଗ୍ରହ କରିବାକୁ ପଡ଼ିଥାଏ । ରାଜ୍ୟ ଶ୍ରୀସଂପନ୍ନ ନଥିଲେ ଅର୍ଥ ସଂଗ୍ରହ କଷ୍ଟକର ହୋଇପଡ଼େ । ପ୍ରଜାମାନେ ସମୃଦ୍ଧ ଥିଲେ କର ଦେଇଥାନ୍ତି । କର ଗ୍ରହଣରୁ ରାଜକୋଷର ଅଭିବୃଦ୍ଧି ଘଟିଥାଏ ।

GPNanda Colln., Digitized by srujanika@gmail.com

୪ । ରାଜ୍ୟମୂଳମିନ୍ଦ୍ରିୟଜୟଃ । (ରାଜ୍ୟମୂଳମ୍ ଇନ୍ଦ୍ରିୟ-ଜୟଃ)

ରାଜ୍ୟର ମୂଳ ହେଉଛି ଇନ୍ଦ୍ରିୟ ବିଜୟ ।

ରାଜ୍ୟର ରାଜ୍ୟଶ୍ରୀକୁ ସୁରକ୍ଷିତ କରି ରଖିବା ନିମିତ୍ତ ରାଜ୍ୟର ପ୍ରତ୍ୟେକ ସ୍ତରର କର୍ମଚାରୀମାନେ ଇନ୍ଦ୍ରିୟ ବିଜୟୀ ହେବା ଉଚିତ । ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟକୁ ଦମନ ନକଲେ ରାଜ୍ୟଶାସନ ଅସମ୍ଭବ ହୋଇପଡ଼େ । ସଂଯମର ଅଭାବରୁ ପ୍ରଜାମାନଙ୍କଠାରୁ ଉଚିତ କର ଗ୍ରହଣ, ସେମାନଙ୍କ ଆପତ୍ତି ଅଭିଯୋଗ ଶ୍ରବଣ, ସେମାନଙ୍କ ପ୍ରତି ସାମାଜିକ ନ୍ୟାୟ ପ୍ରଦର୍ଶନ କଷ୍ଟକର ହୋଇପଡ଼େ । ଫଳରେ ରାଜ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

୫ । ଇନ୍ଦ୍ରିୟ-ଜୟସ୍ୟ ମୂଳଂ ବିନୟଃ ।

ଇନ୍ଦ୍ରିୟ ବିଜୟର ମୂଳରେ ରହିଛି ବିନୟ । ସର୍ବକ୍ଷେତ୍ରରେ ନମ୍ରତା ତଥା ଶାଳୀନତାର ଅଭ୍ୟାସଦ୍ୱାରା ଇନ୍ଦ୍ରିୟମାନଙ୍କ ଉପରେ ବିଜୟ ବିସ୍ତାର କରାଯାଇପାରେ । ରାଜ୍ୟାଧିକାରୀ ବ୍ୟକ୍ତି ନିଜର ବିନମ୍ର ବ୍ୟବହାର ଦ୍ୱାରା ରାଷ୍ଟ୍ରର ଲୋକମତକୁ ବଶୀଭୂତ କରି ରଖିପାରନ୍ତି ।

୬ । ବିନୟସ୍ୟ ମୂଳଂ ବୃଦ୍ଧୋପସେବା । (ବିନୟସ୍ୟ ମୂଳଂ ବୃଦ୍ଧ ଉପସେବା)

ବିନୟର ମୂଳ ହେଉଛି ବୃଦ୍ଧଜନସେବା । ବୃଦ୍ଧ ବ୍ୟକ୍ତିମାନେ ସଂସାର ବିଷୟରେ ବିଶେଷ ଅଭିଜ୍ଞ । ସେମାନଙ୍କର ଜୀବନ ନାନାପ୍ରକାର ତିକ୍ତ, କଟୁ, ମଧୁର ଅନୁଭୂତିରେ ସମୃଦ୍ଧ । ସେମାନଙ୍କୁ ସେବା କରିବାଦ୍ୱାରା ତାଙ୍କଠାରୁ ସାଂସାରିକ ଜୀବନ ବିଷୟରେ ନାନାପ୍ରକାର ଉପଦେଶ ଗ୍ରହଣ କରାଯାଇଥାଏ । ଫଳରେ ବୃଦ୍ଧଜନସେବୀ ବ୍ୟକ୍ତିର ଅନୁଭୂତି ହୋଇଥାଏ ମାର୍ଜିତ ଏବଂ ମନ ହୋଇଥାଏ ବିନୟଗୁଣ ଓ ନମ୍ରତାରେ ପରିପୂର୍ଣ୍ଣ । ବୃଦ୍ଧଜନସେବାରୁ ମଣିଷ ବ୍ୟବହାରକୁଶଳତା ଶିକ୍ଷା କରିଥାଏ । ତେଣୁ କୁହାଯାଇଛି—

GPNanda Colln., Digitized by srujanika@gmail.com

ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା
ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍ ।
ନାସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି
ନ ତତ୍ସତ୍ୟଂ ଯଚ୍ଛଳେନାଭ୍ୟୁପେତମ୍ ॥

ସେ ସଭା ପ୍ରକୃତ ସଭା ନୁହେଁ ଯେଉଁଠାରେ ଅନୁଭବୀ ବୃଦ୍ଧ ନଥାନ୍ତି । ସେ ବୃଦ୍ଧଜନ ବୃଦ୍ଧ ନୁହନ୍ତି—ଯେଉଁମାନେ ଦଳଗତ ସ୍ୱାର୍ଥ କଳୁଷିତ ଦୁରଭିସଂଧିଯୁକ୍ତ ମନୋବୃତ୍ତି ପରିହାର କରି ଧର୍ମାନୁମୋଦିତ କଥା ନ କୁହନ୍ତି । ସେ ଧର୍ମକଥା ଧର୍ମ ନୁହେଁ—ଯାହା କି ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ । ସେ ସତ୍ୟ ସତ୍ୟ ନୁହେଁ—ଯାହା ଛଳନା ଉପରେ ପ୍ରତିଷ୍ଠିତ ।

୭ । ବୃଦ୍ଧସେବୟା ବିଜ୍ଞାନମ୍ ।

ବୃଦ୍ଧଜନସେବାରୁ ମଣିଷ ହୋଇଥାଏ ବିଜ୍ଞାନଯୁକ୍ତ ଅର୍ଥାତ୍ ବିଭିନ୍ନ ଅନୁଭୂତିସଂପନ୍ନ ।

୮ । ବିଜ୍ଞାନେନାତ୍ମାନଂ ସଂପାଦୟେତ୍ । (ବିଜ୍ଞାନେନ ଆତ୍ମାନଂ ସଂପାଦୟେତ୍)

ରାଜ୍ୟାଭିଳାଷୀ ବ୍ୟକ୍ତି ବିଜ୍ଞାନ (ବିଶେଷ ଜ୍ଞାନ ବା ବିବେକୀ ମନ) ସଂପନ୍ନ ହୋଇ ନିଜ ଆତ୍ମାର ଉନ୍ନତି କରିଥାଏ । ଆଦର୍ଶ ତଥା ଚରିତ୍ର ଶାସକ ରୂପରେ ନିଜକୁ ପ୍ରତିଷ୍ଠିତ କରିବା ରାଜ୍ୟାଭିଳାଷୀ ବ୍ୟକ୍ତିର କର୍ତ୍ତବ୍ୟ । ସେ ଶାସନ ବିଷୟକୁ ନିଜର ସ୍ୱାର୍ଥସାଧନ କ୍ଷେତ୍ରରେ ପରିଣତ ନକରି ସେବା କ୍ଷେତ୍ରରେ ପରିଣତ କରିବା ଆବଶ୍ୟକ । ପ୍ରଜାମାନଙ୍କ ଆଗରେ ସେ ନିଜକୁ ଅନୁକରଣୀୟ ତଥା ଆଦର୍ଶ ଚରିତ୍ର ରୂପରେ ରଖିବା କଥା ।

୯ । ସଂପାଦିତାତ୍ମା ଜିତାତ୍ମା ଭବତି ।

ବିଜ୍ଞାନସଂପନ୍ନ ବ୍ୟକ୍ତି ଆତ୍ମବିଜୟୀ ହୋଇଥାଏ । ବିଜ୍ଞାନଦ୍ୱାରା ନିଜର ଜ୍ଞାନ ଓ ଅନୁଭୂତି ମାର୍ଜିତ ହେଲାପରେ ବ୍ୟକ୍ତି ନିଜର ଇନ୍ଦ୍ରିୟମାନଙ୍କର ପ୍ରଭାବକୁ ଦମନ କରିବାକୁ ସମର୍ଥ ହୋଇଥାଏ । ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା

GPNanda Colln., Digitized by srujanika@gmail.com

ମନୁଷ୍ୟକୁ ଜିତାତ୍ମାରେ ପରିଣତ କରେ । ଯେତେବେଳେ ମନୁଷ୍ୟର ଅନ୍ତରାତ୍ମା ହୁଏ ପ୍ରସନ୍ନ, ନିର୍ମଳ ଓ ସ୍ୱଚ୍ଛ, ସେତେବେଳେ ସେ ହୁଏ ଜିତାତ୍ମା । ସେ ସମସ୍ତଙ୍କ ଉପରେ ବିଜୟ ବିସ୍ତାର କରିବାକୁ ସମର୍ଥ ହୋଇଥାଏ । ରାଜା ନ୍ୟାୟନିଷ୍ଠ ଓ କର୍ତ୍ତବ୍ୟପରାୟଣ ନହୋଇ ଯଦି ଉଚ୍ଛୃଙ୍ଖଳ ଜୀବନ କାର୍ଯ୍ୟ କରି ବସେ, ତାହାହେଲେ ସେ ରାଜ୍ୟ ସତ୍ତାକୁ ଧ୍ୱଂସ କରିଥାଏ । ବୃହସ୍ପତିଙ୍କ ଭାଷାରେ 'ଆତ୍ମବାନ୍ ରାଜା' ରାଜାକୁ ଉତ୍ତମ—ଶାସକ ରୂପରେ ପରିଣତ ହେବାକୁ ହେଲେ, ପ୍ରଜାମାନଙ୍କ ଉପରେ ଶାସନ କରିବା ପୂର୍ବରୁ ନିଜେ ନିଜକୁ ଶାସନ କରିବା ଆବଶ୍ୟକ ।

୧୦ । ଜିତାତ୍ମା ସର୍ବାର୍ଥୈଃ ସଂଯୁଜ୍ୟେତ ।

ଜିତାତ୍ମା ନୀତିପରାୟଣ ବ୍ୟକ୍ତି ସମସ୍ତ ସମ୍ପତ୍ତିସମ୍ପନ୍ନ ହୋଇଥାଏ । ନିଜ ଉପରେ ବିଜୟ ବିସ୍ତାର କରିଥିବା ବ୍ୟକ୍ତି ରାଜ୍ୟସଂସ୍ଥାରେ ପ୍ରବେଶ କରି ଯେ କୌଣସି କାର୍ଯ୍ୟରେ ହାତ ଦେଲେ ସେ ସେଥିରେ ସଫଳକାମ ହୋଇଥାଏ । ଐଶ୍ୱର୍ଯ୍ୟ ଓ ସିଦ୍ଧି ଜିତେନ୍ଦ୍ରିୟ ବ୍ୟକ୍ତି ନିକଟକୁ ଗୁଡ଼ି ଗୁଡ଼ି ଆସିଥାଏ । ବୃହସ୍ପତିଙ୍କ ଭାଷାରେ 'ଗୁଣବତୋ ରାଜ୍ୟମ୍'—ରାଜ୍ୟରେ ଗୁଣୀ ବ୍ୟକ୍ତିର ଅଧିକାର ଥାଏ । କେବଳ ବେତନଭୋଗୀ, ଉତ୍କୋଚଜୀବୀ, ଭୋଜନପରାୟଣ ଲୋକଙ୍କଦ୍ୱାରା ରାଜ୍ୟ ଉତ୍ତମରୂପେ ଶାସିତ ହୋଇପାରେ ନାହିଁ । ଦେଖାଯାଏ, ଗୁଣବିହୀନ ଅଜିତେନ୍ଦ୍ରିୟ ବ୍ୟକ୍ତିମାନଙ୍କ ହାତରେ ରାଜ୍ୟର ସକଳ ଦୁର୍ଗତି ଘଟିଥାଏ ତଥା ପ୍ରଜାମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଥାଏ । ଅଯୋଗ୍ୟ ଓ ଅଜିତେନ୍ଦ୍ରିୟ ବ୍ୟକ୍ତି ହାତରେ ରାଜ୍ୟଶାସନ ପଡ଼ିବାର ଅର୍ଥ ରାଜ୍ୟ ପ୍ରତି ଘୋର ଅନିଷ୍ଟକାରକ ।

୧୧ । ଅର୍ଥସମ୍ପତ୍ ପ୍ରକୃତିସମ୍ପଦଂ କରୋତି ।

ଅର୍ଥସମ୍ପତ୍ତି ମନ୍ତ୍ରୀ ଆଦି ପ୍ରକୃତିସମ୍ପତ୍ତିକୁ (ପ୍ରଜାବର୍ଗ) ସୃଷ୍ଟି କରିଥାଏ । ଅର୍ଥସମ୍ପଦ, ମନ୍ତ୍ରୀ ତଥା କର୍ମଚାରୀ ନିଯୁକ୍ତି, ସେମାନଙ୍କୁ ଭତ୍ତା ପ୍ରଦାନ ଓ ପ୍ରଜାମାନଙ୍କ କୁଶଳ ସମ୍ପାଦନରେ ସହାୟକ ହୋଇଥାଏ ।

GPNanda Colln., Digitized by srujanika@gmail.com

୧୨ । ପ୍ରକୃତିସଂପଦା ହ୍ୟାନାୟକମପି ରାଜ୍ୟଂ ନୀୟତେ ।
(ପ୍ରକୃତିସଂପଦା ହି ଅନାୟକମ୍ ଅପି ରାଜ୍ୟମ୍ ନୀୟତେ)

ପ୍ରକୃତି ସମ୍ପତ୍ତି (ରାଜକର୍ମଚାରୀ ଓ ପ୍ରଜା) ଦ୍ୱାରା ନେତାବିହୀନ ରାଜ୍ୟକୁ ସଞ୍ଚାଳନ ମଧ୍ୟ କରାଯାଇଥାଏ । ରାଜା ବା ନେତାର ଅଭାବ ସ୍ଥଳରେ ସୁଶିକ୍ଷିତ, ମାର୍ଜିତ, ନ୍ୟାୟନିଷ୍ଠ ଓ କର୍ତ୍ତବ୍ୟପରାୟଣ ପ୍ରଜାବର୍ଗଙ୍କଦ୍ୱାରା ରାଜ୍ୟ ସୁନ୍ଦର ରୂପରେ ପରିଚାଳିତ ହୋଇଥାଏ । ଶାସନର ଉତ୍ତମ ବ୍ୟବସ୍ଥା ରାଜା ଓ ପ୍ରଜାଙ୍କ ଉନ୍ନତି ଓ ସାହାଯ୍ୟ ଉପରେ ନିର୍ଭରଶୀଳ ।

୧୩ । ପ୍ରକୃତିକୋପଃ ସର୍ବକୋପେଭ୍ୟୋ ଗରୀୟାନ୍ ।

ରାଜକର୍ମଚାରୀ ତଥା ପ୍ରଜାମାନଙ୍କର କୋପ ସବୁ କୋପଠାରୁ ବଳବାନ୍ । ଦୁଃଶାସନ, ଅନ୍ୟାୟ, ଶୋଷଣ, ପୀଡ଼ନ, କୁଶିକ୍ଷା, ଭ୍ରଷ୍ଟାଚାର ଅତି ବ୍ୟାପିଲେ ପ୍ରଜାମାନଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଥାଏ । ପ୍ରଜାର କୋପ କ୍ରମେ ସଙ୍ଗଠିତ ହୋଇ ରାଜାକୁ ରାଜଚ୍ୟୁତ କରିଥାଏ ।

ଅଶ୍ରୁରପ୍ୟଂହନ୍ତି ବରଦ୍ରାଃ
ପ୍ରଭୂମନ୍ତ୍ରୀଃ ପ୍ରକୃତିପ୍ରକୋପଜାଃ ।
ଅଖିଲଂ ହି ହନନ୍ତି ଭୂଧରଂ
ତରୁ-ଶାଖାନ୍ତ-ନିଘର୍ଷଜୋଽନଲଃ ॥ (ଭାରବି)

ପର୍ବତସ୍ଥିତ ବୃକ୍ଷର ଅଗ୍ର ଶାଖାର ଘର୍ଷଣରୁ ଉତ୍ପନ୍ନ ଅଗ୍ନି ଯେପରି କେବଳ ସେହି ବୃକ୍ଷକୁ ଜାଳି ଧ୍ୱଂସ କରିନଥାଏ ବରଂ ପର୍ବତର ସକଳ ବୃକ୍ଷ ଓ ବନକୁ ଜାଳି ଧ୍ୱଂସ କରିଥାଏ—ସେହିପରି କ୍ଷୁଦ୍ର ବ୍ୟକ୍ତିର ନ୍ୟାୟସଙ୍ଗତ କୋପରୁ ଉତ୍ପନ୍ନ କ୍ଷୁଦ୍ର ବିଦ୍ରୋହ ସମସ୍ତ ପ୍ରଭୁସତ୍ତାକୁ ମଧ୍ୟ ଧ୍ୱଂସ କରିବାକୁ ସମର୍ଥ ହୋଇଥାଏ ।

୧୪ । ଅବିନୀତ-ସ୍ୱାମିଲାଭାଦସ୍ୱାମିଲାଭଃ ଶ୍ରେୟାନ୍ ।
(ସ୍ୱାମିଲାଭାତ୍ ଅସ୍ୱାମିଲାଭଃ)

ଅବିନୀତ ସ୍ୱାମୀ ମିଳିବାଠାରୁ ସ୍ୱାମୀ ନମିଳିବା ଶ୍ରେୟସ୍କର । ଅଯୋଗ୍ୟକୁ ରାଜପଦରେ ରଖିବା ଅପେକ୍ଷା କୌଣସି ରାଜାକୁ ନ ରଖିବା ରାଷ୍ଟ୍ର ପକ୍ଷରେ

GPNanda Colln., Digitized by srujanika@gmail.com

କଲ୍ୟାଣକାରକ । ସତ୍ୟହୀନ, ନୀତିହୀନ, ଅତ୍ୟାଚାରୀ, ସ୍ୱାର୍ଥପରାୟଣ ରାଜା ଅପେକ୍ଷା ରାଜଶୂନ୍ୟତା ରାଷ୍ଟ୍ରପକ୍ଷରେ ବରଂ ଶ୍ରେୟସ୍କର ।

୧୫ । ସଂପାଦ୍ୟମାତ୍ମାନମନ୍ୱିଚ୍ଛେତ୍ ସହାୟବାନ୍ ।
(ସଂପାଦ୍ୟମ୍ ଆତ୍ମାନମ୍ ଅନ୍ୱିଚ୍ଛେତ୍)

ନିଜକୁ ସଙ୍ଗଠିତ କରିସାରିଲା ପରେ ସହାୟକ ଅନ୍ୱେଷଣ କରିବା ଉଚିତ । ରାଜା ବା ଶାସକ ନିଜର ଇନ୍ଦ୍ରିୟମାନଙ୍କୁ ଜୟ କରି ନୀତି, ସତ୍ୟ, ବିନୟ ଆଦି ଗୁଣଦ୍ୱାରା ନିଜକୁ ସୁସଂପନ୍ନ କରିସାରି ରାଜ୍ୟ ସଞ୍ଚାଳନ ନିମିତ୍ତ ଯୋଗ୍ୟ, ଗୁଣୀ ତଥା କାର୍ଯ୍ୟକୁଶଳୀ ସହାୟକମାନଙ୍କୁ ଖୋଜି ନିଯୁକ୍ତି ଦେବା ଉଚିତ । ରାଜ୍ୟର ସ୍ଥିରତା ତଥା ସମୃଦ୍ଧି କୁଶଳୀ ସହାୟକଙ୍କ କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରେ ।

୧୬ । ନା ସହାୟସ୍ୟ ମନ୍ତ୍ରନିଶ୍ଚୟଃ । (ନ ଅସହାୟସ୍ୟ)

ସହାୟକବିହୀନ ବ୍ୟକ୍ତିର ବିଚାର ଅନିଶ୍ଚିତ ହୋଇଥାଏ । ବ୍ୟକ୍ତି ନିଜ ଚିନ୍ତାଧାରାର ଭଲମନ୍ଦ ବିଚାର ପାଇଁ ଅନ୍ୟର ପରାମର୍ଶ ଚାହିଁଥାଏ । ମନ୍ତ୍ରି-ମଣ୍ଡଳର ବୌଦ୍ଧିକ ପରାମର୍ଶ ବ୍ୟତୀତ ରାଜା ନିଜେ ନିଜର ସୀମିତ ବୁଦ୍ଧି ଓ ଅନୁଭୂତି ବଳରେ ରାଜ୍ୟକୁ ସୁନ୍ଦର ରୂପରେ ପରିଚାଳିତ କରିପାରେ ନାହିଁ । ରାଜ୍ୟ ସଂସ୍ଥା ବ୍ୟକ୍ତିଗତ ସଂସ୍ଥା ନୁହେଁ । ରାଜାକୁ ଚରିତ୍ରବାନ୍, ବୁଦ୍ଧିମାନ୍, ନୀତିନିଷ୍ଠ ବ୍ୟକ୍ତିଙ୍କ ନିକଟରୁ ପରାମର୍ଶ ନେବାକୁ ପଡ଼ିଥାଏ । ମହାମନ୍ତ୍ରୀ, ନ୍ୟାୟାଧୀଶ, ରାଜ୍ୟଶ୍ରେଷ୍ଠୀ ଓ ସେନାପତି ଏ ଚାରିଟି ସଂସ୍ଥା ରାଜ୍ୟର ମହତ୍ତ୍ୱ-ପୂର୍ଣ୍ଣ ସଂସ୍ଥା । ବ୍ୟବହାରକୁଶଳୀ ସଦାଚାରୀ ବ୍ୟକ୍ତିମାନେ ରାଜାକୁ କର୍ତ୍ତବ୍ୟ ଅକର୍ତ୍ତବ୍ୟ ବିଷୟରେ ପରାମର୍ଶ ଦିଅନ୍ତି । ରାଷ୍ଟ୍ରର ଉନ୍ନତି ବିଷୟରେ ଯେଉଁଠାରେ ସବୁ ବ୍ୟକ୍ତି ଏକମତ ପୋଷଣ କରନ୍ତି, ତାହାକୁ ମନ୍ତ୍ର କୁହାଯାଏ ।

୧୭ । ନୈକ ଚକ୍ରଂ ପରିଭ୍ରମୟତି ।

ଏକଚକ୍ରବିଶିଷ୍ଟ ରଥ ବା ଗାଡ଼ି ଚାଲିପାରେ ନାହିଁ—ଅନ୍ୟ ଚକ୍ରର ଆବଶ୍ୟକତା ଥାଏ । ରାଜ୍ୟରୂପକ ରଥର ଚାଳନ ନିମିତ୍ତ ଅନ୍ୟ ଚକ୍ରର ଆବଶ୍ୟକତା ଥାଏ । ସହାୟକ ବିନା ରାଜା ରାଜ୍ୟଶାସନ କରିବା ଅସମ୍ଭବ ।

GPNanda Colln., Digitized by srujanika@gmail.com

୧୮ । ସହାୟଃ ସମସୁଖଦୁଃଖଦଃ ।

ପ୍ରକୃତ ସହାୟକ ହେଉଛନ୍ତି ସେମାନେ, ଯେଉଁମାନେ ସ୍ୱାମୀର ସୁଖ ଓ ଦୁଃଖରେ ସମଭାଗୀ ।

୧୯ । ମାନୀ ପ୍ରତିମାନିନମାତ୍ମନି ଦ୍ୱିତୀୟଂ ମନ୍ତ୍ରମୁତ୍ପାଦୟେତ୍ ।
(ପ୍ରତିମାନିନଂ ଆତ୍ମନି ଦ୍ୱିତୀୟଂ ମନ୍ତ୍ରମ୍ ଉତ୍ପାଦୟେତ୍)

ମନସ୍ୱୀ ରାଜା ନିଜ ସମାନ ଅପର ମନସ୍ୱୀ ବ୍ୟକ୍ତିଙ୍କୁ ନିଜର ପରାମର୍ଶ-ଦାତା ରୂପେ ନିଯୁକ୍ତ କରିବା ଉଚିତ । କୌଣସି କଠିନ ସମସ୍ୟା ଜାତ ହେଲେ ରାଜା ସମସ୍ୟାର ସମାଧାନ ଉପରେ ଅନୁକୂଳ ଓ ପ୍ରତିକୂଳ ଯୁକ୍ତି ବିଷୟକ ପରାମର୍ଶ ନେବା ଉଚିତ । କୁହାଯାଇଛି 'ରାଜା ପ୍ରଜ୍ଞାସହାୟବାନ୍' । ଉପସ୍ଥିତ ସମସ୍ୟାର ସମାଧାନରେ ରାଜା କର୍ତ୍ତବ୍ୟ ନିଶ୍ଚୟ ନିମିତ୍ତ ଆତ୍ମାଭିମୁଖୀ ହେବା ଆବଶ୍ୟକ । ଉଚିତ ତଥା ଅନୁଚିତ ଦିଗକୁ ସ୍ଥିର କରି ଉପାୟ ପ୍ରୟୋଗ କରିବା ବିଧେୟ ।

୨୦ । ଅବିନୀତଂ ସ୍ନେହମାତ୍ରେଣ ନ ମନ୍ତ୍ରେ କୁର୍ବୀତ ।

ସ୍ନେହ ବଶରୁ ଅବିନୀତ, ବିନୟହୀନ, ସତ୍ୟହୀନ ତଥା କାର୍ଯ୍ୟାକାର୍ଯ୍ୟ ବିବେକବିହୀନ ବ୍ୟକ୍ତିକୁ ପରାମର୍ଶ ସମୟରେ ସମ୍ମିଳିତ ହେବାକୁ ସୁବିଧା ଦେବା ଅନୁଚିତ । କାରଣ ଅବିନୀତ ବ୍ୟକ୍ତି ଧୃଷ୍ଟତା ପ୍ରକାଶ କରିପାରେ ଅଥବା କୁପରାମର୍ଶ ବାଢ଼ିପାରେ ।

୨୧ । ଶ୍ରୁତବନ୍ତମୁପଧାଶୁଦ୍ଧଂ ମନ୍ତ୍ରିଣଂ କୁର୍ବୀତ ।

ବହୁଶ୍ରୁତ ଏବଂ ସବୁ ଦିଗରୁ ପରୀକ୍ଷିତ ବ୍ୟକ୍ତିଙ୍କୁ ମନ୍ତ୍ରୀପଦରେ ନିଯୁକ୍ତ କରିବା ଉଚିତ । ଶ୍ରୁତବନ୍ତର ଅର୍ଥ ହେଉଛି ତର୍କଶାସ୍ତ୍ର, ଦଣ୍ଡନୀତି ବାର୍ତ୍ତା ଆଦି ବିଦ୍ୟାରେ ନିପୁଣ ବ୍ୟକ୍ତି । ମନ୍ତ୍ରୀମାନେ ଶୁଦ୍ଧବଂଶଜ, ସବୁପ୍ରକାର ଯାନବାହନ ଚାଳନରେ କୁଶଳୀ, ଯୁଦ୍ଧ ଅସ୍ତ୍ର ଆଦି ବିଦ୍ୟାରେ ପାରଂଗମ, ଅବିସ୍ମରଣଶୀଳ, ମଧୁରଭାଷୀ, ଚତୁର, ପ୍ରତିକାର ପ୍ରତିବଚନରେ ସମର୍ଥ, କଷ୍ଟସହିଷ୍ଣୁ, ଶୁଦ୍ଧସ୍ନିଗ୍ଧ ବ୍ୟବହାରୀ, ରାଜାନୁରାଗୀ, ଶୀଳ, ବଳ,

GPNanda Colln., Digitized by srujanika@gmail.com

ଆରୋଗ୍ୟଶୀଳ, ବୁଦ୍ଧିସମ୍ପନ୍ନ, ଗର୍ବହୀନ, ନମ୍ର, ସ୍ଥିରବୁଦ୍ଧି ତଥା ସର୍ବୋଚ୍ଚ ହେବା ଆବଶ୍ୟକ । ତେଣୁ ଶ୍ରୁତବନ୍ତ ଓ ସତ୍ଚରିତ୍ର ବ୍ୟକ୍ତି ମନ୍ତ୍ରୀପଦ ପାଇଁ ଭାଜନ ।

୨୨ । ମନ୍ତ୍ରମୂଳାଃ ସର୍ବାରମ୍ଭାଃ ।

ହିତାହିତ ବିଷୟର ଗୁପ୍ତ ପରାମର୍ଶ ହେଉଛି ମନ୍ତ୍ର । ରାଷ୍ଟ୍ରର ସୁବ୍ୟବସ୍ଥା ତଥା ଅପର ରାଷ୍ଟ୍ର ସହିତ ସନ୍ଧି ବିଗ୍ରହ ସମ୍ପାଦନ ଆଦି କାର୍ଯ୍ୟ ଚିନ୍ତାପୂର୍ବକ ସ୍ଥିର କରିବା ଉଚିତ । ତେଣୁ ଶାସକ କୌଣସି କାର୍ଯ୍ୟରେ ହାତ ଦେବା ପୂର୍ବରୁ ମନ୍ତ୍ରର ଅର୍ଥାତ୍ ପରାମର୍ଶର ମତକୁ ଗ୍ରହଣ କରିବା ସମୀଚୀନ ।

୨୩ । ମନ୍ତ୍ରରକ୍ଷଣେ କାର୍ଯ୍ୟସିଦ୍ଧିର୍ଭବତି ।

କାର୍ଯ୍ୟସମ୍ବନ୍ଧୀ ହିତାହିତ ଚିନ୍ତାରୂପୀ ମନ୍ତ୍ରକୁ ଗୋପନରେ ରଖିବାଦ୍ୱାରା କାର୍ଯ୍ୟସିଦ୍ଧି ଘଟିଥାଏ । ମନ୍ତ୍ରକୁ ରକ୍ଷା କରାନଗଲେ ମନ୍ତ୍ର ପ୍ରକାଶିତ ହୋଇ-ଯାଏ । କୁହାଯାଇଛି 'ଉଚ୍ଛିନ୍ଦ୍ୟାତ୍ ମନ୍ତ୍ରଭେଦନଃ'—ମନ୍ତ୍ରକୁ ପ୍ରକାଶ କରି-ଦେଉଥିବା ବ୍ୟକ୍ତିମାନଙ୍କୁ ହତ୍ୟା କରିଦେବା ଉଚିତ । ବୃହସ୍ପତି କହିଛନ୍ତି— 'ମନ୍ତ୍ରମୂଳୋ ବିଜୟଃ'—ମନ୍ତ୍ରରୁ ବିଜୟ ମିଳିଥାଏ ।

୨୪ । ମନ୍ତ୍ରବିସ୍ରାବୀ କାର୍ଯ୍ୟମ୍ ନାଶୟତି ।

ମନ୍ତ୍ରଣାର ଗୁପ୍ତଭେଦକୁ ପ୍ରକାଶ କରୁଥିବା ବ୍ୟକ୍ତି କାର୍ଯ୍ୟକୁ ନଷ୍ଟ କରିଦେଇଥାଏ ।

୨୫ । ପ୍ରମାଦାତ୍ ଦ୍ୱିଷତାଂ ବଶମୁପଯାସ୍ୟତି । (ବଶମ୍ ଉପଯାସ୍ୟତି)

ଯଦି ରାଜା ଓ କର୍ମଚାରୀମାନେ ମନ୍ତ୍ରରକ୍ଷାରେ କିଞ୍ଚିତ୍ ପ୍ରମାଦ କରନ୍ତି, ଅର୍ଥାତ୍ ମନ୍ତ୍ର ଶୁଣିବାରେ ଅନଧିକାରୀ ବ୍ୟକ୍ତିଠାରୁ ମନ୍ତ୍ରକୁ ଗୋପନ ନରଖନ୍ତି, ତାହାହେଲେ ସେ ନିଜ ରହସ୍ୟକୁ ଶତ୍ରୁଠାରେ ପହଞ୍ଚାଇଦେଇ ତା'ର ବଶୀଭୂତ ହୋଇପଡ଼ନ୍ତି ।

GPNanda Colln., Digitized by srujanika@gmail.com

୨୬ । ସର୍ବଦ୍ୱାରେଭ୍ୟୋ ମନ୍ତ୍ରୋ ରକ୍ଷିତବ୍ୟଃ ।

ତେଣୁ ସବୁପ୍ରକାରରେ ମନ୍ତ୍ରଣାକୁ ସୁରକ୍ଷିତ କରି ରଖିବା ବିଧେୟ ।

୨୭ । ମନ୍ତ୍ରସମ୍ପଦା ରାଜ୍ୟଂ ବର୍ଦ୍ଧତେ ।

ମନ୍ତ୍ରଣାର ସୁରକ୍ଷାଦ୍ୱାରା ରାଜ୍ୟର ଅଭିବୃଦ୍ଧି ସାଧିତ ହୋଇଥାଏ ।

ଚତ୍ୱାରି ରାଜ୍ଞା ତୁ ମହାବଲେନ
ବର୍ଜ୍ୟାନ୍ୟାହୁଃ ପଣ୍ଡିତସ୍ତାନି ବିଦ୍ୟାତ୍ ।
ଅଳ୍ପପ୍ରଜ୍ଞୈଃ ସହ ମନ୍ତ୍ରଂ ନ କୁର୍ଯ୍ୟାନ୍ନ
ଦୀର୍ଘସୂତ୍ରୈଃ ରଭସୈଶ୍ଚାରଣୈଶ୍ଚ ।। ବିଦୁର ।

ମହାବଳୀ ରାଜା ହୀନବୁଦ୍ଧି, ଦୀର୍ଘସୂତ୍ରୀ, ବିଚାରଶୂନ୍ୟ, ମୂର୍ଖ ହେଉଛି ସମ୍ମତ ଦେଉଥିବା ତଥା ଚାଟୁକାରଙ୍କ ସହିତ ମନ୍ତ୍ରଣା କରିବା ଠିକ୍ ନୁହେଁ ।

୨୮ । ଶ୍ରେଷ୍ଠତମାଂ ମନ୍ତ୍ରଗୁପ୍ତିମାହୁଃ । (ମନ୍ତ୍ରଗୁପ୍ତିମ୍ ଆହୁଃ)

ମନ୍ତ୍ରଣାକୁ ଗୋପନ ରଖିବା ସବୁଠାରୁ ବଡ଼ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ । ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରରେ ବିପ୍ଳବ ସୃଷ୍ଟି କରିବା ପାଇଁ ନାନାପ୍ରକାର କୁଟିଳ ଉପାୟ ପ୍ରୟୋଗ କରିଥାଏ । ଅନ୍ୟ ରାଷ୍ଟ୍ରର ପରାମର୍ଶକୁ ଜାଣିବା ପାଇଁ ଗୁଇନ୍ଦା ବିଭାଗର ବ୍ୟକ୍ତିକୁ ନିଯୁକ୍ତ କରିଥାଏ । ପର ରାଷ୍ଟ୍ରର ଶତ୍ରୁ, ଲୋଭୀ, ଛିଦ୍ରାନ୍ୱେଷୀ ବ୍ୟକ୍ତି ମନ୍ତ୍ରଭେଦରେ ଲିପ୍ତ ରହିଥାନ୍ତି । ସେମାନଙ୍କ ନିକଟରୁ ଅପର ରାଷ୍ଟ୍ରଦ୍ୱାରା ନିଯୁକ୍ତ ବ୍ୟକ୍ତି 'ମନ୍ତ୍ର' ଜାଣିବାକୁ ସମର୍ଥ ହୋଇ-ଥାନ୍ତି । ରାଷ୍ଟ୍ରଦ୍ୱାରା ଦଣ୍ଡିତ ବ୍ୟକ୍ତି ବା ବହିଷ୍କୃତ ବ୍ୟକ୍ତି ନିଜ ରାଷ୍ଟ୍ରର ଗୁପ୍ତ ପରାମର୍ଶକୁ ଅନ୍ୟ ରାଷ୍ଟ୍ରର ଗୁଇନ୍ଦା ବିଭାଗକୁ ଦେଇଦେଇଥାଏ । ତେଣୁ ମନ୍ତ୍ରକୁ ଗୋପନ ରଖିବାରେ ସବୁପ୍ରକାର ସାବଧାନତା ଅବଲମ୍ବନୀୟ ।

୨୯ । କାର୍ଯ୍ୟାନ୍ଧସ୍ୟ ପ୍ରଦୀପୋ ମନ୍ତ୍ରଃ ।

କର୍ତ୍ତବ୍ୟ ଅକର୍ତ୍ତବ୍ୟ ଜ୍ଞାନବିହୀନ ଶାସକ ପକ୍ଷରେ ମନ୍ତ୍ରଣା ହେଉଛି ଦୀପସଦୃଶ । ଉପଯୁକ୍ତ ମନ୍ତ୍ରଣା ଶାସକକୁ ଉଚିତ ପଥ ଦେଖାଇଥାଏ ।

GPNanda Colln., Digitized by srujanika@gmail.com

୩୦ । ମନ୍ତ୍ରଚକ୍ଷୁଷା ପରଚ୍ଛିଦ୍ରାଣ୍ୟବଲୋକୟନ୍ତି ।

ମନ୍ତ୍ରରୂପୀ ଚକ୍ଷୁଦ୍ୱାରା ରାଜା ନିଜ ଶତ୍ରୁର ଦୋଷ ଦର୍ଶନରେ ସମର୍ଥ ହୋଇଥାଏ ।

୩୧ । ମନ୍ତ୍ରକାଳେ ନ ମତ୍ସରଃ କର୍ତ୍ତବ୍ୟଃ ।

ମନ୍ତ୍ରଣା କାଳରେ ଈର୍ଷା ପ୍ରଦର୍ଶନ ଅନୁଚିତ । ଅର୍ଥାତ୍ ପରାମର୍ଶ ସମୟରେ ଜଣେ ଅନ୍ୟ ଜଣକର ମତକୁ ଖଣ୍ଡନ କରି ନିଜର ମୂଲ୍ୟବାନ୍ ଅଭିମତ ଦେଇପାରେ । ସେପରି ସ୍ଥଳରେ ଯାହାର ଯୁକ୍ତି ଖଣ୍ଡିତ ହୋଇଯାଏ, ସେ ବ୍ୟକ୍ତି ଈର୍ଷା ପୋଷଣ କରିବା ଅନୁଚିତ । ଈର୍ଷାଭାବ ଦେଖାଦେଲେ ଅନ୍ୟର ସୁପରାମର୍ଶକୁ ସେ ଆନ୍ତରିକତାର ସହିତ ଗ୍ରହଣ କରିବାକୁ କୁଣ୍ଠା ବୋଧ କରିବ ।

୩୨ । ତ୍ରୟାଣାମେକବାକ୍ୟେ ସମ୍ପ୍ରତ୍ୟୟଃ । (ତ୍ରୟାଣାମ୍ ଏକବାକ୍ୟେ)

ମନ୍ତ୍ରଗ୍ରହୀତା, ମନ୍ତ୍ରଣାଦାତା, ବିଶ୍ୱସ୍ତ ହିତୈଷୀ ମହାମନ୍ତ୍ରୀ—ଏ ତିନିଜଣ ଏକମତ ହେଲେ ବିଷୟଟି ନିଶ୍ଚିତ ରୂପେ ସ୍ୱୀକୃତ ହୋଇଥାଏ ।

୩୩ । କାର୍ଯ୍ୟାକାର୍ଯ୍ୟତତ୍ତ୍ୱାର୍ଥଦର୍ଶିନୋ ମନ୍ତ୍ରିଣଃ ।

କାର୍ଯ୍ୟ ଓ ଅକାର୍ଯ୍ୟର (କରଣୀୟ ଓ ଅକରଣୀୟ) ବାସ୍ତବିକତାକୁ ନିର୍ଣ୍ଣୟ କରୁଥିବା ବ୍ୟକ୍ତି ହେଉଛନ୍ତି ମନ୍ତ୍ରୀଗଣ ।

୩୪ । ଷଟ୍‌କର୍ଣ୍ଣାଦ୍ ଭିଦ୍ୟତେ ମନ୍ତ୍ରଃ ।

ପରାମର୍ଶ ଛ' କାନରେ ପଡ଼ିଗଲେ ତା'ର ଭେଦ ପ୍ରକାଶିତ ହୋଇପଡ଼େ ।

୩୫ । ଆପତ୍ସୁ ସ୍ନେହସଂଯୁକ୍ତଂ ମିତ୍ରମ୍ ।

ଯେଉଁ ବ୍ୟକ୍ତି ବିପଦ ସମୟରେ ସ୍ନେହଯୁକ୍ତ ହୋଇ ନିକଟରେ ରହିଥାଏ ସେହି ହେଉଛି ପ୍ରକୃତ ମିତ୍ର ।

GPNanda Colln., Digitized by srujanika@gmail.com

ସ କିଂ ସଖା ସାଧୁ ଚ ଶାସ୍ତି ଯୋଽଧିପଂ
ହିତାନ୍ନ ଯଃ ସଶୃଣୁତେ ସ କିଂ ପ୍ରଭୁଃ ।
ସଦାନୁକୂଲେଷୁ ହି କୁର୍ବତେ ରତିଂ
ନୃପେଷ୍ୱମାତ୍ୟେଷୁ ଚ ସର୍ବସମ୍ପଦଃ ।। ଭାରବି ।

ସେ ସଖା ସଖା ନୁହେଁ, ଯେ ସ୍ୱାମୀକୁ ହିତ ଉପଦେଶ ନ ଦିଏ । ନିଜ ହିତାକାଂକ୍ଷୀ ମିତ୍ରଠାରୁ ଯେ କଲ୍ୟାଣକାରୀ କଥା ନଶୁଣେ ସେ ସ୍ୱାମୀ ପ୍ରକୃତ ସ୍ୱାମୀ ନୁହେଁ । ପ୍ରକୃତ ମିତ୍ର ରାଜାର ହିତକାରୀ କଥାକୁ ରାଜା ଶୁଣିବାକୁ ଉଦ୍ୟତ ନ ହେଉଥିଲେ ସୁଦ୍ଧା ବଳପୂର୍ବକ କହୁଥାଏ, ନିଜ ମିତ୍ରର କଟୁ ଅଥଚ ହିତକାରୀ କଥାକୁ ଶ୍ରଦ୍ଧାପୂର୍ବକ ଶୁଣିବା ଉଚିତ । ତାହାହେଲେ ରାଜା, ମିତ୍ର ଓ ଅମାତ୍ୟ ଭିତରେ ଏକମତ ପ୍ରତିଷ୍ଠିତ ହୋଇଥାଏ ।

୩୬ । ମିତ୍ରସଂଗ୍ରହଣେ ବଳଂ ସମ୍ପଦ୍ୟତେ ।

ପ୍ରକୃତ ମିତ୍ର ସଂଗ୍ରହଦ୍ୱାରା ମନୁଷ୍ୟର ବଳ ବଢ଼ିଥାଏ ।

୩୭ । ବଳବାନ୍ଲବ୍ଧଲାଭେ ପ୍ରଯତତେ ।

ପ୍ରକୃତ ମିତ୍ରମାନଙ୍କ ବଳରୁ ବଳବାନ୍ ବ୍ୟକ୍ତି ଅପ୍ରାପ୍ତ ବସ୍ତୁ (ଐଶ୍ୱର୍ଯ୍ୟ) ଲାଭରେ ଯତ୍ନଶୀଳ ହୋଇଥାଏ ।

୩୮ । ଅଲବ୍ଧଲାଭୋ ନାଲସସ୍ୟ ।

ଆଳସ୍ୟପରାୟଣ ବ୍ୟକ୍ତି ଅପ୍ରାପ୍ତ (ରାଜୈଶ୍ୱର୍ଯ୍ୟକୁ) ଲାଭ କରିପାରେ ନାହିଁ ।

ଷଡ୍‌ଦୋଷାଃ ପୁରୁଷେଣେହ ହାତବ୍ୟା ଭୂତିମିଚ୍ଛତା ।
ନିଦ୍ରା ତନ୍ଦ୍ରା ଭୟଂ କ୍ରୋଧ ଆଳସ୍ୟଂ ଦୀର୍ଘସୂତ୍ରତା ।। ବିଦୁର ।

କଲ୍ୟାଣକାମୀ ମନୁଷ୍ୟ ଅତିନିଦ୍ରା, ତନ୍ଦ୍ରା, ଭୟ, କ୍ରୋଧ, ଆଳସ୍ୟ ତଥା ଦୀର୍ଘସୂତ୍ରତା ଏ ଛ'ଟି ଦୋଷକୁ ପରିହାର କରିବା ଉଚିତ ।

GPNanda Colln., Digitized by srujanika@gmail.com

୩୯ । ନ ଚଳପସ୍ୟ ରକ୍ଷିତଂ ବିବର୍ଦ୍ଧତେ ।

ଅଳସ୍ୟପରାୟଣ ବ୍ୟକ୍ତି ନିକଟରେ ରକ୍ଷିତ ବସ୍ତୁ ଅଧିକରୁ ଅଧିକ ବଢେ ନାହିଁ । ପ୍ରଯତ୍ନହୀନ ବ୍ୟକ୍ତିର ଦୈବବଶ ସଂଚିତ ରାଜୈଶ୍ୱର୍ଯ୍ୟ କିଛୁକାଳ ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହେ; କିନ୍ତୁ ତା'ର ବୁଦ୍ଧିମନ୍ଦତା ହେତୁ ତାହା ବଢେ ନାହିଁ । କୁହାଯାଇଛି—

ଆଲସ୍ୟଂ ହି ମନୁଷ୍ୟାଣାଂ ଶରୀରସ୍ଥୋ ମହାରିପୁଃ ।
ମନୁଷ୍ୟ ଶରୀରରେ ଥିବା ଅଳସ୍ୟ ହେଉଛି ତା'ର ପରମ ଶତ୍ରୁ ।

ଅଳସୋ ମନ୍ଦବୁଦ୍ଧିଶ୍ଚ ସୁଖୀ ଚ ବ୍ୟାଧିପୀଡ଼ିତଃ ।
ନିଦ୍ରାଳୁଃ କାମୁକଶ୍ଚୈବ ଷଡ଼େତେ କର୍ମବର୍ଜ୍ଜିତାଃ ॥

ଅଳସ୍ୟପରାୟଣ, ବୁଦ୍ଧିହୀନ, ସୁଖାସକ୍ତ, ରୋଗୀ, ନିଦ୍ରାଳୁ ତଥା କାମୁକ ଏ ଛ'ଜଣ ନିନ୍ଦିତକର୍ମା ବ୍ୟକ୍ତି ।

୪୦ । ନ ଭୃତ୍ୟାନ୍ ପ୍ରେଷୟନ୍ତି ।

ଯେଉଁ ବ୍ୟକ୍ତି କାର୍ଯ୍ୟକୁ ଡରେ, ସେ ଭୃତ୍ୟମାନଙ୍କ ଦ୍ୱାରା ସମୁଚିତ କାର୍ଯ୍ୟ ହାସଲ କରିପାରେ ନାହିଁ ।

୪୧ । ଅଲବ୍ଧଲାଭାଦି ଚତୁଷ୍ଟୟଂ ରାଜତନ୍ତ୍ରମ୍ ।

ଅପ୍ରାପ୍ତ ବସ୍ତୁର ପ୍ରାପ୍ତି, ପ୍ରାପ୍ତ ବସ୍ତୁର ସଂରକ୍ଷଣ, ସଂରକ୍ଷଣର ସଂବର୍ଦ୍ଧନ ଏବଂ ବର୍ଦ୍ଧିତ ବସ୍ତୁର ବିତରଣ ଏ ଚାରିଟି ରାଜ୍ୟ ପରିଚାଳନା ପାଇଁ ଏକାନ୍ତ ଆବଶ୍ୟକ । ଏ ଚାରିଟିର ମିଶ୍ରିତ ରୂପ ହେଉଛି ରାଜତନ୍ତ୍ର ।

୪୨ । ରାଜତନ୍ତ୍ରାୟତ୍ତଂ ନୀତିଶାସ୍ତ୍ରମ୍ ।

ନୀତିଶାସ୍ତ୍ର ରାଜ୍ୟତନ୍ତ୍ରର ଅଧୀନ । ପ୍ରଥମେ ସମାଜର ସୃଷ୍ଟି । ନୀତି ସମାଜ ସୃଷ୍ଟି କରିନାହିଁ; ବରଂ ରାଜତନ୍ତ୍ର ନୀତିକୁ ସୃଷ୍ଟି କରିଛି । ନୀତିପରାୟଣତା ମାନବ ସମାଜର ବିଶେଷତ୍ୱ । ରାଜସଂସ୍ଥା ନୀତିସଂପନ୍ନ ହେଲେ ଦେଶରେ ନୀତି ପାଳିତ ହୋଇଥାଏ ।

GPNanda Colln., Digitized by srujanika@gmail.com

୪୩ । ରାଜ୍ୟତନ୍ତ୍ରେଷ୍ୱାୟତ୍ତୌ ତନ୍ତ୍ରାବାପୌ ।
(ରାଜ୍ୟତନ୍ତ୍ରେଷୁ ଆୟତ୍ତୌ)

ତନ୍ତ୍ର ଏବଂ ଆବାପ ରାଜ୍ୟତନ୍ତ୍ରର ଅଧୀନ । ତନ୍ତ୍ରର ଅର୍ଥ ହେଉଛି ସ୍ୱରାଷ୍ଟ୍ର-ସଂବନ୍ଧୀ କର୍ତ୍ତବ୍ୟ; ଆବାପର ଅର୍ଥ ହେଉଛି ପରରାଷ୍ଟ୍ରସଂବନ୍ଧୀ କର୍ତ୍ତବ୍ୟ ।

୪୪ । ତନ୍ତ୍ରଂ ସ୍ୱବିଷୟକୃତ୍ୟେଷ୍ୱାୟତ୍ତମ୍ ।

ସ୍ୱରାଷ୍ଟ୍ର ବ୍ୟବସ୍ଥାକୁ ତନ୍ତ୍ର କୁହାଯାଏ । ତାହା କେବଳ ସ୍ୱରାଷ୍ଟ୍ର ସଂବନ୍ଧୀ କର୍ତ୍ତବ୍ୟ ସହିତ ସମ୍ପୃକ୍ତ ଥାଏ ।

୪୫ । ଅବାପୋ ମଣ୍ଡଳନିବିଷ୍ଟଃ ।

ନିଜ ରାଜ୍ୟର ବାହାରେ ଥିବା ରାଜ୍ୟ ମଣ୍ଡଳରେ ପ୍ରଯୁକ୍ତ ସାମ ଦଣ୍ଡ ଭେଦାଦି ଉପାୟକୁ 'ଅବାପ' କୁହାଯାଏ ।

୪୬ । ସନ୍ଧିବିଗ୍ରହୟୋନିର୍ମଣ୍ଡଳଃ ।

ସନ୍ଧି ଓ ବିଗ୍ରହର (ଯୁଦ୍ଧ) ନିର୍ଣ୍ଣୟ ମଣ୍ଡଳ ଉପରେ ନିର୍ଭରଶୀଳ । 'ମଣ୍ଡଳ' ଏଠାରେ ଏକ ଉପଦେଷ୍ଟା ସମିତି ପ୍ରତି ଅଭିପ୍ରେତ ।

୪୭ । ନୀତିଶାସ୍ତ୍ରାନୁଗୋ ରାଜା ।

ରାଜା ନୀତିଶାସ୍ତ୍ରର (ହେତୁଶାସ୍ତ୍ର, ଦଣ୍ଡନୀତି ତଥା ଅର୍ଥନୀତି) ଅନୁଗାମୀ । ରାଜ୍ୟର ସୁପରିଚାଳନା ନିମିତ୍ତ ପ୍ରତ୍ୟେକ ଶାସକ ସମାଜନୀତି, ବ୍ୟବହାରନୀତି, ରାଜନୀତି ଓ ଧର୍ମନୀତିଦ୍ୱାରା ପରିଚାଳିତ ହେବା ବିଧେୟ ।

୪୮ । ଅନନ୍ତରପ୍ରକୃତିଃ ଶତ୍ରୁଃ ।

ନିଜ ଦେଶର ସୀମାରେ ଥିବା ଅନ୍ୟ ରାଜା ହେଉଛନ୍ତି ଶତ୍ରୁ ।

୪୯ । ଏକାନ୍ତରିତଂ ମିତ୍ରମିଷ୍ୟତେ ।

ନିଜ ରାଜ୍ୟର ସୀମାରେ ଥିବା ରାଜା ବ୍ୟତୀତ ଅନ୍ୟ ରାଜା ହେଉଛନ୍ତି ମିତ୍ର ।

୫୦ । ହେତୁତଃ ଶତ୍ରୁ ମିତ୍ରେ ଭବିଷ୍ୟତଃ ।

କୌଣସି କାରଣ ହେତୁ ଜଣେ ରାଜା ଶତ୍ରୁ ବା ମିତ୍ର ହୋଇଥା'ନ୍ତି ।

GPNanda Colln., Digitized by srujanika@gmail.com

୫୧ । ହୀୟମାନଃ ସନ୍ଧିଂ କୁର୍ବୀତ ।

ନୀତିବାନ୍ ଦୁର୍ବଳ ରାଜା ଅଧିକ ଶକ୍ତିଶାଳୀ ଅନ୍ୟାୟୀ ରାଜା ସହିତ ସନ୍ଧି ସ୍ଥାପନ କରିବା ଉଚିତ । ନୀତି ବଳରେ ଆତ୍ମରକ୍ଷା କରି ଯୁଦ୍ଧକୁ ଏଡ଼ାଇଦେବା ଉଚିତ ।

୫୨ । ତେଜୋ ହି ସନ୍ଧାନହେତୁସ୍ତଦର୍ଥାନାମ୍ ।

(ସନ୍ଧାନ ହେତୁଃ ତତ୍ ଅର୍ଥାନାମ୍)

ଧନଭଣ୍ଡାର ତଥା ଦଣ୍ଡର ପ୍ରକୋପକୁ ତେଜ କୁହାଯାଏ । ତେଜଦ୍ୱାରା କାର୍ଯ୍ୟସିଦ୍ଧି ହୋଇଥାଏ ।

୫୩ । ନାତପ୍ତଲୋହୋ ଲୋହେନ ସନ୍ଧୀୟତେ ।

ଅଣ୍ଡା ବା କଞ୍ଚା ଲୌହ ସହିତ ଉତ୍ତପ୍ତ ଲୌହ ଯୋଡ଼ିହୁଏ ନାହିଁ । ସେହିପରି ଦୁଇପକ୍ଷର ତେଜସ୍ୱିତା ନଥିଲେ ସନ୍ଧି ସ୍ଥାପିତ ହୁଏ ନାହିଁ ।

୫୪ । ବଳବାନ୍ ହୀନେନ ବିଗୃହ୍ଣୀୟାତ୍ ।

ଶତ୍ରୁ ଯଦି ବଳବାନ୍ ହୋଇଥିବ ତାହାହେଲେ ତା' ସହିତ ଯୁଦ୍ଧ ନକରି ଅନ୍ୟ ଉପାୟରେ ତାକୁ ନଷ୍ଟ କରିଦେବା ଉଚିତ । ବଳବାନ୍ ରାଜା ଦୁର୍ବଳ ରାଜା ସହିତ ଯୁଦ୍ଧ କରିବା କଥା ।

୫୫ । ନ ଜ୍ୟାୟସା ସମେନ ବା ।

ନିଜଠାରୁ ବଳ, ବିକ୍ରମ ଓ ଉତ୍ସାହରେ ବଡ଼ ବା ନିଜ ସହ ସମାନ ଶତ୍ରୁ ସହିତ କଳହ କରିବା ଅନୁଚିତ ।

୫୬ । ଗଜପାଦବିଗ୍ରହମିବ ବଳବଦ୍‌ବିଗ୍ରହଃ ।

ବଳବାନ୍ ନିକଟରେ ଯୁଦ୍ଧ କରିବା, ଗଜାରୋହୀ ସୈନ୍ୟ ସହ ପଦାତିକ ସୈନ୍ୟର ଯୁଦ୍ଧ କରିବା ସଙ୍ଗେ ସମାନ ।

୫୭ । ଆମପାତ୍ରମାମେନ ସହ ବିନଶ୍ୟତି । (ଆମପାତ୍ରମ୍ ଆମେନ)

କଞ୍ଚା ପାତ୍ର ସହିତ କଞ୍ଚା ପାତ୍ରର ସଂଘର୍ଷ ଘଟିଲେ ଉଭୟେ ଭାଙ୍ଗି-ଯାଆନ୍ତି । ସେହିପରି ସମାନ ଶକ୍ତିଶାଳୀ ସହିତ ଯୁଦ୍ଧର ଅର୍ଥ ଉଭୟ ପକ୍ଷରେ

GPNanda Colln., Digitized by srujanika@gmail.com

କ୍ଷତିକାରକ । ତେଣୁ ସମାନ ଶକ୍ତିଶାଳୀ ଶତ୍ରୁ ସହିତ ଯୁଦ୍ଧ କରିବା ଠିକ୍ ନୁହେଁ ।

୫୮ । ଅରିପ୍ରଯତ୍ନମଭିସମୀକ୍ଷେତ ।

ଶତ୍ରୁର ଆୟୋଜନକୁ ପ୍ରଯତ୍ନ, ଚେଷ୍ଟା ଓ ଉଦ୍ୟମଦ୍ୱାରା ଉତ୍ତମରୂପେ ଲକ୍ଷ୍ୟ କରିବା କଥା । ଅର୍ଥାତ୍ ନିଜର ଶକ୍ତିସାମର୍ଥ୍ୟରେ କେବଳ ବିଶ୍ୱାସ ନ ରଖି ଶତ୍ରୁର ବଳ କଳନା କରିବା ବିଧେୟ ।

୫୯ । ସଂଧାୟୈକତୋ ବା ।

ବିଜୟାକାଂକ୍ଷୀ ରାଜା ସନ୍ଧି ବା ବିଗ୍ରହ ପ୍ରତ୍ୟେକ ଅବସ୍ଥାରେ ଶତ୍ରୁପକ୍ଷର ପ୍ରଯତ୍ନ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ । ଅନେକ ଶତ୍ରୁ ସୃଷ୍ଟି ହୋଇଗଲେ ଗୋଟିଏ ଶତ୍ରୁ ସହିତ ସନ୍ଧି କରିନେବା ଉଚିତ ।

୬୦ । ଅମିତ୍ରବିରୋଧାଦାତ୍ମରକ୍ଷାମାବସେତ୍ ।
(ଅମିତ୍ର-ବିରୋଧାତ୍ ଆତ୍ମରକ୍ଷାମ୍ ଆବସେତ୍)

ଶତ୍ରୁପକ୍ଷର ବିରୋଧକୁ ତନ୍ନ ତନ୍ନ କରି ବିଚାର କରିବା କଥା । ଶତ୍ରୁ-ଦ୍ୱାରା ସୃଷ୍ଟ ବିରୋଧରୁ ନିଜକୁ ରକ୍ଷା କରିବା ଉଚିତ୍ । ରାଜା ନିଜ ରାଷ୍ଟ୍ରର ବାହ୍ୟଶତ୍ରୁ ତଥା ଆଭ୍ୟନ୍ତରୀଣ ଶତ୍ରୁର ଲୁଟ୍‌ତରାଜ, ଅନୀତି ଆଦି ପାପରୁ ନିଜକୁ ମୁକ୍ତ କରିବା ଉଚିତ ।

୬୧ । ଶକ୍ତିହୀନୋ ବଳବନ୍ତମାଶ୍ରୟେତ୍ । (ବଳବନ୍ତମ୍ ଆଶ୍ରୟେତ୍)

ଶକ୍ତିହୀନ ରାଜା ବଳବନ୍ତ ରାଜାକୁ ଆଶ୍ରୟ କରିବା ଉଚିତ ।

୬୨ । ଦୁର୍ବଳାଶ୍ରୟୋ ଦୁଃଖମାବହତି । (ଦୁଃଖମ୍ ଆବହତି)

ଦୁର୍ବଳ ରାଜାକୁ ଆଶ୍ରୟ କରୁଥିବା ରାଜା ଦୁଃଖଭାଗୀ ହୋଇଥାଏ ।

୬୩ । ଅଗ୍ନିବଦ୍‌ରାଜାନମାଶ୍ରୟେତ୍ ।
(ଅଗ୍ନିବତ୍ ରାଜାନାମ୍ ଆଶ୍ରୟେତ୍)

ଅଗ୍ନି ନିକଟରେ ବାସ କରିବା ଭଳି ଆଶ୍ରୟଦାତା ରାଜା ନିକଟରେ ବାସ କରିବା ଉଚିତ । ଅର୍ଥାତ୍ ଆଶ୍ରୟଦାତା ରାଜା ପ୍ରତି କୌଣସି

GPNanda Colln., Digitized by srujanika@gmail.com

ପ୍ରତିକୂଳ ଆଚରଣ ବା ମନ୍ତବ୍ୟ କରିବା ସମୀଚୀନ ନୁହେଁ । କାରଣ ତା'ର ପରିଣତି ଭୟାବହ ହୋଇପାରେ ।

୬୪ । ରାଜ୍ଞଃ ପ୍ରତିକୂଳଂ ନାଚରେତ୍ । (ନ ଆଚରେତ୍)

ରାଜାଙ୍କ ପ୍ରତି ପ୍ରତିକୂଳ ଆଚରଣ କରିବା ଠିକ୍ ନୁହେଁ ।

୬୫ । ଉଦ୍ଧତବେଶଧରୋ ନ ଭବେତ୍ ।

ଉଦ୍ଧତ ବେଶପୋଷାକ ଅର୍ଥାତ୍ ରୁଚିବିଗର୍ହିତ ବେଶ ଧାରଣ କରିବା ଠିକ୍ ନୁହେଁ ।

୬୬ । ନ ଦେବଚରିତଂ ଚରେତ୍ ।

ଦେବତାଙ୍କ ଚରିତକୁ ନକଲ କରିବା ଠିକ୍ ନୁହେଁ ।

୬୭ । ଦ୍ୱୟୋରପୀର୍ଷ୍ୟତୋର୍ଦ୍ୱୈଧୀଭାବଂ କୁର୍ବୀତ ।

(ଦ୍ୱୟୋଃ ଅପି ଈର୍ଷ୍ୟତଃ ଦ୍ୱୈଧୀଭାବଂ କୁର୍ବୀତ)

ନିଜ ପ୍ରତି ଶତ୍ରୁଭାବ ପୋଷଣ କରିଥିବା ଦୁଇଟି ଦଳ ଭିତରେ ବିଭେଦ ସୃଷ୍ଟି କରିଦେବା ଭଲ । ଅର୍ଥାତ୍ ଦୁଇଦଳ ଭିତରେ କଳହ ଲାଗିଗଲେ ଉଭୟ ଦିଗରୁ ନିଜ ପ୍ରତି ବିପଦର ମାତ୍ରା ନିଶ୍ଚୟ ଲାଘବ ହୋଇଯିବ ।

୬୮ । ନ ବ୍ୟସନପରସ୍ୟ କାର୍ଯ୍ୟାବାପ୍ତିଃ ।

ବିଳାସ ଭିତରେ ଲିପ୍ତ ରହିଥିବା ରାଜାର କୌଣସି ସମୟରେ କାର୍ଯ୍ୟସିଦ୍ଧି ହୋଇନଥାଏ । ବ୍ୟସନ କାମଜ ତଥା କୋପଜ ଭେଦରେ ଦୁଇପ୍ରକାର । ମାନବ ଧର୍ମଶାସ୍ତ୍ରରେ ୧୦ଟି କାମଜ ଓ ୮ଟି କୋପଜ ବ୍ୟସନର ଉଲ୍ଲେଖ ମିଳେ । ଯଥା—ଅଖେଟ (ମୃଗୟା), ୨-ଦ୍ୟୁତକ୍ରୀଡ଼ା (ଜୁଆଖେଳ), ୩-ସକଳ କାର୍ଯ୍ୟବିନାଶକ ଦିବାନିଦ୍ରା, ୪-ପର ନିନ୍ଦା, ୫-ବ୍ୟଭିଚାର, ୬-ମଦ୍ୟପାନଜନିତ ମଦ, ୭ ନୃତ୍ୟ, ୮-ଗୀତ, ୯-ବାଦନ, ୧୦-ବ୍ୟର୍ଥ ଭ୍ରମଣ—ଏସବୁ କାମଜ ବ୍ୟସନ ।

୧-ଅନ୍ୟ ଉପରେ ମିଥ୍ୟା ଦୋଷାରୋପଣ, ୨-କାହାର ସତ୍ୟ କଥାକୁ ନ ମାନିବା, ୩-ନିରପରାଧ ବ୍ୟକ୍ତି ସହିତ ଦ୍ୱେଷ, ୪-ପରଶ୍ରୀକାତରତା,

GPNanda Colln., Digitized by srujanika@gmail.com

୫-ଅନ୍ୟର ଗୁଣ ଭିତରେ ଦୋଷ ଦର୍ଶନ, ୬-ପରଧନାପହରଣ, ୭-ଦୁର୍ବଚନ, ୮-ତାଡ଼ନ—ଏ ଆଠ ପ୍ରକାର ହେଉଛି କୋପଜ ବ୍ୟସନ ।

୬୯ । ଇନ୍ଦ୍ରିୟ-ବଶବର୍ତ୍ତୀ ଚତୁରଙ୍ଗବାନପି ବିନଶ୍ୟତି ।

ନିଜ ଇନ୍ଦ୍ରିୟମାନଙ୍କର ଅଧୀନ ରାଜା ଚତୁରଙ୍ଗ ସେନାଯୁକ୍ତ ହୋଇଥିଲେ ମଧ୍ୟ ବିନାଶପ୍ରାପ୍ତ ହୋଇଥାଏ ।

୭୦ । ନାସ୍ତି କାର୍ଯ୍ୟଂ ଦ୍ୟୂତପ୍ରବୃତ୍ତସ୍ୟ ।

ଜୁଆଖେଳରେ ଲିପ୍ତ ରହୁଥିବା ରାଜାର କାର୍ଯ୍ୟସିଦ୍ଧି ଘଟିନଥାଏ ।

୭୧ । ମୃଗୟାପରସ୍ୟ ଧର୍ମାର୍ଥୌ ବିନଶ୍ୟତଃ ।

ଶିକାରବିଳାସୀ ରାଜାର ଧର୍ମ ଓ ଅର୍ଥ ଉଭୟ ନଷ୍ଟ ହୋଇଥାଏ ।

୭୨ । ଅର୍ଥେଷଣା ନ ବ୍ୟସନେଷୁ ଗଣ୍ୟତେ ।

ଅର୍ଥ ଅଭିଳାଷ ବ୍ୟସନ ଭିତରେ ପରିଗଣିତ ହୋଇନଥାଏ । ଧନ ଓ ଜୀବନ ତଥା ରାଷ୍ଟ୍ରର ଅଭିବୃଦ୍ଧି ପାଇଁ ଧନ ଏକାନ୍ତ ଆବଶ୍ୟକ । କୃପଣତା ତଥା ଅତ୍ୟନ୍ତ ଧନାସକ୍ତ ହେଉଛି ମନ୍ଦ ପ୍ରବୃତ୍ତି ।

୭୩ । ନ କାମାସକ୍ତସ୍ୟ କାର୍ଯ୍ୟାନୁଷ୍ଠାନମ୍ ।

(ନ କାମ ଆସକ୍ତସ୍ୟ କାର୍ଯ୍ୟାନୁଷ୍ଠାନମ୍)

କାମପରାୟଣ ଚରିତ୍ରହୀନ ରାଜାର କୌଣସି କାର୍ଯ୍ୟ ସିଦ୍ଧ ହୁଏ ନାହିଁ । କୁହାଯାଇଛି—'କାମେନ ରାବଣୋ ନଷ୍ଟୋ ଦେବରାଜୋଽପି ଗର୍ହିତଃ । କାମପରବଶ ହୋଇ ରାବଣ ବିନଷ୍ଟ ହେଲା ଏବଂ ଇନ୍ଦ୍ର ନିନ୍ଦାର ଭାଜନ ହେଲେ ।

୭୪ । ଅଗ୍ନିଦାହାଦପି ବିଶିଷ୍ଟଂ ବାକ୍ୟପାରୁଷ୍ୟମ୍ ।

ବାକ୍ୟର କଠୋରତା ଅଗ୍ନିଦାହ ଅପେକ୍ଷା ଅଧିକ କଷ୍ଟକର । କଠୋର ଅଶ୍ଲୀଳ ବାକ୍ୟ ପ୍ରୟୋଗ ବଡ଼ ମର୍ମଭେଦୀ ।

GPNanda Colln., Digitized by srujanika@gmail.com

୭୫ । ଦଣ୍ଡପାରୁଷ୍ୟଂ ସର୍ବଜନଦ୍ୱେଷ୍ୟୋ ଭବତି ।

କଠିନ ଦଣ୍ଡବିଧାନ କରୁଥିବା ରାଜା ସମସ୍ତ ପ୍ରଜାମାନଙ୍କ ଶତ୍ରୁ ହୋଇଯାଏ । ଅପରାଧ ଅନୁପାତରେ ଦଣ୍ଡବିଧାନ କରିବା କଥା । ଅନୁପାତରୁ ଅଧିକ ଦଣ୍ଡବିଧାନଦ୍ୱାରା ରାଜା ଶତ୍ରୁ ହୋଇପଡ଼େ ।

୭୬ । ଅର୍ଥତୋଷିଣଂ ଶ୍ରୀଃ ପରିତ୍ୟଜତି ।

ଅର୍ଥ ତୋଷଣ କରୁଥିବା ଶାସକକୁ ଲକ୍ଷ୍ମୀ ପରିତ୍ୟାଗ କରିଥାନ୍ତି ।

୭୭ । ଅମିତ୍ରା ଦଣ୍ଡନୀତ୍ୟାମାୟତ୍ତଃ ।

ଦଣ୍ଡନୀତି କୋହଳ ହେଲେ ରାଜ୍ୟରେ ଶତ୍ରୁ ପ୍ରବଳ ହୁଅନ୍ତି । ଦଣ୍ଡନୀତିର ପ୍ରୟୋଗଦ୍ୱାରା ଶତ୍ରୁକୁ ବଶୀଭୂତ କରାଯାଇଥାଏ ।

୭୮ । ଦଣ୍ଡନୀତିମଧିଷ୍ଠନ୍ ପ୍ରଜା ସଂରକ୍ଷତି ।

ଦଣ୍ଡନୀତିକୁ ଆଶ୍ରୟ କରୁଥିବା ରାଜା ସକଳ ପ୍ରଜାଙ୍କୁ ରକ୍ଷା କରିବାକୁ ସମର୍ଥ ହୋଇଥାଏ । ନାରୀଧର୍ଷଣ, ଚୋରି, ଡକାୟତି, ହତ୍ୟାକାଣ୍ଡ ଆଦିକୁ ନିରୋଧ କରିବାରେ ଦଣ୍ଡନୀତି ଉପଯୁକ୍ତ ହୋଇଥାଏ । ଉଚିତ ଦଣ୍ଡବିଧାନ ବିନା ରାଜ୍ୟରେ ଅରାଜକତା ବ୍ୟାପିଯାଏ । ଦଣ୍ଡନୀତି ରାଜ୍ୟରେ ମତ୍ସ୍ୟନ୍ୟାୟକୁ ରୋକେ ।

୭୯ । ଦଣ୍ଡଃ ସଂପଦା ଯୋଜୟତି ।

ଦଣ୍ଡବିଧାନଦ୍ୱାରା ରାଜ୍ୟରେ ସଂପତ୍ତିର ଅଭିବୃଦ୍ଧି ଘଟିଥାଏ । ଦଣ୍ଡ ହିଁ ନ୍ୟାୟ । ଦଣ୍ଡ ଭୟ ନ ରହିଲେ ରାଜ୍ୟରେ ସ୍ୱତ୍ୱ, ବିତ୍ତ, ଅଧିକାର, ନ୍ୟାୟ, ଅନ୍ୟାୟ କିଛି ସ୍ଥିର ରହିବ ନାହିଁ ।

୮୦ । ଦଣ୍ଡାଭାବେ ମନ୍ତ୍ରିବର୍ଗାଭାବଃ ।

ଦଣ୍ଡନୀତି ପ୍ରୟୋଗର ଅଭାବରେ ମନ୍ତ୍ରୀବର୍ଗ ବିଚ୍ଛିନ୍ନ ହୋଇଯାଆନ୍ତି । ଅର୍ଥାତ୍ ଅପରାଧ ଅନୁସାରେ ସାମୟିକ ଦଣ୍ଡବିଧାନ କରାନଗଲେ ମନ୍ତ୍ରୀବର୍ଗ ବିଶୃଙ୍ଖଳ ହୋଇପଡ଼ନ୍ତି । ଫଳରେ ମନୋମୁଖୀ ଶାସନର ପ୍ରଚଳନ ଆରମ୍ଭ ହୋଇଯାଏ । ଦଣ୍ଡ ହିଁ ରାଜ୍ୟ ବ୍ୟବସ୍ଥାର ଆଧାରଶିଳା । ଯାହା ଦଣ୍ଡ ତାହା ହିଁ ନ୍ୟାୟ । ଯାହା ନ୍ୟାୟ ତାହା ହିଁ ଦଣ୍ଡ ।

GPNanda Colln., Digitized by srujanika@gmail.com

୮୧ । ନ ଦଣ୍ଡାଦକାର୍ଯ୍ୟାଣି କୁର୍ବନ୍ତି ।

ଦଣ୍ଡ ପ୍ରୟୋଗ ଭୟରେ ଲୋକେ ଅକାର୍ଯ୍ୟ କରନ୍ତି ନାହିଁ ।

୮୨ । ଦଣ୍ଡନୀତ୍ୟାମାୟତ୍ତମାତ୍ମରକ୍ଷଣମ୍ ।

ଦଣ୍ଡନୀତିର ପ୍ରୟୋଗଦ୍ୱାରା ନିଜକୁ ସୁରକ୍ଷିତ ଅବସ୍ଥାରେ ରଖାଯାଇଥାଏ । ଯଥା ଅପରାଧକୁ ତଥା ଦଣ୍ଡବିଧାନ କରାନଗଲେ ଶାସକର ଜୀବନ ମଧ୍ୟ ବିପନ୍ନ ହୋଇପଡ଼ିବାର ସମ୍ଭାବନା ଥାଏ ।

୮୩ । ଆତ୍ମନି ରକ୍ଷିତେ ସର୍ବଂ ରକ୍ଷିତଂ ଭବତି ।

ପ୍ରଥମେ ନିଜକୁ ସୁରକ୍ଷିତ ରଖି ପରେ ଅପରକୁ ରକ୍ଷା କରିବା କଥା । ରାଜା ନିଜକୁ ସୁରକ୍ଷିତ ରଖିଲେ ପରେ ଆଶ୍ରିତ ବ୍ୟକ୍ତି ଓ ପ୍ରଜାମାନଙ୍କୁ ରକ୍ଷା କରିବାରେ ସମର୍ଥ ହୋଇଥାଏ ।

୮୪ । ଆତ୍ମାୟତ୍ତୌ ବୃଦ୍ଧିବିନାଶୌ ।

ଅଭ୍ୟୁଦୟ ଓ ବିନାଶ ଉଭୟ ନିଜ ଉପରେ ନିର୍ଭରଶୀଳ । ଉନ୍ନତି ଓ ବିନାଶ ନିଜର ଆଚରିତ କର୍ମ ଉପରେ ଆଧାରିତ ।

୮୫ । ଦଣ୍ଡୋ ହି ବିଜ୍ଞାନେନ ପ୍ରଣୀୟତେ ।

ଭଲଭାବରେ ବିଷୟର ବିଶ୍ଳେଷଣ କରି ଦଣ୍ଡନୀତିର ପ୍ରୟୋଗ କରିବା ଆବଶ୍ୟକ । ଅପରାଧର ସମୁଚିତ ନିର୍ଣ୍ଣୟ ଓ ଅପରାଧ ଅନୁପାତରେ ଦଣ୍ଡ ପ୍ରୟୋଗ କରିବା ବାଞ୍ଛନୀୟ ।

୮୬ । ଦୁର୍ବଳୋଽପି ରାଜା ନାବମନ୍ତବ୍ୟଃ । (ନ ଅବମନ୍ତବ୍ୟଃ)

କୌଣସି ରାଜାକୁ ଦୁର୍ବଳ ଭାବି ତାକୁ ଉପେକ୍ଷା କରିବା ଠିକ୍ ନୁହେଁ । ସେପରି ରାଜାର ବଳ ନ ଥିଲେ ଛଳରୂପକ ବଳରେ ସେ ହୁଏତ ଅନ୍ୟର ଅନିଷ୍ଟ କରିପାରେ ।

୮୭ । ନାସ୍ତ୍ୟଗ୍ନେର୍ଦୌର୍ବଲ୍ୟମ୍ ।

ଅଗ୍ନିରେ ଦୁର୍ବଳତା ନଥାଏ । ସାମାନ୍ୟ ଅଗ୍ନି ହେଉ ବା ବୃହତ୍କାୟ ଅଗ୍ନି ହେଉ, ତା' ଭିତରେ ଦାହିକା ଶକ୍ତି ସବୁ ସମୟରେ ରହିଥାଏ । ଶାସକ

GPNanda Colln., Digitized by srujanika@gmail.com

ଦୁର୍ବଳ ହେଉ ବା ସବଳ ହେଉ ତା'ଠାରୁ ବିପଦର ଆଶଙ୍କା ସବୁ ସମୟରେ ରହିଥାଏ ।

୮୮ । ଦଣ୍ଡେ ପ୍ରଣୀୟତେ ବୃତ୍ତିଃ ।

ଦଣ୍ଡନୀତିର ଆଧାର ଉପରେ ବ୍ୟବହାରଜ୍ଞାନ ନିର୍ଭରଶୀଳ । ଦଣ୍ଡଭୟ ନ ରହିଲେ ମନୁଷ୍ୟ ଯଥେଚ୍ଛାଚାରର ବ୍ୟବହାର କରିପାରେ ।

୮୯ । ବୃତ୍ତିମୂଳମର୍ଥଲାଭଃ ।

ଅର୍ଥଲାଭ ବ୍ୟବହାରମୂଳକ । ରାଜ୍ୟଶ୍ରୀ ଲାଭ ରାଜାର ଚରିତ୍ର ଉପରେ ନିର୍ଭରଶୀଳ ।

୯୦ । ଅର୍ଥମୂଳୌ ଧର୍ମକାମୌ ।

ଧର୍ମ ଓ କର୍ମ ଅର୍ଥମୂଳକ । ଐହିକ କର୍ତ୍ତବ୍ୟ ପାଳନ ସହିତ ମାନସିକ ଉତ୍କର୍ଷସାଧନ ରାଜୈଶ୍ୱର୍ଯ୍ୟର ସ୍ଥିରତା ଉପରେ ନିର୍ଭରଶୀଳ । ଧର୍ମାଚରଣ ଓ କର୍ମ ସମ୍ପାଦନ ପାଇଁ ଅର୍ଥ ଆବଶ୍ୟକ । ଏପରି କି ମୁନିଋଷିମାନଙ୍କ ପକ୍ଷରେ ଘୃତ, ଫଳ, ଶସ୍ୟ ଆଦି ମଧ୍ୟ ଅର୍ଥ ରୂପରେ ପରିଗଣିତ ହୋଇଥାଏ ।

୯୧ । ଅର୍ଥମୂଳଂ କାର୍ଯ୍ୟମ୍ ।

କାର୍ଯ୍ୟାନୁଷ୍ଠାନ ହେଉଛି ଅର୍ଥର ମୂଳ । ଅର୍ଥାତ୍ ବିନା କାର୍ଯ୍ୟାନୁଷ୍ଠାନରେ ଅର୍ଥଲାଭ ଅସମ୍ଭବ ।

୯୨ । ଯଦଲ୍ପପ୍ରଯତ୍ନାତ୍ କାର୍ଯ୍ୟସିଦ୍ଧିର୍ଭବତି ।

ଅଳ୍ପ ପ୍ରଯତ୍ନ କରିଗଲେ କାର୍ଯ୍ୟସିଦ୍ଧି ସୁଗମ ହୋଇଥାଏ ।

୯୩ । ଉପାୟ ପୂର୍ବଂ ନ ଦୁଷ୍କରଂ ସ୍ୟାତ୍ ।

ଯେଉଁ ପ୍ରଯତ୍ନଦ୍ୱାରା ଯେଉଁ କାର୍ଯ୍ୟ ସିଦ୍ଧ ହୋଇଥାଏ, ସେହି ପ୍ରଯତ୍ନକୁ ଉପାୟ କୁହାଯାଏ । ଉଚିତ ଉପାୟଦ୍ୱାରା କରାଯାଉଥିବା ଯେ କୌଣସି କାର୍ଯ୍ୟ କଠିନ ହୁଏ ନାହିଁ ।

GPNanda Colln., Digitized by srujanika@gmail.com

୯୪ । ଅନୁପାୟପୂର୍ବଂ କାର୍ଯ୍ୟକୃତମପି ନଶ୍ୟତି ।

ଯେଉଁ କାର୍ଯ୍ୟ ଉପାୟ ଅବଲମ୍ବନ ପୂର୍ବକ କରାଯାଇନଥାଏ, ତାହା ନଷ୍ଟ ହୋଇଯାଇଥାଏ ।

୯୫ । କାର୍ଯ୍ୟାର୍ଥିନାମୁପାୟ ଏବ ସହାୟଃ ।

କାର୍ଯ୍ୟାନୁଷ୍ଠାନ ପ୍ରୟାସୀ ବ୍ୟକ୍ତି ପକ୍ଷରେ ଉଚିତ ଉପାୟ ହେଉଛି ଏକମାତ୍ର ସହାୟକ ।

୯୬ । କାର୍ଯ୍ୟଂ ପୁରୁଷକାରେଣ ଲକ୍ଷ୍ୟଂ ସମ୍ପଦ୍ୟତେ ।

ପୁରୁଷାର୍ଥଦ୍ୱାରା କାର୍ଯ୍ୟକୁ ଲକ୍ଷ୍ୟ ରୂପେ ବ୍ୟବସ୍ଥିତ କରିବା ଆବଶ୍ୟକ । ବ୍ୟକ୍ତିର ଶକ୍ତି ସାମର୍ଥ୍ୟ ହିଁ ପୁରୁଷକାର । ଏଠାରେ ପୁରୁଷକାର ହେଉଛି ଉପାୟ, କାର୍ଯ୍ୟ ହିଁ ଉପେୟ ବା ଲକ୍ଷ୍ୟ ରୂପେ ଅଭିପ୍ରେତ ।

୯୭ । ପୁରୁଷକାରମନୁବର୍ତ୍ତତେ ଦୈବମ୍ ।

(ପୁରୁଷକାରମ୍ ଅନୁବର୍ତ୍ତତେ ଦୈବମ୍)

ବ୍ୟକ୍ତିର ଭାଗ୍ୟ ପୁରୁଷାର୍ଥକୁ ଅନୁଗମନ କରିଥାଏ । ଅର୍ଥାତ୍ ବ୍ୟକ୍ତି ନିଜର ଶକ୍ତି ସାମର୍ଥ୍ୟ ଓ ଉଦ୍‌ଯୋଗଦ୍ୱାରା ଭାଗ୍ୟକୁ ବଦଳାଇ ପାରେ । କୁହାଯାଇଛି—'ଦୈବଂ ନିହତ୍ୟ କୁରୁ ପୌରୁଷମାତ୍ମଶକ୍ତ୍ୟା ।' ଦୈବକୁ ଉପେକ୍ଷା କରି ଆତ୍ମଶକ୍ତି ବଳରେ ପୁରୁଷାର୍ଥ କର । 'ନ ହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶନ୍ତି ମୁଖେ ମୃଗାଃ ।' ଶୋଇଥିବା ସିଂହର ମୁହଁରେ ପଶୁମାନେ ଆସି ପଡ଼ନ୍ତି ନାହିଁ ।

୯୮ । ଦୈବଂ ବିନାଽତିପ୍ରଯତ୍ନଂ କରୋତି ଯତ୍ ତଦ୍ ବିଫଳମ୍ ।

ଅନେକ ସ୍ଥଳରେ ଭାଗ୍ୟ ବିନା ବଡ଼ ଧରଣର ପ୍ରଯତ୍ନରେ ଅନୁଷ୍ଠିତ କାର୍ଯ୍ୟ ମଧ୍ୟ ବିଫଳ ହୋଇଯାଏ । ବେଳେବେଳେ ପୁରୁଷକାର ଥାଇ ମଧ୍ୟ କାର୍ଯ୍ୟସିଦ୍ଧି ଘଟିନଥାଏ । ଗୀତାରେ ଦୈବକୁ କାର୍ଯ୍ୟ ଅସଫଳତାର ଗୋଟିଏ କାରଣ ରୂପେ ଗ୍ରହଣ କରାଯାଇଛି ।

GPNanda Colln., Digitized by srujanika@gmail.com

ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।
ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ।

ଆଧାର ସ୍ଥାନ, କର୍ତ୍ତା, ଭିନ୍ନ ଭିନ୍ନ କାରଣ, ପୃଥକ୍ ପୃଥକ୍ ବ୍ୟାପାର, ଦୈବ ଏ ପାଞ୍ଚଟି କାରଣ ଶାରୀରିକ, ବାଚିକ ଓ ମାନସିକ କର୍ମର କାରଣ ହୋଇଥାନ୍ତି ।

୯୯ । ଅସମାହିତସ୍ୟ ବୃତ୍ତିର୍ନ ବିଦ୍ୟତେ ।

ଅସାବଧାନ ବ୍ୟକ୍ତି ଭିତରେ ବ୍ୟବହାର କୁଶଳତା ଦେଖାଯାଏ ନାହିଁ ।

୧୦୦ । ପୂର୍ବଂ ନିଶ୍ଚିତ୍ୟ ପଶ୍ଚାତ୍ କାର୍ଯ୍ୟମାରଭ୍ୟତେ ।

ପୂର୍ବରୁ ବିଚାରି ନିର୍ଣ୍ଣୟ କରି କାର୍ଯ୍ୟ ଆରମ୍ଭ କରିବା କଥା ।

୧୦୧ । କାର୍ଯ୍ୟାନ୍ତରେ ଦୀର୍ଘସୂତ୍ରତା ନ କର୍ତ୍ତବ୍ୟା ।

ଗୋଟିଏ କାର୍ଯ୍ୟର ସମାପ୍ତି ପରେ ଅନ୍ୟ କାର୍ଯ୍ୟ କରିବାରେ ବିଳମ୍ବ କରିବା ଠିକ୍ ନୁହେଁ ।

୧୦୨ । ନ ଚଳଚିତ୍ତସ୍ୟ କାର୍ଯ୍ୟାବାପ୍ତିଃ ।

ଚଞ୍ଚଳଚିତ୍ତବିଶିଷ୍ଟ ବ୍ୟକ୍ତିର କାର୍ଯ୍ୟ ସିଦ୍ଧି ଘଟିନଥାଏ । ଯେଉଁ ବ୍ୟକ୍ତିର ଚିତ୍ତରେ ସ୍ଥିରତା ନଥାଏ, ତା'ର କାର୍ଯ୍ୟରେ ଆନ୍ତରିକତା ଦେଖାଯାଏନାହିଁ । ଗୋଟିଏ କାର୍ଯ୍ୟକୁ ଅଧା ଛାଡ଼ି ଅନ୍ୟ କାର୍ଯ୍ୟରେ ହାତଦିଏ । ତାକୁ ଛାଡ଼ି ଆଉ ଏକ କାର୍ଯ୍ୟରେ ହାତଦିଏ । ତେଣୁ କୌଣସି କାର୍ଯ୍ୟରେ ସେ ସଫଳକାମ ହୋଇପାରେ ନାହିଁ ।

୧୦୩ । ହସ୍ତଗତାବମାନନାତ୍ କାର୍ଯ୍ୟବ୍ୟତିକ୍ରମୋ ଭବତି ।

ହାତକୁ ଆସୁଥିବା ବସ୍ତୁକୁ ହତାଦର କରି ଫିଙ୍ଗିଦେବାଦ୍ୱାରା କାର୍ଯ୍ୟରେ ବାଧା ଆସି ପହଞ୍ଚିଥାଏ ।

୧୦୪ । ଦୂରନୁବନ୍ଧଂ କାର୍ଯ୍ୟଂ ନାରଭେତ ।

ଦୁଃଖପୂର୍ଣ୍ଣ ତଥା କଷ୍ଟସାଧ୍ୟ କାର୍ଯ୍ୟ ଆରମ୍ଭ କରିବା ଠିକ୍ ନୁହେଁ ।

GPNanda Colln., Digitized by srujanika@gmail.com

୧୦୫ । କାଳବିତ୍ କାର୍ଯ୍ୟଂ ସାଧୟେତ୍ ।

ସମୟର ଗତିବିଧି ସହିତ ଯେଉଁ ବ୍ୟକ୍ତି ପରିଚିତ ସେ ବ୍ୟକ୍ତି କାର୍ଯ୍ୟ ହାସଲ କରିପାରେ । କୁହାଯାଇଛି—

କଃ କାଲଃ କାନି ମିତ୍ରାଣି କୋ ଦେଶଃ କୌ ବ୍ୟୟାଗମୌ ।
ଇତି ସଞ୍ଚିନ୍ତ୍ୟ କର୍ମାଣି ପ୍ରାଜ୍ଞଃ କୁର୍ବୀତ ବା ନ ବା ॥

ବୁଦ୍ଧିମାନ୍ ପୁରୁଷ କେଉଁ ସମୟ, କିଏ ସହାୟକ, କିପରି ପରିସ୍ଥିତି ଏସବୁ ବିଷୟରେ ବିଚାର କରି, ନିଜ ଶକ୍ତିକୁ କଳନା କରି କାର୍ଯ୍ୟ ଆରମ୍ଭ କରିପାରେ ବା ନପାରେ ।

୧୦୬ । କାଳାତିକ୍ରମାତ୍ କାଳ ଏବ ଫଳଂ ପିବତି ।

ଯେଉଁ ସମୟସୀମା ଭିତରେ କାର୍ଯ୍ୟ ସମାପ୍ତି ହେବା କଥା ତାହାକୁ ସେହି ସମୟ ଭିତରେ ସମାପ୍ତ କରାନଗଲେ, ସମୟ ହିଁ ସେହି କାର୍ଯ୍ୟର ଫଳକୁ ପାଇଥାଏ । ଅର୍ଥାତ୍ କାର୍ଯ୍ୟଟି କରିବା କରିବା ଛାଡ଼ି କାର୍ଯ୍ୟ ସମାପ୍ତିର ନିର୍ଦ୍ଦିଷ୍ଟ ସୀମାକୁ ଗଡ଼େଇଦେଲେ ପରେ ସେ କାର୍ଯ୍ୟକୁ ହାସଲ କରାଯାଇ ନଥାଏ । ସେପରି କାର୍ଯ୍ୟାନୁଷ୍ଠାନ ଫଳପ୍ରଦ ହୋଇନଥାଏ । କାଳ ତା'ର ଫଳକୁ ଖାଇଯାଏ ।

୧୦୭ । କ୍ଷଣଂ ପ୍ରତି କାଳବିକ୍ଷେପଂ ନ କୁର୍ଯ୍ୟାତ୍ ସର୍ବକୃତ୍ୟେଷୁ ।

ତେଣୁ କୌଣସି କାର୍ଯ୍ୟରେ କ୍ଷଣମାତ୍ର ବିଳମ୍ବ କରିବା ଅନୁଚିତ । ଅର୍ଥାତ୍ ଆଳସ୍ୟରୁ ବିଳମ୍ବ ଘଟେ । ତେଣୁ ଆଳସ୍ୟ ପରିହାର କରି କାଳକ୍ଷେପଣ ନ କରି କାର୍ଯ୍ୟରେ ଲାଗିଯିବା ଉଚିତ ।

୧୦୮ । ଦେଶ-ଫଳ-ବିଭାଗୌ ଜ୍ଞାତ୍ୱା କାର୍ଯ୍ୟମାରଭେତ ।

ଦେଶ କାଳକୁ ବିବେଚନା କରି କାର୍ଯ୍ୟ ଆରମ୍ଭ କରିବା ସମୀଚୀନ ।

୧୦୯ । ଦୈବହୀନଂ କାର୍ଯ୍ୟଂ ସୁସାଧ୍ୟମପି ଦୁଃସାଧଂ ଭବତି ।

ଯଦି ଦୈବ ବିପରୀତ ହୁଏ ସହଜସାଧ୍ୟ କାର୍ଯ୍ୟ ମଧ୍ୟ ଦୁଷ୍କର ହୋଇପଡ଼େ ।

GPNanda Colln., Digitized by srujanika@gmail.com

୧୧୦ । ମିତଜ୍ଞୋ ଦେଶକାଳୌ ପରୀକ୍ଷେତ ।

ମିତଜ୍ଞ ବ୍ୟକ୍ତି ଦେଶକାଳକୁ ବିବେଚନା କରିବା କଥା ।

୧୧୧ । ପରୀକ୍ଷ୍ୟକାରିଣି ଶ୍ରୀଶ୍ଚିରଂ ତିଷ୍ଠତି ।

ବିଚାରଶୀଳ ବ୍ୟକ୍ତି ନିକଟରେ ଲକ୍ଷ୍ମୀ (ଧନସମ୍ପତ୍ତି) ଚିରଦିନ ଲାଗିରହିଥାଏ ।

୧୧୨ । ସର୍ବାଶ୍ଚ ସମ୍ପଦଃ ସର୍ବୋପାୟେନ ପରିଗ୍ରହେତ୍ ।

ସାମ ଦାନ ଆଦି ସକଳ ଉପାୟଦ୍ୱାରା ସର୍ବପ୍ରକାର ସମ୍ପତ୍ତି ସଞ୍ଚୟ କର ।

୧୧୩ । ଭାଗ୍ୟବନ୍ତମପରୀକ୍ଷ୍ୟକାରିଣଂ ଶ୍ରୀଃ ପରିତ୍ୟଜତି ।

ବ୍ୟକ୍ତି ଭାଗ୍ୟଶାଳୀ ହୋଇଥିଲେ ସୁଦ୍ଧା ବିଚାରହୀନ ବ୍ୟକ୍ତିକୁ ଲକ୍ଷ୍ମୀ ପରିତ୍ୟାଗ କରିଥାନ୍ତି । ଅର୍ଥାତ୍ ବ୍ୟୟ ବିଷୟରେ ଅସଂଯମୀ ବ୍ୟକ୍ତି ଭାଗ୍ୟଶାଳୀ ହୋଇଥିଲେ ସୁଦ୍ଧା ଯଦି ବିଚାରବିହୀନ ହୋଇଥିବ, ତା'ର ଧନସମ୍ପତ୍ତି ଧୀରେ ଧୀରେ ହ୍ରାସପାଇଥାଏ ।

୧୧୪ । ଜ୍ଞାନାନୁମାନୈଶ୍ଚ ପରୀକ୍ଷା କର୍ତ୍ତବ୍ୟା ।

ପ୍ରତ୍ୟକ୍ଷ ପ୍ରମାଣ ତଥା ଅନୁମାନ ପ୍ରମାଣଦ୍ୱାରା ପ୍ରତ୍ୟେକ ବସ୍ତୁକୁ ପରୀକ୍ଷା କରିବା ବିଧେୟ ।

୧୧୫ । ଯୋ ଯସ୍ମିନ୍ କର୍ମଣି କୁଶଳସ୍ତଂ ତସ୍ମିନ୍ନେବ ଯୋଜୟେତ୍ ।

ଯେଉଁ ବ୍ୟକ୍ତି ଯେଉଁ କାର୍ଯ୍ୟରେ କୁଶଳୀ ତାକୁ ସେହି କାର୍ଯ୍ୟରେ ନିଯୁକ୍ତ କରିବା କଥା । ଅର୍ଥାତ୍ ସେ ଯେଉଁ କଥା ଜାଣେ ନାହିଁ ତାକୁ ସେପରି କର୍ମରେ ନିଯୁକ୍ତ କରାଗଲେ କାର୍ଯ୍ୟଟି ଯେ କେବଳ ବାଧାପ୍ରାପ୍ତ ହେବ ତାହା ନୁହେଁ, କାର୍ଯ୍ୟରୁ ଫଳଲାଭର ଆଶା ପରାହତ ହେବ ।

୧୧୬ । ଦୁଃସାଧ୍ୟମପି ସୁସାଧ୍ୟଂ କରୋତ୍ୟୁପାୟଜ୍ଞଃ ।

ପ୍ରକୃତ ଉପାୟକୁ ଜାଣିଥିବା ବ୍ୟକ୍ତି କଠିନ କର୍ମକୁ ଅତି ସହଜ କର୍ମରେ ପରିଣତ କରିଦିଏ ।

GPNanda Colln., Digitized by srujanika@gmail.com

୧୧୭ । ଅଜ୍ଞାନେନ କୃତମପି ନ ବହୁ ମନ୍ତବ୍ୟମ୍ ।

ଅଜ୍ଞାନ ବ୍ୟକ୍ତିଦ୍ୱାରା ଅନୁଷ୍ଠିତ କର୍ମକୁ ଅଧିକ ମହତ୍ତ୍ୱ ଦେବା ଠିକ୍ ନୁହେଁ ।

୧୧୮ । ଯାଦୃଚ୍ଛିକତ୍ୱାତ୍ କୃମିରପି ରୂପାନ୍ତରାଣି କରୋତି ।

ଘୁଣ ପୋକ କାଠ କାଟୁ କାଟୁ ଅକ୍ଷରର ସୃଷ୍ଟି ହୋଇଥାଏ । ସେଥିରୁ କିନ୍ତୁ ଘୁଣ ପୋକର କର୍ମକୁଶଳତା ସୂଚିତ ହୁଏନି । ସେହିପରି ଅବିବେକ ପୂର୍ବକ କୃତ କୌଣସି କର୍ମ ସଫଳତା ଲାଭ କରିପାରେ । କିନ୍ତୁ ତା’ ଯଦୃଚ୍ଛାକୃତ କର୍ମ ରୂପେ ପରିଗଣିତ ହୋଇଥାଏ ।

୧୧୯ । ସିଦ୍ଧସ୍ୟୈବ କାର୍ଯ୍ୟସ୍ୟ ପ୍ରକାଶନଂ କର୍ତ୍ତବ୍ୟମ୍ ।

କାମଟିକୁ କରିସିବା ପରେ ତାକୁ ଲୋକଙ୍କୁ ଜଣାଇଦେବା ଉଚିତ ।

୧୨୦ । ଜ୍ଞାନବତାମପି ଦୈବ-ମାନୁଷ-ଦୋଷାତ୍ କାର୍ଯ୍ୟାଣି ଦୁଷ୍ୟନ୍ତି ।

ବିଜ୍ଞବ୍ୟକ୍ତିଦ୍ୱାରା ଅନୁଷ୍ଠିତ କାର୍ଯ୍ୟ ଦୈବ ଦୋଷ ତଥା ମାନୁଷ ଦୋଷଦ୍ୱାରା ଦୂଷିତ ହୋଇଥାଏ ।

୧୨୧ । ଦୈବଂ ଶାନ୍ତିକର୍ମଣା ପ୍ରତିଷେଦ୍ଧବ୍ୟମ୍ ।

ବଜ୍ରପାତ, ଭୂକମ୍ପ, ବାତ୍ୟା, ଗ୍ରହଗ୍ରହଣ, ଶତ୍ରୁ ଆକ୍ରମଣ ଆଦି ଦୈବ ବିପତ୍ତିକୁ ଶାନ୍ତିକର୍ମକର୍ମାଦିର ଅନୁଷ୍ଠାନଦ୍ୱାରା ପ୍ରତିକାର କରିବା ଉଚିତ ।

୧୨୨ । ମାନୁଷୀଂ କାର୍ଯ୍ୟ-ବିପତ୍ତିଂ କୌଶଳେନ ନିବାରୟେତ ।

କାର୍ଯ୍ୟରେ ବିଘ୍ନ ସୃଷ୍ଟି କରୁଥିବା ମଣିଷକୃତ ବିପତ୍ତିକୁ ସତର୍କତାର ସହିତ ବୁଦ୍ଧିବଳରେ ନିବାରଣ କରିବା ଉଚିତ ।

୧୨୩ । କାର୍ଯ୍ୟବିପତ୍ତୌ ଦୋଷାନ୍ ବର୍ଣ୍ଣୟନ୍ତି ବାଲିଶାଃ ।

କାର୍ଯ୍ୟ କରିବା ଅବସରରେ ବିପଦ ସମ୍ମୁଖରେ ମୂର୍ଖମାନେ କାର୍ଯ୍ୟରେ ଦୋଷାରୋପ କରିଥାନ୍ତି । ଅର୍ଥାତ୍ ଗୁଲ ନଜାଣି ବାଟର ଦୋଷ ଦେଇଥାନ୍ତି ।

GPNanda Colln., Digitized by srujanika@gmail.com

୧୨୪ । କାର୍ଯ୍ୟାର୍ଥିନା ଦାକ୍ଷିଣ୍ୟଂ ନ କର୍ତ୍ତବ୍ୟମ୍ ।

କାର୍ଯ୍ୟସିଦ୍ଧିକୁ ଇଚ୍ଛା କରୁଥିବା ବ୍ୟକ୍ତି ଦାକ୍ଷିଣ୍ୟ ପ୍ରଦର୍ଶନ କରିବା ଠିକ୍ ନୁହେଁ । ବିପକ୍ଷର ଦୋଷ ନିର୍ଣ୍ଣୟ କରିବା ତଥା ନିଜର ଦୁର୍ବଳତାକୁ ଗୋପନ କରିବାରେ ଅବହେଳା କରିବା ଠିକ୍ ନୁହେଁ ।

୧୨୫ । କ୍ଷୀରାର୍ଥୀ ବତ୍ସୋ ମାତୁରୁଧଃ ପ୍ରତିହନ୍ତି ।

କ୍ଷୀରପାନରେ ଲାଳାୟିତ ବାଛୁରି ମା'ର ପହ୍ନାକୁ ଆଘାତ କରିଥାଏ । ଅର୍ଥାତ୍—ଦେଶଦ୍ରୋହୀଙ୍କଠାରେ ବ୍ୟବହାର ସମୟରେ ଅସରଳ, ଅନୁଦାର ଆଚରଣ ଠିକ ନୁହେଁ । ସରଳତା ସରଳ ବ୍ୟକ୍ତିପାଇଁ ଉଦ୍ଦିଷ୍ଟ, ଦେଶଦ୍ରୋହୀଙ୍କ ପାଇଁ କଠୋରତା ଆବଶ୍ୟକ ।

୧୨୬ । ଅପ୍ରଯତ୍ନାତ୍ କାର୍ଯ୍ୟବିପତ୍ତିର୍ଭବେତ୍ ।

ପ୍ରଯତ୍ନ ନ କରି କାର୍ଯ୍ୟ ଆରମ୍ଭ କଲେ ବିପଦ ଆସି ପହଞ୍ଚିଥାଏ ।

୧୨୭ । ନ ଦୈବପ୍ରମାଣାନାଂ କାର୍ଯ୍ୟସିଦ୍ଧିଃ ।

ଦୈବକୁ ପ୍ରମାଣ ରୂପରେ ସ୍ୱୀକାର କରୁଥିବା ବ୍ୟକ୍ତିର ଅର୍ଥାତ୍ ଦୈବ ଉପରେ ସର୍ବଦା ନିର୍ଭରଶୀଳ ବ୍ୟକ୍ତିର କାର୍ଯ୍ୟସିଦ୍ଧି ଘଟିନଥାଏ ।

୧୨୮ । କାର୍ଯ୍ୟବାହ୍ୟୋ ନ ପୋଷୟତ୍ୟାଶ୍ରିତାନ୍ ।

କାର୍ଯ୍ୟଠାରୁ ଅଲଗା ହୋଇ ରହୁଥିବା ବ୍ୟକ୍ତି ନିଜଠାରେ ଆଶ୍ରୟ ନେଇଥିବା ବ୍ୟକ୍ତିମାନଙ୍କୁ ପୋଷଣ କରିପାରେ ନାହିଁ । ଅର୍ଥାତ୍ କର୍ମବିମୁଖ ବ୍ୟକ୍ତି ଉପାର୍ଜନକ୍ଷମ ହୁଏ ନାହିଁ । ଫଳରେ ତା' ଉପରେ ନିର୍ଭରଶୀଳ ଜ୍ଞାତି-କୁଟୁମ୍ବମାନଙ୍କୁ ପୋଷଣ କରିପାରେନାହିଁ ।

୧୨୯ । ଯଃ କାର୍ଯ୍ୟଂ ନ ପଶ୍ୟତି ସୋଽନ୍ଧଃ ।

ଯେ ନିଜର କାର୍ଯ୍ୟକୁ ଦେଖିପାରେ ନାହିଁ ସେ ଅନ୍ଧ । ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜର କର୍ତ୍ତବ୍ୟ କର୍ମକୁ ସମ୍ପାଦନ କରେ ନାହିଁ, ସେ ଦୁଃଖଭାଗୀ ହୋଇଥାଏ । ତେଣୁ ସେ ଆଖି ଥାଉଁ ଥାଉଁ ଅନ୍ଧ ।

GPNanda Colln., Digitized by srujanika@gmail.com

୧୩୦ । ପ୍ରତ୍ୟକ୍ଷପରୋକ୍ଷାନୁମାନୈଃ କାର୍ଯ୍ୟାଣି ପରୀକ୍ଷେତ ।

ପ୍ରତ୍ୟକ୍ଷ, ପରୋକ୍ଷ ଓ ଅନୁମାନ ପ୍ରମାଣଦ୍ୱାରା କାର୍ଯ୍ୟଟିକୁ ପରୀକ୍ଷା କରିବା ଉଚିତ ।

୧୩୧ । ଅପରୀକ୍ଷକାରିଣଂ ଶ୍ରୀଃ ପରିତ୍ୟଜତି ।

ବିନା ବିଚାରରେ କାର୍ଯ୍ୟ କରୁଥିବା ବ୍ୟକ୍ତିକୁ ଲକ୍ଷ୍ମୀ ପରିତ୍ୟାଗ କରିଥାନ୍ତି ।

୧୩୨ । ପରୀକ୍ଷ୍ୟ ତାର୍ଯ୍ୟା ବିପତ୍ତିଃ ।

ଭଲ ଭାବରେ ବିଚାର ବିଶ୍ଳେଷଣ କରି ସଫଳତାର ମାର୍ଗରେ ଦେଖା-ଦେଉଥିବା ବିପଦକୁ ଦୂର କରିବା ଉଚିତ ।

୧୩୩ । ସ୍ୱଶକ୍ତିଂ ଜ୍ଞାତ୍ୱା କାର୍ଯ୍ୟମାରଭେତ୍ ।

ନିଜର ଶକ୍ତି ସାମର୍ଥ୍ୟକୁ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ଅର୍ଥାତ୍ ନିଜ ଶକ୍ତିର ବହିର୍ଭୂତ କର୍ମରେ ହାତ ଦେବା ଠିକ୍ ନୁହେଁ ।

୧୩୪ । ସ୍ୱଜନଂ ତର୍ପୟିତ୍ୱା ଯଃ ଶେଷଭୋଜୀ ସୋଽମୃତଭୋଜୀ ।

ସ୍ୱଜନମାନଙ୍କୁ (ବନ୍ଧୁ, ଅତିଥି, ନିଜ ପରିବାରର ବ୍ୟକ୍ତି ତଥା ଭୃତ୍ୟ-ଗଣଙ୍କୁ) ସନ୍ତୁଷ୍ଟ କରାଇ ଯେଉଁ ବ୍ୟକ୍ତି ଅବଶିଷ୍ଟ ଖାଦ୍ୟ ଗ୍ରହଣ କରିଥାଏ ସେ ପ୍ରକୃତ ଅମୃତ ଭୋଜନ କରିଥାଏ ।

୧୩୫ । ସର୍ବାନୁଷ୍ଠାନାଦାୟମୁଖାନି ବର୍ଦ୍ଧନ୍ତେ ।

ସବୁ ପ୍ରକାର କର୍ମ ସମ୍ପାଦନଦ୍ୱାରା ଆୟର ମୁଖ ବଢ଼ିଥାଏ । ରାଷ୍ଟ୍ରର ଭୂମି, ଶିଳ୍ପ, ବ୍ୟାପାର ସମସ୍ତ ରାଷ୍ଟ୍ର ହିତକାରୀ କର୍ତ୍ତବ୍ୟ ସୁସମ୍ପନ୍ନ ହୋଇଥିଲେ ରାଜ୍ୟର ଆୟ ବଢ଼ିଥାଏ ।

୧୩୬ । ନାସ୍ତି ଭୀରୋଃ କାର୍ଯ୍ୟଚିନ୍ତା ।

ଭୀରୁ (କର୍ମକୁଣ୍ଠ ବା ଅନୁଦ୍ୟମୀ) ବ୍ୟକ୍ତିର ନିଜ କର୍ମ ବିଷୟରେ ଚିନ୍ତା ନଥାଏ ।

GPNanda Colln., Digitized by srujanika@gmail.com

୧୩୭ । ସ୍ୱାମିନଃ ଶୀଳଂ ଜ୍ଞାତ୍ୱା କାର୍ଯ୍ୟାର୍ଥୀ କାର୍ଯ୍ୟଂ ସାଧୟେତ୍ ।

ନିଜ ପ୍ରଭୁର ସ୍ୱଭାବକୁ ଭଲ ଭାବରେ ଜାଣି କାର୍ଯ୍ୟକୁ ସଫଳ କରିବା କର୍ତ୍ତବ୍ୟ । ପ୍ରଭୁର ରୁଚି ଅନୁସାରେ କାର୍ଯ୍ୟ ସାଧନ କରିବା ଉଚିତ ।

୧୩୮ । ଧେନୋଃ ଶୀଳଜ୍ଞଃ କ୍ଷୀରଂ ଭୁଙ୍କ୍ତେ ।

ଗାଈର ସ୍ୱଭାବ ସମ୍ବନ୍ଧ ଯେଉଁ ବ୍ୟକ୍ତି ପରିଚିତ ସେ ଗାଈର କ୍ଷୀରକୁ ଠିକ୍ ଭାବରେ ସଂଗ୍ରହ କରିପାରେ । ସେହିପରି ସେବକ ପ୍ରଭୁର ସ୍ୱଭାବକୁ ଅନୁଧ୍ୟାନ କରି ପ୍ରଭୁସେବା କରି ସ୍ୱାର୍ଥସେବା ନାମକ ଉଦ୍ଦେଶ୍ୟ ପୂର୍ତ୍ତି କରିଥାଏ ।

୧୩୯ । କ୍ଷୁଦ୍ରେ ଗୁହ୍ୟପ୍ରକାଶନମାତ୍ମବାନ ନ କୁର୍ଯ୍ୟାତ୍ ।

ବିଚାରଶୀଳ ବ୍ୟକ୍ତି କ୍ଷୁଦ୍ର ବିଚାରବାନ୍ ବ୍ୟକ୍ତିଠାରେ ନିଜର ଗୋପନୀୟ କଥାକୁ ପ୍ରକାଶ କରିବା ଅନୁଚିତ ।

୧୪୦ । ଆଶ୍ରିତୈରପ୍ୟବମନ୍ୟତେ ମୃଦୁସ୍ୱଭାବଃ ।

ସରଳସ୍ୱଭାବବିଶିଷ୍ଟ ପ୍ରଭୁକୁ ତା'ର ଆଶ୍ରିତ ବ୍ୟକ୍ତିମାନେ ମଧ୍ୟ ତିରସ୍କାର କରିଥାନ୍ତି । ଅର୍ଥାତ୍ ସଂସାରରେ ଚଳିବାକୁ ହେଲେ ସବୁ ସମୟରେ ସବୁ ସ୍ଥଳରେ ସରଳ ଆଚରଣ ପ୍ରଦର୍ଶନ ଅନୁଚିତ ।

୧୪୧ । ତୀକ୍ଷ୍ଣଦଣ୍ଡଃ ସର୍ବୈରୁଦ୍‌ବେଜନୀୟୋ ଭବତି ।

ଲଘୁ ଅପରାଧରେ ଦାରୁଣ ଦଣ୍ଡବିଧାନ କରୁଥିବା ଶାସକ ନିକଟରେ ସମସ୍ତେ ଆତଙ୍କିତ ହୋଇପଡ଼ନ୍ତି । ସେ ଶାସକ ସମସ୍ତଙ୍କ ଘୃଣାର ପାତ୍ର ହୋଇଥାଏ ।

୧୪୨ । ଯଥାର୍ହଦଣ୍ଡକାରୀ ସ୍ୟାତ୍ ।

ତେଣୁ ଶାସକ ଅପରାଧ ମାତ୍ରାକୁ ଦେଖି ସମୁଚିତ ଦଣ୍ଡବିଧାନ କରିବା ଆବଶ୍ୟକ ।

୧୪୩ । ଅଳ୍ପସାରଂ ଶ୍ରୁତବନ୍ତମପି ନ ବହୁ ମନ୍ୟତେ ଲୋକଃ ।

ଶାସକ ଶାସ୍ତ୍ରଦ୍ରଷ୍ଟା ହୋଇଥିଲେ ସୁଦ୍ଧା ଯଦି ସେ ଦୁର୍ବଳମନା ହୋଇଥିବ ତାହାକୁ ପ୍ରଜାମାନେ ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ ।

GPNanda Colln., Digitized by srujanika@gmail.com

୧୪୪ । ଅନ୍ତର୍ବ୍ୟୟଃ ପୁରୁଷମବସାଦୟନ୍ତି ।

ଅନ୍ତଃଶତ୍ରୁ (ବିଭିନ୍ନ ପ୍ରକାର ରୋଗ) ମଣିଷକୁ ଖିନ୍ନ କରିପକାଏ । ଅର୍ଥାତ୍ ପୁରୁଷର କର୍ମେନ୍ଦ୍ରିୟ ତଥା କର୍ମ ମଧ୍ୟ ନଷ୍ଟ ହୋଇଥାଏ ।

୧୪୫ । ଯଃ ସଂସଦି ପରଦୋଷଂ ଶଂସତି ସସ୍ୱଦୋଷଂ ପ୍ରଖ୍ୟାପୟନ୍ତି ।

ଯେଉଁ ବ୍ୟକ୍ତି ସଭାସ୍ଥଳରେ ଅପର ବ୍ୟକ୍ତିର ଦୋଷକୁ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥାଏ, ସେ ପ୍ରକାରାନ୍ତରେ ନିଜର ଦୋଷକୁ ପ୍ରକାଶ କରିଥାଏ ।

୧୪୬ । ଆତ୍ମାନମେବ ନାଶୟନ୍ତ୍ୟନାତ୍ମବତାଂ କୋପଃ ।

(ନାଶୟନ୍ତି ଅନାତ୍ମବତାମ୍)

ନିଜକୁ ବଶୀଭୂତ କରିପାରି ନଥିବା କ୍ରୋଧୀ ପୁରୁଷକୁ ନିଜର କ୍ରୋଧ ହିଁ ଧ୍ୱଂସ କରିଥାଏ । ନିଜର ଆତ୍ମକଲ୍ୟାଣକୁ ସେ ନିଜେ ହିଁ ଧ୍ୱଂସ କରିଥାଏ ।

୧୪୭ । ନାସ୍ତ୍ୟପ୍ରାପ୍ୟଂ ସତ୍ୟବତାମ୍ । (ନ ଅସ୍ତି ଅପ୍ରାପ୍ୟମ୍)

ସତ୍ୟନିଷ୍ଠ ବ୍ୟକ୍ତି ପକ୍ଷରେ କୌଣସି କଥା ଦୁର୍ଲଭ ହୁଏ ନାହିଁ ।

୧୪୮ । ସାହସେନ ନ କାର୍ଯ୍ୟସିଦ୍ଧିର୍ଭବତି ।

କେବଳ ସାହସଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ ।

୧୪୯ । ବ୍ୟସନାର୍ତ୍ତୋ ବିସ୍ମରତ୍ୟପ୍ରବେଶେନ ।

ବ୍ୟସନାସକ୍ତ ବା ବିପଦଗ୍ରସ୍ତ ବ୍ୟକ୍ତିର ମନ ବହୁମୁଖୀ । ସେପରି ବ୍ୟକ୍ତି ମନୋନିବେଶର ଅଭାବରୁ କର୍ତ୍ତବ୍ୟବିମୂଢ଼ ହୋଇପଡ଼େ । ମନର ଚଞ୍ଚଳତା ହେତୁ ସେ କର୍ମକ୍ଷେତ୍ରର ମର୍ମସ୍ଥଳରେ ପହଞ୍ଚିପାରେନାହିଁ ।

୧୫୦ । ନାସ୍ତ୍ୟନନ୍ତରାୟଃ କାଳବିକ୍ଷେପେ ।

କାଳକ୍ଷେପଦ୍ୱାରା କାର୍ଯ୍ୟରେ ବାଧା ବିଘ୍ନ ପହଞ୍ଚିଥାଏ ।

୧୫୧ । ଅସଂଶୟ-ବିନାଶାତ୍ ସଂଶୟ-ବିନାଶଃ ଶ୍ରେୟାନ୍ ।

ଅବଶ୍ୟମ୍ଭାବୀ ବିନାଶ ଅପେକ୍ଷା ସଂଶୟାକୁଳ ବିନାଶ ଶ୍ରେୟସ୍କର ।

GPNanda Colln., Digitized by srujanika@gmail.com

୧୫୨ । ପରଧନାନ ନକ୍ଷେପ୍ତୃଃ କେବଳଂ ସ୍ୱାର୍ଥମ୍ ।

କୌଣସି ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ପରଧନକୁ ନ୍ୟାସ ରୂପେ ରଖାଯାଇଥାଏ ।

୧୫୩ । ଦାନଂ ଧର୍ମଃ ।

ଦାନ ଦେବା ଧର୍ମ କାମ ।

୧୫୪ । ନାର୍ଯ୍ୟାଗତୋଽର୍ଥବଦ୍ ବିପରୀତୋଽନର୍ଥଭାବଃ ।

(ନ ଆର୍ଯ୍ୟାଗତଃ ଅର୍ଥବତ୍ ବିପରୀତଃ ଅନର୍ଥଭାବଃ)

ଅନାର୍ଯ୍ୟଜନୋଚିତ ସାମାଜିକ ପରଂପରା ବହିର୍ଭୂତ ଆଚରଣ ମାନବ-ଜୀବନରେ ଅନର୍ଥଭାବ ସୃଷ୍ଟି କରିଥାଏ ।

୧୫୫ । ଯୋ ଧର୍ମାର୍ଥୌ ନ ବିବର୍ଦ୍ଧୟତି ସ କାମଃ ।

ଧର୍ମ ଓ ଅର୍ଥକୁ ଯେ ବଢ଼ାଏ ନାହିଁ ତାହା କାମବୃତ୍ତି ନାମରେ ଅଭିହିତ ।

୧୫୬ । ତଦ୍‌ବିପରୀତୋଽନର୍ଥସେବୀ । (ତଦ୍‌ବିପରୀତମ୍ ଅନର୍ଥସେବୀ)

ଧର୍ମ ଅର୍ଥ ଅବିରୋଧୀ କାମନାର ବିପରୀତ କାମନା କରୁଥିବା ମାନବ ନିଜ ଜୀବନକୁ ବ୍ୟର୍ଥ କରିଥାଏ ତଥା ସମାଜରେ ଅଶାନ୍ତି ସୃଷ୍ଟି କରିଥାଏ ।

୧୫୭ । ଋଜୁସ୍ୱଭାବପରୋ ଜନେଷୁ ଦୁର୍ଲଭଃ ।

ସରଳ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ସଂସାରରେ ଦୁର୍ଲଭ ।

୧୫୮ । ଅବମାନେନାଗତମୈଶ୍ୱର୍ଯ୍ୟମବମନ୍ୟତେ ସାଧୁଃ ।

(ଅବମାନେନ ଆଗତମ୍ ଐଶ୍ୱର୍ଯ୍ୟମ୍ ଅବମନ୍ୟତେ ସାଧୁଃ)

କର୍ତ୍ତବ୍ୟନିଷ୍ଠ ସତ୍ୟପରାୟଣ ସାଧୁ ବ୍ୟକ୍ତି ନିଜ ସାଧୁସ୍ୱଭାବଦ୍ୱାରା ଉତ୍କୋଚ ଆଦିରୁ ଆସୁଥିବା ଧନକୁ ତୃଣସମାନ ହତାଦର କରନ୍ତି ।

୧୫୯ । ବହୂନପି ଗୁଣାନେକୋ ଦୋଷୋ ଗ୍ରସତି ।

ଅନେକ ଗୁଣକୁ ଗୋଟିଏ ମାତ୍ର ଦୋଷ ଗ୍ରାସ କରିଥାଏ ।

GPNanda Colln., Digitized by srujanika@gmail.com

୧୬୦ । ମହାତ୍ମନା ପରେଣ ସାହସଂ ନ କର୍ତ୍ତବ୍ୟମ୍ ।

ସତ୍ୟନିଷ୍ଠ ମହାତ୍ମା ଅନ୍ୟର ଭରସା ଉପରେ ସାହସ କରନ୍ତି ନାହିଁ । ସେମାନେ ପରନିର୍ଭରଶୀଳ ନହୋଇ ଆତ୍ମନିର୍ଭରଶୀଳ ହୋଇଥାନ୍ତି ।

୧୬୧ । କଦାଚିଦପି ଚରିତ୍ରଂ ନ ଲଂଘୟେତ୍ ।

ନିଜର ଆଚାର ଓ ଶୀଳ ସ୍ୱଭାବକୁ କଦାପି ଲଙ୍ଘନ କରିବ ନାହିଁ ।

୧୬୨ । କ୍ଷୁଧାର୍ତ୍ତୋ ନ ତୃଣଂ ଚରତି ସିଂହଃ ।

ସିଂହ କ୍ଷୁଧାରେ ବ୍ୟାକୁଳ ହେଲେ ସୁଦ୍ଧା ତୃଣ ଭକ୍ଷଣ କରେ ନାହିଁ । ଅର୍ଥାତ୍ ସେ ନିଜ ମର୍ଯ୍ୟାଦାକୁ ଛାଡ଼େ ନାହିଁ ।

୧୬୩ । ପ୍ରାଣାଦପି ପ୍ରତ୍ୟୟୋ ରକ୍ଷିତବ୍ୟଃ ।

ପ୍ରାଣକୁ ବଳିଦେଇ ନିଜର ବିଶ୍ୱାସକୁ ରକ୍ଷା କରିବା ଆବଶ୍ୟକ ।

୧୬୪ । ପିଶୁନଶ୍ରୋତା ପୁତ୍ରଦାରୈରପି ତ୍ୟଜ୍ୟତେ ।

ପରନିନ୍ଦା କରୁଥିବା ବା ଶୁଣୁଥିବା ବ୍ୟକ୍ତିକୁ ତା'ର ସ୍ତ୍ରୀ ପୁତ୍ର ମଧ୍ୟ ପରିତ୍ୟାଗ କରିଥାନ୍ତି ।

୧୬୫ । ବାଳାଦପ୍ୟର୍ଥଜାତଂ ଶୃଣୁୟାତ୍ ।

ଉପଯୋଗୀ କଥାକୁ ନଗଣ୍ୟ ବ୍ୟକ୍ତିଠାରୁ ଶୁଣିବା ଉଚିତ ।

୧୬୬ । ସତ୍ୟମପ୍ୟଶ୍ରଦ୍ଧେୟଂ ନ ବଦେତ୍ ।

କଥାଟି ସତ୍ୟ ହୋଇଥିଲେ ସୁଦ୍ଧା ସତ୍ୟଦ୍ରୋହୀ ଶ୍ରୋତାକୁ କର୍ଣ୍ଣକଟୁ ହେଲେ ତାକୁ ତାହା କହିବ ନାହିଁ । କହିଲେ ସତ୍ୟ ପ୍ରତି ଅପମାନ ହେବ । ଅଥବା ଏପରି ସତ୍ୟ କହିବ ନାହିଁ ଯାହାକୁ କେହି ବିଶ୍ୱାସ କରିବେ ନାହିଁ ।

୧୬୭ । ନାଲ୍ପଦୋଷାଦ୍ ବହୁଗୁଣାସ୍ତ୍ୟଜ୍ୟନ୍ତେ ।

ଅଳ୍ପ ଦୋଷ ଦେଖି ତା'ର ମହତ୍ତ୍ୱପୂର୍ଣ୍ଣ ଗୁଣକୁ ପରିତ୍ୟାଗ କରିବା ଅନୁଚିତ ।

GPNanda Colln., Digitized by srujanika@gmail.com

୧୬୮ । ବିପଶ୍ଚିତ୍ସ୍ୱପି ସୁଲଭା ଦୋଷାଃ ।

ବିଦ୍ୱାନ୍ ବ୍ୟକ୍ତିଠାରେ ଦୋଷ ମଧ୍ୟ ଦେଖାଦେଇଥାଏ ।

୧୬୯ । ନାସ୍ତିରତ୍ନମଖଣ୍ଡିତମ୍ । (ନ ଅସ୍ତି ରତ୍ନମ୍ ଅଖଣ୍ଡିତମ୍)

ଅଖଣ୍ଡିତ ରତ୍ନ ପ୍ରାପ୍ତ ଦେଖାଯାଏନାହିଁ । ପ୍ରତ୍ୟେକ ରତ୍ନରେ ମଳିନତା, ବିଷମତା ଆଦି କିଛି ନା କିଛି ତ୍ରୁଟି ରହିଥାଏ ।

୧୭୦ । ମର୍ଯ୍ୟାଦାତୀତଂ ନ କଦାଚିଦପି ବିଶ୍ୱସେତ୍ ।

ମର୍ଯ୍ୟାଦାର ସୀମାଠାରୁ ଅଧିକ ବିଶ୍ୱାସ କରିବା ଠିକ୍ ନୁହେଁ । ଅର୍ଥାତ୍ ଯେ ଯେତିକି ବିଶ୍ୱାସର ଭାଜନ ତାକୁ ସେତିକି ବିଶ୍ୱାସ କରିବା କଥା ।

୧୭୧ । ଅପ୍ରିୟେ କୃତଂ ପ୍ରିୟମପି ଦ୍ୱେଷଂ ଭବତି ।

ଶତ୍ରୁ ପାଇଁ କରାଯାଉଥିବା ଭଲ କର୍ମ ଖରାପ ରୂପରେ ପରିଗଣିତ ହୋଇଥାଏ ।

୧୭୨ । ନମନ୍ତ୍ୟପି ତୁଳାକୋଟିଃ କୂପୋଦକକ୍ଷୟଂ କରୋତି ।

ନଇଁପଡ଼ିଲେ ଢେଣ୍ଡା ମଧ୍ୟ କୂଅର ପାଣିକୁ କ୍ଷୟ କରିଥାଏ । ନଇଁପଡ଼ିଲେ ଅନେକ କାର୍ଯ୍ୟ ହାସଲ କରାଯାଇଥାଏ । ପ୍ରବଞ୍ଚକ ଅତି ନମ୍ର ଆଚରଣଦ୍ୱାରା ବହୁ ପ୍ରତାରଣା ମଧ୍ୟ କରିଥାଏ ।

୧୭୩ । ସତାଂ ମତଂ ନାତିକ୍ରମେତ୍ ।

ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ଅଭିମତକୁ ଅତିକ୍ରମ କରିବା ଠିକ୍ ନୁହେଁ ।

୧୭୪ । ଗୁଣବଦାଶ୍ରୟାନ୍ନିର୍ଗୁଣୋଽପି ଗୁଣୀ ଭବତି ।

(ଗୁଣବତ୍ ଆଶ୍ରୟାତ୍ ନିର୍ଗୁଣଃ ଅପି ଗୁଣୀ ଭବତି)

ଗୁଣୀଲୋକଙ୍କୁ ଆଶ୍ରୟ କଲେ ଗୁଣହୀନ ଲୋକ ଗୁଣୀଲୋକରେ ପରିଣତ ହୁଏ ।

୧୭୫ । କ୍ଷୀରାଶ୍ରିତଂ ଜଳଂ କ୍ଷୀରମେବ ଭବତି ।

କ୍ଷୀରରେ ମିଶିଥିବା ପାଣି କ୍ଷୀର ହିଁ ହୋଇଥାଏ । ଅର୍ଥାତ୍ ସାଧୁ ଲୋକ ସହିତ ମିଶିଲେ ଲୋକ ସାଧୁରେ ପରିଣତ ହୋଇଥାଏ ।

GPNanda Colln., Digitized by srujanika@gmail.com

୧୭୬ । ମୃତ୍‌ପିଣ୍ଡୋଽପି ପାଟଳିଗନ୍ଧମୁତ୍ପାଦୟତି ।

ମାଟିର ଢେଲା ପାଟଳୀ ଫୁଲ ସହିତ ମିଶିଲେ ତା'ର ଗନ୍ଧକୁ ସୃଷ୍ଟି କରିଥାଏ । ମାଟି ଢେଲାରେ ଗନ୍ଧ ନଥାଏ; ତାହା ପାଟଳୀ ଫୁଲର ଗନ୍ଧକୁ ଗ୍ରହଣ କରିନିଏ । ନିର୍ଗୁଣ ଅଜ୍ଞ ମାନବ ସଦ୍‌ଗୁଣସମ୍ପନ୍ନ ବିଦ୍ୱାନ୍ ବ୍ୟକ୍ତିଙ୍କ ସମ୍ପର୍କରୁ ସଦ୍‌ଗୁଣକୁ ଗ୍ରହଣ କରିଥାଏ ।

୧୭୭ । ରଜତଂ କନକସଂଗାତ୍ କନକଂ ଭବତି ।

ରୂପା ସୁନାର ସଂସର୍ଗରୁ ସୁନା ପାଲଟେ । ତାହା ଆଉ ରୂପା ହୋଇ ରହେନାହିଁ ।

୧୭୮ । ଉପକର୍ତ୍ତର୍ଯ୍ୟପକର୍ତ୍ତୁମିଚ୍ଛତ୍ୟବୁଧଃ ।

(ଉପକର୍ତ୍ତରି ଅପକର୍ତ୍ତୁମ୍ ଇଚ୍ଛତି ଅବୁଧଃ)

ମୂର୍ଖ ବ୍ୟକ୍ତି ଉପକାରୀ ବ୍ୟକ୍ତିର ଅପକାର କରିବାକୁ ପଛାଏ ନାହିଁ ।

୧୭୯ । ନ ପାପକର୍ମଣାମାକ୍ରୋଶଭୟମ୍ ।

ପାପକର୍ମ କରୁଥିବା ବ୍ୟକ୍ତିର ନିନ୍ଦା ଭୟ ନଥାଏ । ପାପୀ ରାଜ୍ୟାଧିକାରୀ ବ୍ୟକ୍ତି ପ୍ରଜା ଧନ ଶୋଷଣ କରି ମୋଟା ଦରମା, ଘରଭଡ଼ା ଓ ଲାଞ୍ଚକୋଚ ନେଇ ଧନ ବଢ଼ାଇଥାଏ । ସେ ରାଷ୍ଟ୍ରୀୟ ପାପକରି ଲୋକନିନ୍ଦାକୁ ଭୟ କରିନଥାଏ । 'ଏକାଂ ଲଜ୍ଜାଂ ପରିତ୍ୟଜ୍ୟ ତ୍ରିଲୋକବିଜୟୀ ଭବେତ୍ ।'

୧୮୦ । ଉତ୍ସାହବତାଂ ଶତ୍ରବୋଽପି ବଶୀଭବନ୍ତି ।

ଉତ୍ସାହୀ ପୁରୁଷ ନିକଟରେ ଶତ୍ରୁମାନେ ମଧ୍ୟ ବଶୀଭୂତ ହୋଇଥାନ୍ତି ।

୧୮୧ । ବିକ୍ରମଧନା ରାଜାନଃ ।

ରାଜାମାନଙ୍କର ପରମ ଧନ ହେଉଛି ବିକ୍ରମ ବା ବଳ ।

୧୮୨ । ନାସ୍ତ୍ୟଳସସ୍ୟୈହିକାମୁଷ୍ମିକମ୍ ।

ଆଳସ୍ୟପରାୟଣ ବ୍ୟକ୍ତି ବର୍ତ୍ତମାନ ତଥା ଭବିଷ୍ୟତ ସୁଖରୁ କୌଣସି ଗୋଟିକୁ ଲାଭ କରେ ନାହିଁ ।

GPNanda Colln., Digitized by srujanika@gmail.com

୧୮୩ । ନରୁତ୍ସାହାଦ୍ ଦୈବଂ ପତତି ।

ଉତ୍ସାହ ବିନା ନିଶ୍ଚିତ ସଫଳତା ହାତର ବାହାରକୁ ଚାଲିଯାଏ ।

୧୮୪ । ମତ୍ସ୍ୟାର୍ଥୀବ ଜଲମୁପଯୁଜ୍ୟାର୍ଥଂ ଗୃହ୍ଣୀୟାତ୍ ।

ମତ୍ସ୍ୟାର୍ଥୀ ଜଳରେ ପଶି ସଙ୍କଟକୁ ଅତିକ୍ରମ କରି ମାଛ ସଂଗ୍ରହ କଲାଭଳି ପୁରୁଷାର୍ଥକୁ ବିଶ୍ୱାସ କରୁଥିବା ବ୍ୟକ୍ତି ନାନା ବାଧା ବିଘ୍ନ ଅତିକ୍ରମ କରି ନିଜ କାମକୁ ହାସଲ କରିଥାଏ ।

୧୮୫ । ଅବିଶ୍ୱସ୍ତେଷୁ ବିଶ୍ୱାସୋ ନୈବ କର୍ତ୍ତବ୍ୟଃ ।

ଅବିଶ୍ୱସ୍ତ ବ୍ୟକ୍ତିକୁ କୌଣସି ସମୟରେ ବିଶ୍ୱାସ କରିବା ଠିକ୍ ନୁହେଁ ।

୧୮୬ । ବିଷଂ ବିଷମେବ ସର୍ବକାଳମ୍ ।

ବିଷ ହିଁ ସବୁ ସମୟରେ ବିଷ । ବିଷର ସ୍ୱଭାବ ବଦଳେ ନାହିଁ । ଅବିଶ୍ୱସ୍ତ ବ୍ୟକ୍ତି ବା ଖଳ ବ୍ୟକ୍ତିର ସ୍ୱଭାବ ବଦଳେ ନାହିଁ ।

୧୮୭ । ଅର୍ଥସମାଦାନେ ବୈରିଣାଂ ସଙ୍ଗ ଏବ ନ କର୍ତ୍ତବ୍ୟଃ ।

ଅର୍ଥ ସଂଗ୍ରହ ସମୟରେ ଶତ୍ରୁକୁ କଦାପି ସାଙ୍ଗରେ ରଖିବ ନାହିଁ ।

୧୮୮ । ଅର୍ଥସିଦ୍ଧୌ ବୈରିଣଂ ନ ବିଶ୍ୱସେତ୍ ।

ଅର୍ଥ ସିଦ୍ଧିଲାଭ ପରେ ଶତ୍ରୁଠାରେ ବିଶ୍ୱାସ କରିବା ଠିକ୍ ନୁହେଁ ।

୧୮୯ । ଅର୍ଥାଧୀନ ଏବ ନିୟତ ସମ୍ବନ୍ଧଃ ।

ନିୟତ ସମ୍ପର୍କ ଅର୍ଥର ଅଧୀନ । ଅର୍ଥ ଲାଭ ହିଁ ସମ୍ପର୍କ ସୃଷ୍ଟିର କାରଣ ହୋଇଥାଏ ।

୧୯୦ । ଶତ୍ରୋରପି ସୁତଃ ସଖା ରକ୍ଷିତବ୍ୟଃ ।

ଶତ୍ରୁର ପୁତ୍ର ଯଦି ନିଜର ମିତ୍ର ହୋଇଥାଏ, ତାହାହେଲେ ତାକୁ ରକ୍ଷା କରିବା ଉଚିତ ।

GPNanda Colln., Digitized by srujanika@gmail.com

୧୯୧ । ଯାବଚ୍ଛତ୍ରୋଶ୍ଛିଦ୍ରଂ ପଶ୍ୟତି ତାବଦ୍ ହସ୍ତେ ବା ସ୍କନ୍ଧେନ ବାହ୍ୟଃ । (ଯାବତ୍ ଶତ୍ରୋଃ ଛିଦ୍ରଂ ପଶ୍ୟତି······)

ଯେ ପର୍ଯ୍ୟନ୍ତ ଶତ୍ରୁର ଛିଦ୍ର ବା ଦୁର୍ବଳତା ଜଣାପଡ଼ୁନାହିଁ, ସେ ପର୍ଯ୍ୟନ୍ତ ତା'ର ହାତରେ ବା କାନ୍ଧରେ ହାତ ରଖିବା କଥା । ଅର୍ଥାତ୍ ଶତ୍ରୁର ଛିଦ୍ରକୁ ଜାଣିବା ପର୍ଯ୍ୟନ୍ତ ଶତ୍ରୁ ସହିତ ବନ୍ଧୁ ଭଳି ଆଚରଣ କରିବା କଥା ।

୧୯୨ । ଶତ୍ରୁଂ ଛିଦ୍ରେ ପ୍ରହରେତ୍ ।

ଶତ୍ରୁକୁ ଛିଦ୍ରରେ (ତା'ର ଦୁର୍ବଳତା ପ୍ରକାଶ ପାଇଲେ) ପ୍ରହାର କରିବା କଥା ।

୧୯୩ । ଆତ୍ମଚ୍ଛିଦ୍ରଂ ନ ପ୍ରକାଶେତ୍ ।

ନିଜର ଛିଦ୍ରକୁ (ଦୁର୍ବଳତାକୁ) ପ୍ରକାଶ କରିବା ଅନୁଚିତ ।

୧୯୪ । ଛିଦ୍ରପ୍ରହାରିଣଃ ଶତ୍ରବଃ ।

ଶତ୍ରୁମାନେ ଛିଦ୍ରରେ ହିଁ ପ୍ରହାର କରିଥାନ୍ତି । ତେଣୁ ନିଜ ଦୁର୍ବଳତାକୁ ଶତ୍ରୁ ଆଗରେ ପ୍ରକାଶ କରିବା ଅନୁଚିତ ।

୧୯୫ । ହସ୍ତଗତମପି ଶତ୍ରୁଂ ନ ବିଶ୍ୱସେତ୍ ।

ଶତ୍ରୁ ହାତମୁଠାରେ ଥିଲେ ମଧ୍ୟ ତାକୁ ବିଶ୍ୱାସ କରିବା ଅନୁଚିତ ।

୧୯୬ । ସ୍ୱଜନସ୍ୟ ଦୁର୍ବୃତ୍ତଂ ନିବାରୟେତ୍ ।

ସ୍ୱଜନର ଦୁର୍ବ୍ୟବହାରକୁ ବା ଗର୍ହିତ ଆଚରଣକୁ ବାରଣ କରିବା ଉଚିତ ।

୧୯୭ । ସ୍ୱଜନାବମାନୋଽପି ମନସ୍ୱିନାଂ ଦୁଃଖମାବହତି ।

ସ୍ୱଜନର ଅପମାନ ମନସ୍ୱୀ ବ୍ୟକ୍ତି ପକ୍ଷରେ ଦୁଃଖଦାୟକ ।

୧୯୮ । ଏକାଙ୍ଗଦୋଷଃ ପୁରୁଷମବସାଦୟତି ।

ଗୋଟିଏ ଅଙ୍ଗର ବ୍ୟାଧି ଯେପରି ସମସ୍ତ ଶରୀରକୁ ଅବସନ୍ନ କରିଥାଏ, ସେହିପରି ଗୋଟିଏ ଦୋଷ ପୁରୁଷକୁ ଅବସନ୍ନ କରିଥାଏ ।

GPNanda Colln., Digitized by srujanika@gmail.com

୧୯୯ । ଶତ୍ରୁଂ ଜୟତି ସୁବୃତ୍ତତା ।

ସଦ୍‌ବ୍ୟବହାରଦ୍ୱାରା ଶତ୍ରୁକୁ ମଧ୍ୟ ଜୟ କରାଯାଇଥାଏ ।

୨୦୦ । ନିକୃତିପ୍ରିୟା ନୀଚାଃ ।

ନୀଚ ବ୍ୟକ୍ତି ବିଶ୍ୱାସୀ ବ୍ୟକ୍ତିଠାରେ ବିଶ୍ୱାସଘାତକତା କରିଥାଏ । ନୀଚ ପୁରୁଷକୁ ଅପମାନ ଭଲଲାଗେ ।

୨୦୧ । ନୀଚସ୍ୟ ମତିର୍ନ ଦାତବ୍ୟା ।

ନୀଚ ବା ହୀନ ପୁରୁଷକୁ କଦାପି ସୁପରାମର୍ଶ ଦେବା ଠିକ୍ ନୁହେଁ ।

୨୦୨ । ତେଷୁ ବିଶ୍ୱାସୋ ନ କର୍ତ୍ତବ୍ୟଃ ।

କ୍ରୂର ଓ ବଂଚକଙ୍କଠାରେ ବିଶ୍ୱାସ ସ୍ଥାପନ କରିବା ଠିକ୍ ନୁହେଁ ।

୨୦୩ । ସୁପୂଜିତୋଽପି ଦୁର୍ଜନଃ ପୀଡୟତ୍ୟେବ ।

ସତ୍କାର କରାଗଲେ ସୁଦ୍ଧା ଦୁର୍ଜନ ପୀଡ଼ା ପ୍ରଦାନ କରିଥାଏ । ଉଦାର ବ୍ୟବହାର ପାଇଥିଲେ ସୁଦ୍ଧା ଦୁର୍ଜନ ଅନିଷ୍ଟ ସାଧନରୁ ବିରତ ହୁଏ ନାହିଁ ।

୨୦୪ । ଚନ୍ଦନାଦୀନପି ଦାବୋଽଗ୍ନିର୍ଦହତ୍ୟେବ ।

(ଦାବଃ ଅଗ୍ନିଃ ଦହତି ଏବ)

ବନରେ ଲାଗିଥିବା ଅଗ୍ନି ଚନ୍ଦନ ବୃକ୍ଷକୁ ମଧ୍ୟ ଜାଳି ଧ୍ୱଂସ କରିଦିଏ । ବନାଗ୍ନି ଚନ୍ଦନ ବୃକ୍ଷର ଭଲ ଗୁଣକୁ ଗ୍ରହଣ ନ କରି ତାକୁ ଜାଳି ଧ୍ୱଂସ କରିଥାଏ । ସେହିପରି କଦର୍ଯ୍ୟ ବ୍ୟକ୍ତି ସତ୍ପୁରୁଷଦ୍ୱାରା ଉପକୃତ ହୋଇଥିଲେ ସୁଦ୍ଧା ତା'ର ସୁଗୁଣ ପ୍ରତି ଦୃଷ୍ଟି ନ ଦେଇ ତାକୁ ପୀଡ଼ା ପ୍ରଦାନ କରିଥାଏ ।

୨୦୫ । କଦାପି ପୁରୁଷଂ ନାବମନ୍ୟେତ ।

କୌଣସି ବ୍ୟକ୍ତିଙ୍କୁ ତିରସ୍କାର କରିବା ଠିକ୍ ନୁହେଁ ।

୨୦୬ । କ୍ଷନ୍ତବ୍ୟମିତି ପୁରୁଷଂ ନ ବାଧେତ ।

କ୍ଷମା ଆଚରଣ ମାନବର ଧର୍ମ । ଯେ କୌଣସି ବ୍ୟକ୍ତିକୁ କଷ୍ଟ ନ ଦେଇ ତାକୁ କ୍ଷମା ଦେବା ଉଚିତ ।

GPNanda Colln., Digitized by srujanika@gmail.com

୨୦୭ । ଭର୍ତାଧିକଂ ରହସ୍ୟୁକ୍ତଂ ବକ୍ତୁମିଚ୍ଛନ୍ତ୍ୟବୁଦ୍ଧୟଃ ।

(ଭର୍ତାଧିକଂ ରହସିଉକ୍ତମ୍ ବକ୍ତୁମ୍ ଇଚ୍ଛନ୍ତି ଅବୁଦ୍ଧୟଃ)

ଗୋପନରେ କୁହାଯାଇଥିବା ପ୍ରଭୁର କଥାକୁ ମନ୍ଦବୁଦ୍ଧି ବ୍ୟକ୍ତି ବଢ଼େଇ କରି ପ୍ରକାଶ କରିଥାଏ ।

୨୦୮ । ଅନୁରାଗସ୍ତୁ ଫଲେନ ସୂଚ୍ୟତେ ।

ଅନୁରାଗର ପରିଚୟ ଫଳରୁ ହିଁ ସୂଚିତ ହୋଇଥାଏ । ଅନୁରାଗ ମୌଖିକ ବ୍ୟବହାରରୁ ପ୍ରକାଶିତ ହୋଇଥାଏ ।

୨୦୯ । ଆଜ୍ଞାଫଳମୈଶ୍ୱର୍ଯ୍ୟମ୍ ।

ବୁଦ୍ଧିର ଫଳ ହେଉଛି ଐଶ୍ୱର୍ଯ୍ୟ । ଅର୍ଥାତ୍ ବୁଦ୍ଧି ପ୍ରୟୋଗରୁ ଧନ ସମ୍ପଦର ଅଭିବୃଦ୍ଧି ଘଟିଥାଏ ।

୨୧୦ । ଦାତବ୍ୟମପି ବାଲିଶଃ ପରିକ୍ଲେଶେନ ଦାସ୍ୟତି ।

ଦାନଯୋଗ୍ୟ ବସ୍ତୁକୁ ମୂର୍ଖ ବ୍ୟକ୍ତି ବହୁ କଷ୍ଟରେ ପ୍ରଦାନ କରିଥାଏ ।

୨୧୧ । ମହଦୈଶ୍ୱର୍ଯ୍ୟଂପ୍ରାପ୍ୟାପ୍ୟଧୃତିମାନ୍ ବିନଶ୍ୟତି ।

(ମହଦୈଶ୍ୱର୍ଯ୍ୟପ୍ରାପ୍ୟ ଅପି ଅଧୃତିମାନ୍ ବିନଶ୍ୟତି)

ମହାନ୍ ଐଶ୍ୱର୍ଯ୍ୟ ଲାଭ କରିଥିଲେ ମଧ୍ୟ ଧୈର୍ଯ୍ୟହୀନ ବ୍ୟକ୍ତି ନଷ୍ଟ ହୋଇଥାଏ ।

୨୧୨ । ନାସ୍ତ୍ୟଧୀତେରୈହିକାମୁଷ୍ମିକମ୍ ।

(ନ ଅସ୍ତି ଅଧୀରେଃ ଐହିକ ଆମୁଷ୍ମିକମ୍)

ଧୈର୍ଯ୍ୟହୀନ ପୁରୁଷକୁ ଇହଲୌକିକ ଓ ପାରଲୌକିକ ସୁଖ ମିଳେ ନାହିଁ ।

୨୧୩ । ନ ଦୁର୍ଜନୈଃ ସହ ସଂସର୍ଗଃ କର୍ତ୍ତବ୍ୟଃ ।

ଦୁର୍ଜନ ସହ ସମ୍ପର୍କ ରଖିବା ଅନୁଚିତ ।

GPNanda Colln., Digitized by srujanika@gmail.com

୨୧୪ । ଶୌଣ୍ଡିକହସ୍ତଗତଂ ପୟୋଽପ୍ୟବମନ୍ୟେତ ।

ମଦ୍ୟପର ହାତରେ ଥିବା ଦୁଗ୍ଧକୁ ମଧ୍ୟ ଭଲ ତ୍ୟାଗ କରିବା ଉଚିତ । ଅର୍ଥାତ୍ ଦୁଷ୍ଟ ଲୋକର କୃପା ପ୍ରଦର୍ଶନ ଭିତରେ ବିଷ ମିଶି ରହିଥାଏ ।

୨୧୫ । କାର୍ଯ୍ୟଫଳକଷ୍ଟେଷ୍ୱର୍ଥବ୍ୟବସାୟିନୀ ବୁଦ୍ଧିଃ ।

(କାର୍ଯ୍ୟଫଳକଷ୍ଟେଷୁ ଅର୍ଥବ୍ୟବସାୟିନୀ ବୁଦ୍ଧିଃ)

କାର୍ଯ୍ୟରେ ସଙ୍କଟ ଉପୁଜି .ହେଲା ପରେ ଯେଉଁ ବୁଦ୍ଧି ଅର୍ଥକୁ (କାର୍ଯ୍ୟସିଦ୍ଧିକୁ) ନିଶ୍ଚିତ କରିଥାଏ, ସେହି ହେଉଛି ପ୍ରକୃତ ବୁଦ୍ଧି ।

୨୧୬ । ମିତଭୋଜନଂ ସ୍ୱାସ୍ଥ୍ୟମ୍ ।

ପରିମିତ ଭୋଜନ ଉତ୍ତମ ସ୍ୱାସ୍ଥ୍ୟର ଲକ୍ଷଣ ।

୨୧୭ । ପଥ୍ୟମପଥ୍ୟଂ ବାଽଜୀର୍ଣ୍ଣେ ନାଶ୍ନୀୟାତ୍ ।

ଅଜୀର୍ଣ୍ଣ ହେଲା ପରେ ପଥ୍ୟ ହେଉ ବା ଅପଥ୍ୟ ହେଉ କୌଣସିଟିକୁ ଭୋଜନ କରିବା ଉଚିତ ନୁହେଁ ।

୨୧୮ । ଜୀର୍ଣ୍ଣଭୋଜିନଂ ବ୍ୟାଧିର୍ନୋପସର୍ପତି । (ବ୍ୟାଧିଃ ନ ଉପସର୍ପତି)

ଖାଦ୍ୟ ଜୀର୍ଣ୍ଣ ହେଲା ପରେ ଖାଦ୍ୟ ଖାଇଲେ ଶରୀର ବ୍ୟାଧିଗ୍ରସ୍ତ ହୁଏ ନାହିଁ । 'ଜୀର୍ଣ୍ଣେ ତୁ ଭୋଜନଂ କୁର୍ଯ୍ୟାନ୍ନାଜୀର୍ଣ୍ଣେ ତୁ କଥଂଚନ ।'

୨୧୯ । ଜୀର୍ଣ୍ଣ-ଶରୀରେ ବର୍ଦ୍ଧମାନଂ ବ୍ୟାଧିଂ ନୋପେକ୍ଷେତ ।

(ନ ଉପେକ୍ଷେତ)

ବୃଦ୍ଧ ଶରୀରରେ ବଢ଼ୁଥିବା ବ୍ୟାଧିକୁ ଅବହେଳା କରିବା ଅନୁଚିତ ।

୨୨୦ । ଅଜୀର୍ଣ୍ଣେ ଭୋଜନଂ ଦୁଃଖମ୍ ।

ଅଜୀର୍ଣ୍ଣ ସମୟରେ ଖାଦ୍ୟ ଖାଇବା ଦୁଃଖପ୍ରଦ ।

୨୨୧ । ଶତ୍ରୋରପି ବିଶିଷ୍ୟତେ ବ୍ୟାଧିଃ ।

ରୋଗ ଶତ୍ରୁଠାରୁ ବଳି କଷ୍ଟକର ।

GPNanda Colln., Digitized by srujanika@gmail.com

୨୨୨ । ଦାନଂ ଧନାଧାନମନୁଗାମି ।

ଧନ ଶକ୍ତିର ଅନୁପାତରେ ଦାନ ଦେବା ଉଚିତ ।

୨୨୩ । ପଟଚରେ ତୃଷ୍ଣାପରେ ସୁଲଭମର୍ଥସନ୍ଧାନମ୍ ।

ଅତି ମାତ୍ରାରେ ଲୋଭପରାୟଣ ବ୍ୟକ୍ତିଠାରେ ଧନଲାଳସା ବଢ଼ିବାର ପ୍ରବୃତ୍ତି ଦେଖାଦେଇଥାଏ । ଅତି ଚତୁର ଲୋଭପରାୟଣ ବ୍ୟକ୍ତି ପ୍ରାୟ ପ୍ରତାରକ ହୋଇଥାଏ ।

୨୨୪ । ତୃଷ୍ଣୟା ମତିଶ୍ଛାଦ୍ୟତେ । (ମତିଃ ଛାଦ୍ୟତେ)

ତୃଷ୍ଣାଦ୍ୱାରା ବୁଦ୍ଧି ଅଚ୍ଛାଦିତ ହୋଇଯାଏ । ଅର୍ଥାତ୍ ତୃଷ୍ଣା ବା କାମନା ମଣିଷ ମନରେ ପ୍ରବଳ ରୂପରେ ଦେଖାଦେଲେ ବୁଦ୍ଧିବୃତ୍ତି ନିଜ ପଥ ହୁଡ଼ି କାମନା କବଳିତ ହୋଇଥାଏ ।

୨୨୫ । କାର୍ଯ୍ୟବହୁତ୍ୱେ ବହୁଫଳମାୟତିକଂ କୁର୍ଯ୍ୟାତ୍ ।

ଅନେକ କାର୍ଯ୍ୟ କରିବାର ଥିଲେ ଯେଉଁ କାର୍ଯ୍ୟଟି ଭବିଷ୍ୟତରେ ଅଧିକ ଫଳପ୍ରସୂ ସେହି କାର୍ଯ୍ୟକୁ କରିବା ଉଚିତ ।

୨୨୬ । ସ୍ୱୟମେବାବସ୍କନ୍ନଂ କାର୍ଯ୍ୟଂ ନିରୀକ୍ଷେତ ।

ନିଜେ ବିଗାଡ଼ିଥିବା ଅଥବା ଅପରଲୋକ ବିଗାଡ଼ିଥିବା କାର୍ଯ୍ୟକୁ ନିଜେ ଆଖିରେ ଦେଖି ତାକୁ ସଜାଡ଼ିବା ଆବଶ୍ୟକ ।

୨୨୭ । ମୂର୍ଖେଷୁ ସାହସଂ ନିୟତମ୍ ।

ମୂର୍ଖଠାରେ କଳିତକରାଳ କରିବାର ସାହସ ସବୁବେଳେ ଦେଖାଯାଏ । ଅଭଦ୍ର ବ୍ୟବହାର, ନୃଶଂସ ଆକ୍ରମଣ, ଦୁଃସାହସିକ କର୍ମ ଆଦି ଆଚରଣ ମୂର୍ଖ ବ୍ୟକ୍ତି ପକ୍ଷରେ ନିତାନ୍ତ ସ୍ୱାଭାବିକ ।

୨୨୮ । ମୂର୍ଖେଷୁ ବିବାଦୋ ନ କର୍ତ୍ତବ୍ୟଃ ।

ମୂର୍ଖମାନଙ୍କ ସହିତ ବିବାଦ କରିବା ଠିକ୍ ନୁହେଁ । ତାଦ୍ୱାରା ନିଜର ଆତ୍ମସମ୍ମାନ ନଷ୍ଟ ହୋଇଥାଏ ।

GPNanda Colln., Digitized by srujanika@gmail.com

୨୨୯ । ମୂର୍ଖେଷୁ ମୂର୍ଖବତ୍ କଥୟେତ୍ ।

ମୂର୍ଖ ସହିତ ମୂର୍ଖଭଳି କଥାବାର୍ତ୍ତା କରିବା ଉଚିତ ।

୨୩୦ । ଆୟସୈରାୟସଂ ଛେଦ୍ୟମ୍ ।

ଲୁହାକୁ ଲୁହାଦ୍ୱାରା କଟାଯାଇଥାଏ । ଅର୍ଥାତ୍ ଶଠ, ପ୍ରବଞ୍ଚକ, ମୂର୍ଖ ବ୍ୟକ୍ତିକୁ ହିତୋପଦେଶ ନ ଦେଇ ତା ପ୍ରତି ନିତାନ୍ତ କଠୋର ବ୍ୟବହାର କରିବା ଉଚିତ ।

୨୩୧ । ନାସ୍ତ୍ୟଧୀମତଃ ସଖାଃ ।

ବୁଦ୍ଧିହୀନ ବ୍ୟକ୍ତିର ମିତ୍ର ନଥାନ୍ତି । ମୂର୍ଖକୁ ବନ୍ଧୁ ମିଳିନଥାନ୍ତି ।

୨୩୨ । ଧର୍ମେଣ ଧାର୍ଯ୍ୟତେ ଲୋକଃ ।

ସଂସାରକୁ ଧର୍ମ ହିଁ ଧାରଣ କରି ରଖିଛି ।

ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।
ଧୀର୍ବିଦ୍ୟା ସତ୍ୟମକ୍ରୋଧଃ ଦଶକଂ ଧର୍ମଲକ୍ଷଣମ୍ ॥

ଧୈର୍ଯ୍ୟ, କ୍ଷମା, ଅନୁଦ୍‌ବେଗିତା, ଭୋଗଇଚ୍ଛାର ନିୟନ୍ତ୍ରଣ, ପରଦ୍ରବ୍ୟର ତ୍ୟାଗ, ଶୌଚ, ଇନ୍ଦ୍ରିୟନିଗ୍ରହ, ଆତ୍ମବୋଧ, ସତ୍ୟ, ଅକ୍ରୋଧ ଆଦି ଧର୍ମର ଲକ୍ଷଣ ।

୨୩୩ । ପ୍ରେତମପି ଧର୍ମାଧର୍ମାବନୁଗଚ୍ଛତଃ ।

ଧର୍ମ ଓ ଅଧର୍ମ ଉଭୟେ ମୃତ ବ୍ୟକ୍ତିକୁ ଅନୁସରଣ କରିଥାନ୍ତି ।

୨୩୪ । ଦୟା ଧର୍ମସ୍ୟ ଜନ୍ମଭୂମି ।

ଦୟା ହେଉଛି ଧର୍ମର ଜନ୍ମଭୂମି । ପରଦୁଃଖକାତରତା ଓ ସହାନୁଭୂତି ରୂପକ ଦୟା ଧର୍ମଭାବ ସୃଷ୍ଟି କରିଥାଏ ।

୨୩୫ । ଧର୍ମମୂଲେ ସତ୍ୟଦାନେ ।

ସତ୍ୟ ଓ ଦାନର ମୂଳରେ ରହିଛି ଧର୍ମଭାବ । ଧର୍ମଭାବରୁ ସତ୍ୟକଥନ ଓ ବଦାନ୍ୟତା ସୃଷ୍ଟି ହୋଇଥାଏ ।

GPNanda Colln., Digitized by srujanika@gmail.com

୨୩୬ । ଧର୍ମେଣ ଜୟନ୍ତି ଲୋକାନ୍ ।

ଧର୍ମ ରକ୍ଷାକରୁଥିବା ବ୍ୟକ୍ତି ସଂସାରକୁ ଜୟକରିଥାଏ ।

୨୩୭ । ମୃତ୍ୟୁରପି ଧର୍ମିଷ୍ଠଂ ରକ୍ଷତି ।

ମୃତ୍ୟୁ ଧର୍ମାତ୍ମା ବ୍ୟକ୍ତିକୁ ରକ୍ଷାକରିଥାଏ । ମୃତ୍ୟୁ ପରେ ଧାର୍ମିକ ବ୍ୟକ୍ତିର ଯଶ ଚିରସ୍ଥାୟୀ ହୋଇ ରହିଥାଏ ।

୨୩୮ । ଧର୍ମାଦ୍ ବିପରୀତଂ ପାପଂ ଯତ୍ର ପ୍ରସର୍ପେତ ତତ୍ର ଧର୍ମାବମତି-ର୍ମହତୀ ପ୍ରସଜ୍ୟେତ ।

ଧର୍ମର ବିପରୀତ ପାପ ଯେଉଁଠାରେ ପ୍ରସାରଲାଭକରେ, ସେଠାରେ ଧର୍ମର ବଡ଼ ଅପକାର ଘଟିଥାଏ ।

୨୩୯ । ଉପସ୍ଥିତବିନାଶାନାଂ ପ୍ରକୃତ୍ୟା କାରେଣ କାର୍ଯ୍ୟେଣ ଲକ୍ଷ୍ୟତେ ।

ବ୍ୟକ୍ତିର ଆସନ୍ନ ବିନାଶ ସ୍ୱଭାବ ଓ କାର୍ଯ୍ୟରୁ ସୂଚିତହୋଇଥାଏ ।

୨୪୦ । ଆତ୍ମବିନାଶଂ ସୂଚୟତ୍ୟଧର୍ମବୁଦ୍ଧିଃ । (ସୂଚୟନ୍ତି ଅଧର୍ମ-ବୁଦ୍ଧିଃ)

ବିଧର୍ମୀ ବ୍ୟକ୍ତିର ଅଧାର୍ମିକ କାର୍ଯ୍ୟକଳାପ ବିନାଶକୁ ସୂଚିତ କରିଥାଏ ।

୨୪୧ । ପିଶୁନବାଦିନୋ ନ ରହସ୍ୟମ୍ ।

ପରନିନ୍ଦୁକ (ଚୁଗୁଲିଖୋର) ବ୍ୟକ୍ତିର କଥା ଲୁଚି ରହେ ନାହିଁ ।

୨୪୨ । ପରରହସ୍ୟଂ ନୈବ ଶ୍ରୋତବ୍ୟମ୍ ।

ଅନ୍ୟର ଗୋପନ କଥାକୁ ଶୁଣିବା ଠିକ୍ ନୁହେଁ ।

୨୪୩ । କାରକତ୍ୱମଧର୍ମଯୁକ୍ତମ୍ ।

ପ୍ରଭୁ ଉପରେ ଅନୁଚରଙ୍କ ଆଧିପତ୍ୟ ଅଧର୍ମଯୁକ୍ତ ହୋଇଥାଏ ।

୨୪୪ । ସ୍ୱଜନେଷ୍ୱତିକ୍ରମୋ ନ କର୍ତ୍ତବ୍ୟଃ ।

ନିଜ ଲୋକମାନଙ୍କୁ (ଲୋକଙ୍କ ହିତ କଥାକୁ) ଅତିକ୍ରମ କରିବା ଠିକ୍ ନୁହେଁ ।

GPNanda Colln., Digitized by srujanika@gmail.com

୨୪୫ । ମାତାଽପି ଦୁଷ୍ଟା ତ୍ୟାଜ୍ୟା ।

ମା ଦୁଷ୍ଟ ହୋଇଥିଲେ ସେ ପରିତ୍ୟାଗଯୋଗ୍ୟା ।

୨୪୬ । ସ୍ୱହସ୍ତୋଽପି ବିଷଦିଗ୍ଧଶ୍ଛେଦ୍ୟଃ ।

ଆତ୍ମରକ୍ଷା ପାଇଁ ବିଷାକ୍ତ ହୋଇଥିବା ନିଜ ହାତ ମଧ୍ୟ ଛେଦନଯୋଗ୍ୟ ।

୨୪୭ । ପରୋଽପି ଚ ହିତୋ ବନ୍ଧୁଃ ।

ହିତସାଧନ କରୁଥିବା ଅନ୍ୟ ଲୋକ ମଧ୍ୟ ନିଜର ବନ୍ଧୁ ।

ପରୋଽପି ହିତବାନ୍ ବନ୍ଧୁଃ ବନ୍ଧୁରପ୍ୟହିତଃ ପରଃ ।
ଅହିତୋ ଦେହଜୋ ବ୍ୟାଧିଃ ହିତମାରଣ୍ୟମୌଷଧମ୍ ॥

ହିତସାଧନ କରୁଥିବା ପର ମଧ୍ୟ ବନ୍ଧୁ, ଅହିତ ସାଧନ କରୁଥିବା ବନ୍ଧୁ ହେଉଛନ୍ତି ପର ବା ଶତ୍ରୁ । ଦେହସ୍ଥିତ ବ୍ୟାଧି ହେଉଛି ଅହିତ, ଅରଣ୍ୟର ଔଷଧ ହେଉଛି ହିତକାରକ ।

୨୪୮ । କକ୍ଷାଦପ୍ୟୌଷଧଂ ଗୃହ୍ୟତେ ।

ବ୍ୟାଧିନାଶକ ଔଷଧ ଯେପରି ଶୁଷ୍କ ନୀରସ ଅରଣ୍ୟରୁ ସଂଗ୍ରହ କରାଯାଇ-ଥାଏ, ସେହିପରି ହିତକାରି ବ୍ୟକ୍ତି ହୀନ ହୋଇଥିଲେ ସୁଦ୍ଧା ଅବହେଳାର ପାତ୍ର ନୁହେଁ ।

୨୪୯ । ନାସ୍ତି ଚୌରେଷୁ ବିଶ୍ୱାସଃ ।

ଚୋରକୁ କୌଣସି ସମୟରେ ବିଶ୍ୱାସ କରିବା ଠିକ୍ ନୁହେଁ ।

୨୫୦ । ଅପ୍ରତୀକାରେଷ୍ୱନାଦରଃ । (ଅପ୍ରତୀକାରେଷୁ ଅନାଦରଃ)

ଶତ୍ରୁର ଅପ୍ରତିକାରକୁ ଦେଖି ତାକୁ ଉପେକ୍ଷା କରିବା ଅନୁଚିତ । ଶତ୍ରୁର ମିଠା କଥାରେ ଭୁଲିବା ଠିକ୍ ନୁହେଁ ।

୨୫୧ । ବ୍ୟସନଂ ମନାଗପି ବାଧତେ ।

ବ୍ୟସନର (ଦୁଃଖର) ମାତ୍ରା ଅଳ୍ପ ହେଉ ପଛକେ ତାହା ପୀଡ଼ା-ଦାୟକ ।

GPNanda Colln., Digitized by srujanika@gmail.com

୨୫୨ । ଅମରବଦର୍ଥଜାତମର୍ଜୟେତ୍ ।

(ଅମରବତ୍ ଅର୍ଥଜାତମ୍ ଅର୍ଜୟେତ୍)

ନିଜକୁ ଅମର ଭାବି ନ୍ୟାୟୋଚିତ ଅର୍ଥ (ଜୀବନ ସାମଗ୍ରୀ) ଅର୍ଜନ କରିବା ଉଚିତ । ଅର୍ଥାତ୍ ଜୀବନଟା କ୍ଷଣସ୍ଥାୟୀ ଭାବି ସାମଗ୍ରୀ ସଂଗ୍ରହ ପ୍ରତି ବିମୁଖ ହେବା ଠିକ୍ ନୁହେଁ ।

୨୫୩ । ଅର୍ଥବାନ୍ ସର୍ବଲୋକସ୍ୟ ବହୁମତଃ ।

ଧନବାନ୍ ବ୍ୟକ୍ତି ସମସ୍ତଙ୍କ ସମ୍ମାନଯୋଗ୍ୟ ହୋଇଥାଏ ।

୨୫୪ । ମହେନ୍ଦ୍ରମପ୍ୟର୍ଥହୀନଂ ନ ବହୁ ମନ୍ୟତେ ଲୋକଃ ।

ଅର୍ଥହୀନ ଇନ୍ଦ୍ରକୁ ମଧ୍ୟ ସଂସାରରେ ଲୋକେ ସମ୍ମାନ ଦିଅନ୍ତି ନାହିଁ । ଅର୍ଥାତ୍ କେବଳ ଗୁଣ ବା ମର୍ଯ୍ୟାଦା ଥିଲେ ହେବ ନାହିଁ, ସଂସାରରେ ପ୍ରତିଷ୍ଠା ପାଇଁ ଅର୍ଥ ଆବଶ୍ୟକ ।

୨୫୫ । ଦାରିଦ୍ର୍ୟଂ ଖଲୁ ପୁରୁଷସ୍ୟ ଜୀବିତଂ ମରଣମ୍ ।

ପୁରୁଷର ଦରିଦ୍ରତା ବଞ୍ଚି ଥାଇ ଥାଇ ମୃତ୍ୟୁ ସ୍ୱରୂପ ।

୨୫୬ । ବିରୂପୋଽର୍ଥବାନ୍ ସୁରୂପଃ ।

ସୌନ୍ଦର୍ଯ୍ୟବିହୀନ ବ୍ୟକ୍ତି ଧନବାନ୍ ହୋଇଥିଲେ ରୂପବାନ୍ ରୂପେ ଗୃହୀତ ହୋଇଥାଏ ।

୨୫୭ । ଅଦାତାରମପ୍ୟର୍ଥବନ୍ତମର୍ଥିନୋ ନ ତ୍ୟଜନ୍ତି ।

(ଅଦାତାରମ୍ ଅପି ଅର୍ଥବନ୍ତମ୍ ଅର୍ଥିନଃ ନ ତ୍ୟଜନ୍ତି)

ଧନ ଦେଉନଥିବା ଧନବାନ୍ ବ୍ୟକ୍ତିକୁ ମଧ୍ୟ ଯାଚକମାନେ ପରିତ୍ୟାଗ କରିନଥାନ୍ତି । ଅର୍ଥାତ୍ ଆଶା ଥାଏ କେବେହେଲେ କିଛି ମିଳିବ ।

୨୫୮ । ଅକୁଲୀନୋଽପି ଧନୀ କୁଲୀନାଦ୍ବିଶିଷ୍ଟଃ ।

ନିମ୍ନ କୁଳରେ ଜନ୍ମଗ୍ରହଣ କରିଥିବା ଧନୀ ବ୍ୟକ୍ତି ଉଚ୍ଚକୁଳରେ ଜନ୍ମିଥିବା ବ୍ୟକ୍ତିଠାରୁ ମଧ୍ୟ ବଡ଼ ବୋଲି ଗୃହୀତ ହୋଇଥାଏ ।

GPNanda Colln., Digitized by srujanika@gmail.com

୨୫୯ । ନାସ୍ତ୍ୟବମାନଭୟମନାର୍ଯ୍ୟସ୍ୟ ।

(ନ ଅସ୍ତି ଅବମାନଭୟମ୍ ଅନାର୍ଯ୍ୟସ୍ୟ)

ନୀଚ ବ୍ୟକ୍ତିର ତିରସ୍କାରର ଭୟ ନଥାଏ ।

୨୬୦ । ନ ଚେତନବତାଂ ବୃତ୍ତିଭୟମ୍ ।

ଜିତେନ୍ଦ୍ରିୟ ପୁରୁଷ ପକ୍ଷରେ ବିଷୟ ସମ୍ପଦର ଭୟ ନଥାଏ । ଅର୍ଥାତ୍ ଚେତନଶୀଳ ଜିତେନ୍ଦ୍ରିୟ ବ୍ୟକ୍ତି ବିଷୟ ଜାଲ ବନ୍ଧନରେ ପଡ଼ିନଥାଏ ।

୨୬୧ । ନ କୃତାର୍ଥାନାଂ ମରଣଭୟମ୍ ।

ଆତ୍ମଦର୍ଶୀ ପୁରୁଷର ମରଣକୁ ଡର ନଥାଏ ।

୨୬୨ । କସ୍ୟଚିଦର୍ଥଂ ସ୍ୱମିବ ମନ୍ୟତେ ସାଧୁଃ ।

ଅପରର ପଦାର୍ଥକୁ ସାଧୁ ବ୍ୟକ୍ତି ନିଜର ବୋଲି ଭାବିଥାନ୍ତି । ଅର୍ଥାତ୍ ସାଧୁବ୍ୟକ୍ତି ଅପରର ଜିନିଷକୁ ନିଜର ଭାବି ନଷ୍ଟ କରନ୍ତି ନାହିଁ ।

ଅୟଂ ନିଜଃପରୋ ବେତି ଗଣନା ଲଘୁଚେତସାମ୍ ।
ଉଦାର ଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ॥

ଏ ବସ୍ତୁ ମୋର, ଯେ ବସ୍ତୁ ତା'ର, ଏପରି କ୍ଷୁଦ୍ରମନା ବ୍ୟକ୍ତି ଭାବିଥାନ୍ତି । ଉଦାର ହୃଦୟ ବ୍ୟକ୍ତି ପକ୍ଷରେ ପୃଥିବୀ ଗୋଟାକ ତା'ର କୁଟୁମ୍ବ ସ୍ୱରୂପ ।

୨୬୩ । ପରବିଭବେଷ୍ୱାଦରୋ ନ କର୍ତ୍ତବ୍ୟଃ ।

(ପରବିଭବେଷୁ ଆଦରଃ ନ କର୍ତ୍ତବ୍ୟଃ)

ପରର ଧନସମ୍ପଦରେ ଆଦର ପ୍ରଦର୍ଶନ ଅନୁଚିତ । ଅର୍ଥାତ୍ ଅନ୍ୟର ସମ୍ପତ୍ତି ପ୍ରତି ଲୋଭ ପ୍ରକାଶ କରିବା ଅନୁଚିତ ।

GPNanda Colln., Digitized by srujanika@gmail.com

୨୬୪ । ପରବିଭବେଷ୍ୱାଦରୋଽପି ନାଶମୂଳମ୍ ।

(ପରବିଭବେଷୁ ଆଦରଃ ଅପି ନାଶମୂଳମ୍)

ପରର ଧନସମ୍ପତ୍ତି ପ୍ରତି ଲୋଭ ପ୍ରଦର୍ଶନ ବିନାଶମୂଳକ । ଅର୍ଥାତ୍ ଲୋଭରୁ ଅପହରଣ ପ୍ରବୃତ୍ତି ଜନ୍ମେ । ନ ପାଇଲେ ମାନସିକ ଅଶାନ୍ତି ସୃଷ୍ଟି ହୋଇଥାଏ ।

୨୬୫ । ପଲ୍ଲଳମପି ପରଦ୍ରବ୍ୟଂ ନ ହର୍ତ୍ତବ୍ୟମ୍ ।

ଅଳ୍ପ ମାତ୍ରାରେ ସୁଦ୍ଧା ପରଦ୍ରବ୍ୟକୁ ଅପହରଣ କରିବା ଅନୁଚିତ ।

୨୬୬ । ନ ଚୌର୍ଯ୍ୟାତ୍ ପରଂ ମୃତ୍ୟୁପାଶଃ ।

ଚୋରିଠାରୁ ବଳି କୌଣସି ବଡ଼ ମୃତ୍ୟୁ ବନ୍ଧନ ନାହିଁ । ମୃତ୍ୟୁର ପାଶ ଚୌର୍ଯ୍ୟପାଶଠାରୁ ଅଧିକ ଦୁଃଖଦାୟକ ହୁଏନାହିଁ ।

୨୬୭ । ଯବାଗୂରପି ପ୍ରାଣଧାରଣଂ କରୋତି କାଳେ ।

ଉଚିତ ସମୟରେ ଜାଉ ମଧ୍ୟ ପ୍ରାଣ ସଂରକ୍ଷଣ କରିବାକୁ ସମର୍ଥ ।

୨୬୮ । ନ ମୃତସ୍ୟୌଷଧଂ ପ୍ରୟୋଜନମ୍ ।

ମୃତ୍ୟୁ ପରେ ଔଷଧ ପ୍ରୟୋଗର କୌଣସି ପ୍ରୟୋଜନ ନାହିଁ ।

୨୬୯ । ସମକାଳେ ସ୍ୱୟମପି ପ୍ରଭୁତ୍ୱସ୍ୟ ପ୍ରୟୋଜନଂ ଭବତି ।

ସାଧାରଣ କାଳରେ ନିଜର ପ୍ରଭୁପଣକୁ ଜଗି ରଖିବା ନିଜର କର୍ତ୍ତବ୍ୟ ରୂପେ ଦେଖାଦିଏ ।

୨୭୦ । ନୀଚସ୍ୟ ବିଦ୍ୟାଃ ପାପକର୍ମଣି ଯୋଜୟନ୍ତି ।

ନୀଚ ବ୍ୟକ୍ତିର ବିଦ୍ୟା ତାକୁ ପାପକର୍ମରେ ପ୍ରବୃତ୍ତ କରାଏ । ନୀଚ ବ୍ୟକ୍ତିର ବୁଦ୍ଧି ବୈଭବସବୁ ଚୋରି, କପଟତା, ଲୁଣ୍ଠନ, ପ୍ରବଞ୍ଚନାରେ ପ୍ରଯୁକ୍ତ ହୋଇଥାଏ ।

GPNanda Colln., Digitized by srujanika@gmail.com

୨୭୧ । ପୟଃପାନମପି ବିଷବର୍ଦ୍ଧନଂ ଭୁଜଙ୍ଗସ୍ୟ ନାମୃତଂ ସ୍ୟାତ୍ ।

ସର୍ପକୁ କ୍ଷୀର ପ୍ରଦାନ ତା'ର ବିଷକୁ ବଢ଼ାଇଥାଏ, ଅମୃତକୁ ବଢ଼ାଏ ନାହିଁ । ନୀଚକୁ ବିଦ୍ୟାଦାନ ଦେବାର ଅର୍ଥ ତା'ର ନୀଚ ପ୍ରବୃତ୍ତିକୁ ବଢ଼ାଇବା କଥା ।

୨୭୨ । ନ ହି ଧାନ୍ୟସମୋ ହ୍ୟର୍ଥଃ । (ହି ଅର୍ଥଃ)

ଧାନଠାରୁ ବଳି ଧନ ନାହିଁ । ଅର୍ଥାତ୍ ସମୟେ ସମୟେ ଟଙ୍କା ଥାଇ ମଧ୍ୟ ଖାଦ୍ୟ ମିଳେ ନାହିଁ ।

୨୭୩ । ନ କ୍ଷୁଧାସମଃ ଶତ୍ରୁଃ ।

କ୍ଷୁଧାଠାରୁ ବଳି ଶତ୍ରୁ ନାହିଁ । ଅର୍ଥାତ୍ କ୍ଷୁଧାର୍ତ୍ତ ବ୍ୟକ୍ତି କୁତ୍ସିତ ଆଚରଣ କରିବାକୁ କୁଣ୍ଠିତ ହୁଏ ନାହିଁ ।

୨୭୪ । ଅକୃତେର୍ନିୟତା କ୍ଷୁତ୍ ।

ଅକର୍ମଣ୍ୟ ବ୍ୟକ୍ତିକୁ କ୍ଷୁଧାରେ ମରିବାକୁ ହୋଇଥାଏ ।

୨୭୫ । ନାସ୍ତ୍ୟଭକ୍ଷ୍ୟଂ କ୍ଷୁଧିତସ୍ୟ । (ନ ଅସ୍ତି ଅଭକ୍ଷ୍ୟଂ କ୍ଷୁଧିତସ୍ୟ)

କ୍ଷୁଧାତୁର ବ୍ୟକ୍ତି ପକ୍ଷରେ କିଛି ଅଭକ୍ଷ୍ୟ ନଥାଏ ।

୨୭୬ । ଇନ୍ଦ୍ରିୟାଣି ଜରାବଶଂ କୁର୍ବନ୍ତି ।

ଇନ୍ଦ୍ରିୟମାନେ ମନୁଷ୍ୟକୁ ବୃଦ୍ଧାବସ୍ଥାରେ ନିଜ ଆୟତ୍ତରେ ରଖିଥାନ୍ତି । ଇନ୍ଦ୍ରିୟମାନଙ୍କର ଅଯଥା ଉପଯୋଗ ମନୁଷ୍ୟକୁ ବୃଦ୍ଧାବସ୍ଥା ପୂର୍ବରୁ ବାର୍ଦ୍ଧକ୍ୟର ଅଧୀନ କରିଥାଏ ।

୨୭୭ । ସାନୁକ୍ରୋଶଂ ଭର୍ତ୍ତାରମାଜୀବେତ୍ ।

ଦୟାଳୁ ପ୍ରଭୁକୁ ସେବାକରି ଜୀବିକା ଅର୍ଜନ କରିବା ଉଚିତ । କୁହାଯାଇଛି—

ସେବିତବ୍ୟୋ ମହାବୃକ୍ଷଃ ଫଲଚ୍ଛାୟାସମନ୍ୱିତଃ ।
ଯଦି ଦୈବାତ୍ ଫଳଂ ନାସ୍ତି ଛାୟା କେନ ନିବାର୍ଯ୍ୟତେ ॥

GPNanda Colln., Digitized by srujanika@gmail.com

ଫଳ ଛାୟାଯୁକ୍ତ ବୃହତ୍ ବୃକ୍ଷକୁ ସେବା କରିବା ଉଚିତ । ଯଦି ଦୈବାତ୍ ଫଳ ନ ମିଳେ, ଛାୟା ତ ଅବଶ୍ୟ ମିଳିବ । ସେହିପରି ମହାମନା ବ୍ୟକ୍ତିକୁ ସେବା କରିବା ଉଚିତ । ଯଦି ତାଙ୍କଠାରୁ ଟଙ୍କା ପଇସା ନ ମିଳେ ଅନ୍ୟ ରୂପରେ ସାହାଯ୍ୟ ନିଶ୍ଚୟ ମିଳିବ ।

୨୭୮ । ଲୁବ୍ଧସେବୀ ପାବକେଚ୍ଛୟା ଖଦ୍ୟୋତଂ ଧମତି ।

କୃପଣ ସ୍ୱାମୀକୁ ସେବା କରୁଥିବା ବ୍ୟକ୍ତି ଅଗ୍ନି ପ୍ରତି ଧାବିତ ହେଉଥିବା ପତଙ୍ଗର ଦଶାକୁ ଲାଭକରିଥାଏ ।

୨୭୯ । ବିଶେଷଜ୍ଞଂ ସ୍ୱାମିନମାଶ୍ରୟେତ୍ ।

ବିଦ୍ୱାନ୍ ଅର୍ଥାତ୍ ଗୁଣକୁ ଆଦର କରୁଥିବା ସ୍ୱାମୀକୁ ଆଶ୍ରୟ କରିବା ଉଚିତ ।

୨୮୦ । ପୁରୁଷସ୍ୟ ମୈଥୁନଂ ଜରା ।

ଅଧିକ ମୈଥୁନ ପୁରୁଷ ପକ୍ଷରେ ଜରାର କାରଣ ।

୨୮୧ । ସ୍ତ୍ରୀଣାମମୈଥୁନଂ ଜରା ।

ମୈଥୁନ ନ କରିବା ସ୍ତ୍ରୀ ପକ୍ଷରେ ଜରାର କାରଣ ।

୨୮୨ । ନ ନୀଚୋତ୍ତମୟୋର୍ବିବାହଃ ।

ନୀଚ ଓ ଉଚ୍ଚ ବ୍ୟକ୍ତି ଭିତରେ ପରସ୍ପର ବିବାହ କରିବା ଠିକ୍ ନୁହେଁ ।

୨୮୩ । ଅଗମ୍ୟାଗମନାଦାୟୁର୍ଯଶଃ ପୁଣ୍ୟାନି କ୍ଷୀୟନ୍ତେ ।

ଅଗମ୍ୟ ଗମନରୁ (ବେଶ୍ୟାଦି ପତିତା ସ୍ତ୍ରୀ ସହବାସ) ଦ୍ୱାରା ଆୟୁ, ଯଶଃ ତଥା ପୁଣ୍ୟ କ୍ଷୀଣ ହୋଇଥାଏ ।

୨୮୪ । ନାସ୍ତ୍ୟହଂକାରସମଃ ଶତ୍ରୁଃ ।

ଅହଂକାରଠାରୁ (ଆତ୍ମବଡ଼ିମା) ବଳି ଶତ୍ରୁ ନାହିଁ ।

୨୮୫ । ସଂସଦି ଶତ୍ରୁଂ ନ ପରିକ୍ରୋଶେତ୍ ।

ସଭା ଭିତରେ ଶତ୍ରୁର କ୍ରୋଧ ଉଦ୍ରେକିତ କଲାଭଳି କଠୋର ବାଣୀ ପ୍ରୟୋଗ କରିବା ଠିକ୍ ନୁହେଁ ।

GPNanda Colln., Digitized by srujanika@gmail.com

୨୮୬ । ଅଧନସ୍ୟ ବୁଦ୍ଧିର୍ନବିଦ୍ୟତେ ।

ନିର୍ଦ୍ଧନ ବ୍ୟକ୍ତିର ବୁଦ୍ଧି ନଥାଏ ।

୨୮୭ । ହିତମପ୍ୟଧନସ୍ୟ ବାକ୍ୟଂ ନ ଗୃହ୍ୟତେ ।

ନିର୍ଦ୍ଧନ ବ୍ୟକ୍ତିର ହିତକାରୀ କଥାକୁ ଅନ୍ୟମାନେ ଗ୍ରହଣ କରନ୍ତି ନାହିଁ ।

୨୮୮ । ଅଧନଃ ସ୍ୱଭାର୍ଯ୍ୟୟାଽପ୍ୟବମନ୍ୟତେ ।

ନିର୍ଦ୍ଧନ ବ୍ୟକ୍ତିର-ସ୍ତ୍ରୀ ମଧ୍ୟ ତାକୁ ଅବମାନନା କରିଥାଏ । ପରିବାରର ଜୀବନ ସାଧନ ସାମଗ୍ରୀକୁ ସଂଗ୍ରହ କରିପାରୁ ନଥିବା ବ୍ୟକ୍ତିକୁ ତା'ର ସ୍ତ୍ରୀ ମଧ୍ୟ ଅପମାନିତ କରିଥାଏ ।

୨୮୯ । ପୁଷ୍ପହୀନଂ ସହକାରମପି ନୋପାସତେ ଭ୍ରମରାଃ ।

ଭ୍ରମରମାନେ ବଉଳବିହୀନ ଆମ୍ବଗଛକୁ ଯାଆନ୍ତି ନାହିଁ । ଅର୍ଥାତ୍ ଧନହୀନ ଲୋକ ଉତ୍ତମ ବ୍ୟକ୍ତି ହୋଇଥିଲେ ସୁଦ୍ଧା ତା ନିକଟକୁ କେହି ଯାଆନ୍ତି ନାହିଁ ।

୨୯୦ । ବିଦ୍ୟାଧନମଧନାନାମ୍ ।

ନିର୍ଦ୍ଧନ ବ୍ୟକ୍ତି ନିମିତ୍ତ ବିଦ୍ୟା ହେଉଛି ଏକମାତ୍ର ଧନ ।

୨୯୧ । ବିଦ୍ୟା ଚୌରୈରପି ନ ଗ୍ରାହ୍ୟା ।

ବିଦ୍ୟା ଚୌରମାନଙ୍କଦ୍ୱାରା ଅପହୃତ ହୋଇନଥାଏ ।

ନ ଚୌରହାର୍ଯ୍ୟଂ ନ ଚ ରାଜହାର୍ଯ୍ୟଂ
ନ ଭ୍ରାତୃଭାଜ୍ୟଂ ନ ଚ ଭାରକାରି ।
ବ୍ୟୟେ କୃତେ ବର୍ଦ୍ଧତ ଏବ ନିତ୍ୟଂ
ବିଦ୍ୟାଧନଂ ସର୍ବଧନ-ପ୍ରଧାନମ୍ ॥

ବିଦ୍ୟାଧନକୁ ଚୋର ନେଇ ପାରନ୍ତି ନାହିଁ, ରାଜା ମଧ୍ୟ ନେଇ ପାରନ୍ତି ନାହିଁ, ଭାଇଭାଗରେ ତାହା ବିଭାଜ୍ୟ ନୁହେଁ । ତାକୁ ଖର୍ଚ୍ଚ କଲେ

GPNanda Colln., Digitized by srujanika@gmail.com

ଅର୍ଥାତ୍ ଅପରକୁ ପ୍ରଦାନ କଲେ ତାହା ପରିବର୍ଦ୍ଧିତ ହୋଇଥାଏ । ତେଣୁ ବିଦ୍ୟାଧନ ହେଉଛି ସବୁ ଧନ ଭିତରେ ଶ୍ରେଷ୍ଠ ।

୨୯୨ । ବିଦ୍ୟୟା ଖ୍ୟାପିତା ଖ୍ୟାତିଃ ।

ବ୍ୟକ୍ତିର ଖ୍ୟାତି ବିଦ୍ୟାଦ୍ୱାରା ବିସ୍ତାରିତ ହୋଇଥାଏ ।

୨୯୩ । ଯଶଃ ଶରୀରଂ ନ ବିନଶ୍ୟତି ।

ଯଶଃ ରୂପକ ଶରୀରର ବିନାଶ ନାହିଁ । ଅର୍ଥାତ୍ ମାଟିର ଶରୀର ମାଟିରେ ମିଶିଯାଏ ସିନା, କିନ୍ତୁ ବ୍ୟକ୍ତିର ଯଶଃ କୀର୍ତ୍ତି ସବୁଦିନେ ରହିଥାଏ । ତେଣୁ କୁହାଯାଇଛି 'କୀର୍ତ୍ତିର୍ଯସ୍ୟ ସ ଜୀବତି' ।

୨୯୪ । ଯଃ ପରାର୍ଥମୁପସର୍ପତି ସ ସତ୍ପୁରୁଷଃ ।

(ପର ଅର୍ଥମ୍ଉପସର୍ପତି)

ଯେଉଁ ବ୍ୟକ୍ତି ପରୋପକାର କରିବାକୁ ଅଗ୍ରସର ହୋଇଥାଏ ସେ ହିଁ ସତ୍ପୁରୁଷ ।

୨୯୫ । ଇନ୍ଦ୍ରିୟାଣାଂ ପ୍ରଶମଂ ଶାସ୍ତ୍ରମ୍ ।

ଶାସ୍ତ୍ରଜ୍ଞାନଦ୍ୱାରା ଇନ୍ଦ୍ରିୟମାନଙ୍କ ବୃତ୍ତି ପ୍ରଶମିତ ହୋଇଥାଏ ।

୨୯୬ । ଅଶାସ୍ତ୍ରକାର୍ଯ୍ୟବୃତ୍ତୌ ଶାସ୍ତ୍ରାଙ୍କୁଶଂ ନିବାରୟତି ।

ଗର୍ହିତ ବା ଅବୈଧ କର୍ମରେ ପ୍ରବୃତ୍ତ ଥିବା ବ୍ୟକ୍ତିକୁ ଶାସ୍ତ୍ରର ଅଙ୍କୁଶ ସେଥିରୁ ବାରଣ କରିଥାଏ ।

୨୯୭ । ନୀଚସ୍ୟ ବିଦ୍ୟା ନୋପେତବ୍ୟା ।

ନୀଚ ପୁରୁଷର ବିଦ୍ୟାକୁ ଅବହେଳା ପ୍ରଦର୍ଶନ କରିବା ଠିକ୍ ନୁହେଁ, ଅର୍ଥାତ୍ ନୀଚଠାରୁ ଭଲବିଦ୍ୟା ଗ୍ରହଣ କରିବା କଥା ।

୨୯୮ । ମ୍ଲେଚ୍ଛଭାଷଣଂ ନ ଶିକ୍ଷେତ ।

ମ୍ଲେଚ୍ଛ ଭାଷାକୁ ଶିକ୍ଷା କରିବା ଠିକ୍ ନୁହେଁ । ଏଠାରେ ମ୍ଲେଚ୍ଛ ଭାଷଣର ଅର୍ଥ ମ୍ଲେଚ୍ଛ ବ୍ୟକ୍ତିର ଖରାପ ଭାଷଣ ଅଭିପ୍ରେତ ।

GPNanda Colln., Digitized by srujanika@gmail.com

୨୯୯ । ମ୍ଲେଚ୍ଛାନାମପି ସୁବୃତ୍ତଂ ଗ୍ରାହ୍ୟମ୍ ।

ମ୍ଲେଚ୍ଛ ବ୍ୟକ୍ତିଠାରୁ ଉତ୍ତମ ଗୁଣକୁ ଗ୍ରହଣ କରିବା ବାଞ୍ଛନୀୟ ।

୩୦୦ । ଗୁଣେ ନ ମତ୍ସରଃ କର୍ତ୍ତବ୍ୟଃ ।

ଅସହିଷ୍ଣୁ ହୋଇ ଉତ୍ତମ ଲୋକର ଗୁଣକୁ ଅବହେଳା ପ୍ରଦର୍ଶନ କରିବା ଠିକ୍ ନୁହେଁ ।

୩୦୧ । ଶତ୍ରୋରପି ସୁଗୁଣୋ ଗ୍ରାହ୍ୟଃ ।

ଶତ୍ରୁଠାରୁ ମଧ୍ୟ ଭଲ ଗୁଣଗୁଡ଼ିକୁ ଗ୍ରହଣ କରିବା ଉଚିତ ।

୩୦୨ । ବିଷାଦପ୍ୟମୃତଂ ଗ୍ରାହ୍ୟମ୍ । (ବିଷାତ୍ ଅପି ଅମୃତମ୍ ଗ୍ରାହ୍ୟମ୍)

ବିଷ ଭିତରେ ଥିବା ଅମୃତ ଗ୍ରହଣୀୟ । ଅର୍ଥାତ୍ ଖରାପ ବ୍ୟକ୍ତି ଭିତରେ ଥିବା ଉତ୍ତମ ଗୁଣ, ବିଚାର, ବିଦ୍ୟା ଆଦି ଗ୍ରହଣଯୋଗ୍ୟ ।

୩୦୩ । ଅବସ୍ଥୟା ପୁରୁଷଃ ସମ୍ମାନ୍ୟତେ ।

ଅବସ୍ଥା ଅନୁସାରେ ବ୍ୟକ୍ତି ସମ୍ମାନିତ ହୋଇଥାଏ ।

୩୦୪ । ସ୍ଥାନ ଏବ ନରାଃ ପୂଜ୍ୟନ୍ତେ ।

ନିଜ ସ୍ଥାନରେ ବ୍ୟକ୍ତି ସମ୍ମାନ ପାଇଥାଏ ।

୩୦୫ । ଆର୍ଯ୍ୟ ବୃତ୍ତମନୁତିଷ୍ଠେତ୍ ।

ଶ୍ରେଷ୍ଠ ପୁରୁଷମାନଙ୍କ ଆଚାର ବିଚାରକୁ ଅନୁସରଣ କରିବା ବିଧେୟ ।

୩୦୬ । କଦାପି ମର୍ଯ୍ୟାଦାଂ ନାତିକ୍ରମେତ୍ ।

ମର୍ଯ୍ୟାଦା ବା ସୀମାକୁ କଦାପି ଲଂଘନ କରିବା ଠିକ୍ ନୁହେଁ ।

୩୦୭ । ନାସ୍ତ୍ୟର୍ଘଃ ପୁରୁଷରତ୍ନସ୍ୟ ।

ପୁରୁଷ ରତ୍ନର କୌଣସି ମୂଲ୍ୟ ନିରୂପିତ ହୋଇପାରେନାହିଁ ।

୩୦୮ । ନ ସ୍ତ୍ରୀରତ୍ନସମଂ ରତ୍ନମ୍ ।

କୁଳଭୂଷଣ ସ୍ତ୍ରୀରତ୍ନଠାରୁ ବଳି ରତ୍ନ ନାହିଁ ।

GPNanda Colln., Digitized by srujanika@gmail.com

୩୦୯ । ସୁଦୁର୍ଲଭଂ ରତ୍ନମ୍ ।

ରତ୍ନ ମିଳବା ବଡ଼ କଷ୍ଟକର । ଗୁଣୀ ବ୍ୟକ୍ତି ସଂସାରରେ ଦୁର୍ଲଭ ।

୩୧୦ । ଅଯଶୋଭୟଂ ଭୟେଷୁ ।

ସକଳ ଭୟ ଭିତରେ ଅପଯଶ ଭୟଟି ସବୁଠାରୁ ବଡ଼ ।

୩୧୧ । ନାସ୍ତ୍ୟଳସସ୍ୟ ଶାସ୍ତ୍ରାଗମଃ ।

ଅଳସ୍ୟପରାୟଣ ବ୍ୟକ୍ତି ଶାସ୍ତ୍ରଜ୍ଞାନ ଲାଭକରିନଥାଏ ।

୩୧୨ । ନ ସ୍ତ୍ରୈଣସ୍ୟ ସ୍ୱର୍ଗାପ୍ତିର୍ଧର୍ମକୃତ୍ୟଂ ଚ ।

ନିତାନ୍ତ ନାରୀରଂକ ନରମାନଙ୍କୁ ସ୍ୱର୍ଗ ମିଳେନାହିଁ କିମ୍ବା ସେମାନେ କୌଣସି ଧର୍ମ କର୍ମ କରିପାରନ୍ତିନାହିଁ ।

୩୧୩ । ସ୍ତ୍ରିୟୋଽପି ସ୍ତ୍ରୈଣମବମନ୍ୟନ୍ତେ ।

ଅନ୍ୟମାନଙ୍କ କଥା କ'ଣ ସ୍ତ୍ରୀ ମଧ୍ୟ ସ୍ତ୍ରୈଣ ପୁରୁଷକୁ ଅବମାନନା କରିଥାଏ ।

୩୧୪ । ନ ପୁଷ୍ପାର୍ଥୀ ସିଞ୍ଚତି ଶୁଷ୍କତରୁମ୍ ।

ଫୁଲ ସଂଗ୍ରହକାରୀ ବ୍ୟକ୍ତି ଶୁଖିଲା ଗଛରେ ପାଣି ଦିଏନାହିଁ ।

୩୧୫ । ଅଦ୍ରବ୍ୟପ୍ରୟତ୍ନୋ ବାଲୁକାକ୍ୱଥନାଦନନ୍ୟଃ ।

କ୍ଷୁଧା ମେଣ୍ଟାଇବା ପାଇଁ ବାଲି ସଂଗ୍ରହ କରିବା ଯେପରି ନିରର୍ଥକ, ସେହିପରି ଭ୍ରାନ୍ତ ଉପାୟରେ ସୁଖ ଅନ୍ୱେଷଣ କରିବା ମଧ୍ୟ ନିରର୍ଥକ ।

୩୧୬ । ନ ମହାଜନହାସଃ କର୍ତ୍ତବ୍ୟଃ ।

ମହାଜନମାନଙ୍କୁ ଉପହାସ କରିବା ଅନୁଚିତ ।

୩୧୭ । କାର୍ଯ୍ୟସମ୍ପଦଂ ନିମିତ୍ତାନି ସୂଚୟନ୍ତି ।

କୌଣସି କାର୍ଯ୍ୟର ନିମିତ୍ତ (କାରଣ ବା ଲକ୍ଷଣ) ତା'ର ସିଦ୍ଧି ବା ଅସିଦ୍ଧିକୁ ସୂଚିତ କରିଇଥାଏ ।

GPNanda Colln., Digitized by srujanika@gmail.com

୩୧୮ । ନକ୍ଷତ୍ରାଦପି ନିମିତ୍ତାନି ବିଶେଷୟନ୍ତି ।

ନକ୍ଷତ୍ରମାନଙ୍କଠାରୁ ଭବିଷ୍ୟତର ସିଦ୍ଧି ଓ ଅସିଦ୍ଧି ସୂଚିତ ହୋଇଥାଏ ।

୩୧୯ । ନ ତ୍ୱରିତସ୍ୟ ନକ୍ଷତ୍ରପରୀକ୍ଷା ।

ଶୀଘ୍ର କାର୍ଯ୍ୟ ସିଦ୍ଧି କରିବାକୁ ଚାହୁଁଥିବା ବ୍ୟକ୍ତି ନକ୍ଷତ୍ର ଗଣନାଦ୍ୱାରା ନିଜ ଭାଗ୍ୟ ପରୀକ୍ଷା କରେନାହିଁ ।

୩୨୦ । ପରିଚୟେ ଦୋଷା ନ ଛାଦ୍ୟନ୍ତେ ।

ପରିଚୟ ମିଳିଗଲା ପରେ ଦୋଷ ଛପି ରହେ ନାହିଁ ।

୩୨୧ । ସ୍ୱୟମଶୁଦ୍ଧଃ ପରାନାଶଂକତେ ।
(ସ୍ୱୟମ୍ ଅଶୁଦ୍ଧଃ ପରାନ୍ ଆଶଂକତେ)

ଅଶୁଦ୍ଧ ବିଚାରବିଶିଷ୍ଟ ବ୍ୟକ୍ତି ଅପରକୁ ସନ୍ଦେହ କରିଥାଏ । ଅର୍ଥାତ୍ ଯାହାର ମନରେ କୁତ୍ସିତ ଚିନ୍ତା ଥାଏ ସେ ଅପର ବ୍ୟକ୍ତିକୁ ନିଜ ଭଳି ଚିନ୍ତାସମ୍ପନ୍ନ ବୋଲି ସନ୍ଦେହକରିଥାଏ ।

୩୨୨ । ସ୍ୱଭାବୋ ଦୁରତିକ୍ରମଃ ।

ସ୍ୱଭାବର ପରିବର୍ତ୍ତନ ବଡ଼ କଷ୍ଟକର ।

୩୨୩ । ଅପରାଧାନୁରୂପୋ ଦଣ୍ଡଃ ।

ଅପରାଧ ଅନୁପାତରେ ଦଣ୍ଡବିଧାନ କରିବା ଉଚିତ ।

୩୨୪ । କଥାନୁରୂପଂ ପ୍ରତିବଚନମ୍ ।

ପ୍ରଶ୍ନ ଅନୁସାରେ ଉତ୍ତର ଦେବା ଉଚିତ ।

୩୨୫ । ବିଭବାନୁରୂପମାଭରଣମ୍ ।

ଧନସମ୍ପତ୍ତି ଅନୁସାରେ ଭୂଷଣ ପରିଧାନ କରିବା କଥା ।

୩୨୬ । କୁଳାନୁରୂପଂ ବୃତ୍ତମ୍ ।

କୁଳର ମର୍ଯ୍ୟାଦା ଅନୁସାରେ ବୃତ୍ତିଗ୍ରହଣ (କାର୍ଯ୍ୟଗ୍ରହଣ) ଶୋଭନୀୟ ।

GPNanda Colln., Digitized by srujanika@gmail.com

୩୨୭ । କାର୍ଯ୍ୟାନୁରୂପଃ ପ୍ରଯତ୍ନଃ ।

କାର୍ଯ୍ୟ ଅନୁସାରେ ଆୟୋଜନ କରିବା ବିଧେୟ । କାର୍ଯ୍ୟର ଆବୃତ୍ତନ ଅନୁଯାୟୀ ପ୍ରଯତ୍ନ ଆବଶ୍ୟକ ।

୩୨୮ । ପାତ୍ରାନୁରୂପଂ ଦାନମ୍ ।

ପାତ୍ର (ଗ୍ରହୀତା) ଅନୁସାରେ ଦାନ ଦେବା ବିଧେୟ ।

୩୨୯ । ବୟୋଽନୁରୂପୋ ବେଶଃ ।

ବୟସର ଅବସ୍ଥା ଅନୁସାରେ ବେଶ ଧାରଣ କରିବା ଉଚିତ ।

୩୩୦ । ସ୍ୱାମ୍ୟନୁକୂଲୋ ଭୃତ୍ୟଃ ।

ସ୍ୱାମୀର ଅନୁକୂଳରେ (ଇଚ୍ଛାନୁସାରେ) ଭୃତ୍ୟର କାର୍ଯ୍ୟ କରିବା ଆବଶ୍ୟକ ।

୩୩୧ । ଭର୍ତ୍ତୃବଶବର୍ତ୍ତିନୀ ଭାର୍ଯ୍ୟା ।

ଭାର୍ଯ୍ୟା ଭର୍ତ୍ତାର ବଶବର୍ତ୍ତି ହେବା ବିଧେୟ ।

୩୩୨ । ଗୁରୁବଶାନୁବର୍ତ୍ତୀ ଶିଷ୍ୟଃ ।

ଶିଷ୍ୟ ଗୁରୁଙ୍କ ବଶବର୍ତ୍ତୀ ହେବା ଉଚିତ ।

୩୩୩ । ପିତୃବଶାନୁବର୍ତ୍ତୀ ପୁତ୍ରଃ ।

ପୁତ୍ର ପିତାର ବଶବର୍ତ୍ତୀ ହେବା ଉଚିତ ।

୩୩୪ । ଅତ୍ୟୁପଚାରଃ ଶଙ୍କିତବ୍ୟଃ । (ଅତି ଉପଚାରଃ ଶଙ୍କିତବ୍ୟଃ)

ଅଧିକ ଆଦରକୁ ଆଶଙ୍କାର କାରଣ ରୂପେ ଗ୍ରହଣ କରିବା କଥା ।

୩୩୫ । ସ୍ୱାମିନମେବାନୁବର୍ତ୍ତେତ ।

ସେବକ ପକ୍ଷରେ ସଦାସର୍ବଦା ସ୍ୱାମୀର ଆଜ୍ଞାକୁ ଅନୁଗମନ କରିବା କଥା ।

GPNanda Colln., Digitized by srujanika@gmail.com

୩୩୬ । ମାତୃତାଡ଼ିତୋ ବତ୍ସୋ ମାତରମେବାନୁରୋଦିତି ।

ମା'ଦ୍ୱାରା ଦଣ୍ଡିତ ବତ୍ସ ମା'ର ଆଗରେ ହିଁ କାନ୍ଦିଥାଏ । ସେହିପରି ସଂସାରରେ ଗୁରୁଜନ, ପିତା ଓ ହିତୈଷୀ ବ୍ୟକ୍ତିମାନଙ୍କ ତାଡ଼ନା ପାଇ ତାଙ୍କୁ ଆପଣାର ଭାବି ଆତ୍ମଶୋଧନ କରିବା ଆବଶ୍ୟକ ।

୩୩୭ । ସ୍ନେହବତଃ ସ୍ୱଳ୍ପୋ ହି ରୋଷଃ ।

ସ୍ନେହୀ ବ୍ୟକ୍ତିଙ୍କ କୋପ କ୍ଷଣସ୍ଥାୟୀ ।

୩୩୮ । ଆତ୍ମଚ୍ଛିଦ୍ରଂ ନ ପଶ୍ୟତି ପରଚ୍ଛିଦ୍ରମେବ ପଶ୍ୟତି ବାଲିଶଃ ।

ମୂର୍ଖ ବ୍ୟକ୍ତି ନିଜ ଦୋଷ ନ ଦେଖି ଅପରର ଦୋଷ ଦେଖିବସେ ।

୩୩୯ । ସୋପଚାରଃ କୈତବଃ ।

ଉପଚାର ଅର୍ଥାତ୍ ପାରିତୋଷିକ ବା ଉତ୍କୋଚ ପ୍ରଦାନ ଛଳନା ସୃଷ୍ଟି କରିଥାଏ ।

୩୪୦ । କାର୍ଯ୍ୟବିଶେଷୈରୁପଚରଣମୁପଚାରଃ ।

କୌଣସି ବିଶେଷ କାର୍ଯ୍ୟ ସିଦ୍ଧି ନିମିତ୍ତ କରାଯାଉଥିବା ସେବା ଉପଚାର ନାମରେ କଥିତ ।

୩୪୧ । ଚିରପରିଚିତାନାମତ୍ୟୁପଚାରଃ ଶଙ୍କିତବ୍ୟଃ ।

(ଚିରପରିଚିତାନାମ୍ ଅତି ଉପଚାରଃ)

ଅତି ପରିଚିତ ବ୍ୟକ୍ତିମାନଙ୍କର ଅତ୍ୟଧିକ ଆଦର ପ୍ରଦର୍ଶନ ସନ୍ଦେହସୂଚକ ହୋଇଥାଏ ।

୩୪୨ । ଗୌର୍ଦୁଷ୍କରା ଶ୍ୱସହସ୍ରାଦେକାକିନୀ ଶ୍ରେୟସୀ ।

ଗୋଟିଏ ବିଗିଡ଼ା ଗାଈ ସହସ୍ର କୁକୁରଠାରୁ ବଳି ଶ୍ରେୟସ୍କର । ତେଣୁ ସଂଖ୍ୟା ନୁହେଁ ଗୁଣ ହିଁ ଶ୍ରେୟସ୍କର ।

GPNanda Colln., Digitized by srujanika@gmail.com

୩୪୩ । ଶ୍ୱୋ ମୟୂରାଦଦ୍ୟ କପୋତୋ ବରଃ ।

ଅସନ୍ନାକାଳ ବଡ଼ ମୟୂରଟିଏ ପାଇବା ଅପେକ୍ଷା ଆଜ ଶ୍ରେଷ୍ଠ କପୋତକୁ ଲାଭ କରିବା ବରଂ ଭଲ ।

୩୪୪ । ଅନ୍ତଃସଙ୍ଗୋ ଦୋଷମୁତ୍ପାଦୟତି ।

ଅତି ମିଳାମିଶାରୁ ଦୋଷ ସୃଷ୍ଟି ହୋଇଥାଏ ।

୩୪୫ । ସର୍ବଂ ଜୟତ୍ୟକ୍ରୋଧଃ ।

ଅକ୍ରୋଧ ସବୁକୁ ଜୟକରିଥାଏ ।

୩୪୬ । ଯଦ୍ୟପକାରିଣି କୋପଃ କୋପେ କୋପ ଏବ କର୍ତ୍ତବ୍ୟଃ ।

ଯଦି ଅପକାରୀ ବ୍ୟକ୍ତି ପ୍ରତି କ୍ରୋଧ ପ୍ରଦର୍ଶନ କରିବାକୁ ହେବ ତାହାହେଲେ ପ୍ରଥମେ କ୍ରୋଧ ଉପରେ କ୍ରୋଧ ପ୍ରକାଶ କରିବା ଆବଶ୍ୟକ ।

୩୪୭ । ମତିମତ୍ସୁ ମୂର୍ଖ-ମିତ୍ର-ଗୁରୁ-ବଲ୍ଲଭେଷୁ ବିବାଦୋ ନ କର୍ତ୍ତବ୍ୟଃ ।

ବୁଦ୍ଧିମାନ୍ ବ୍ୟକ୍ତି ମୂର୍ଖ, ବନ୍ଧୁ, ଗୁରୁ ଏବଂ ପ୍ରିୟଜନମାନଙ୍କ ସହିତ ବିବାଦ କରିବା ଅନୁଚିତ ।

୩୪୮ । ନାସ୍ତ୍ୟପିଶାଚମୈଶ୍ୱର୍ଯ୍ୟମ୍ ।
(ନ ଅସ୍ତି ଅପିଶାଚମ୍ ଐଶ୍ୱର୍ଯ୍ୟମ୍)

ଐଶ୍ୱର୍ଯ୍ୟରେ ପୈଶାଚିକତା ଥାଏ । ଅର୍ଥାତ୍ ଐଶ୍ୱର୍ଯ୍ୟ ଅନର୍ଥ ସୃଷ୍ଟି କରିଥାଏ । ଐଶ୍ୱର୍ଯ୍ୟରୁ ଦମ୍ଭ ଓ ଅହଂକାର ସୃଷ୍ଟି ହୋଇଥାଏ ।

୩୪୯ । ନାସ୍ତି ଧନବତାଂ ଶୁଭକର୍ମସୁ ଶ୍ରମଃ ।

ଧନୀବ୍ୟକ୍ତିମାନଙ୍କୁ ଶୁଭ କର୍ମ ସମ୍ପାଦନରେ ଶ୍ରମ କରିବାକୁ ପଡ଼ୁନଥାଏ ।

GPNanda Colln., Digitized by srujanika@gmail.com

୩୫୦ । ନାସ୍ତି ଗତିଶ୍ରମୋ ଯାନବତାମ୍ ।

ଯାନବାହନରେ ଯାଉଥିବା ବ୍ୟକ୍ତିଙ୍କୁ ପଥଶ୍ରମ ଭୋଗ କରିବାକୁ ପଡ଼ିନଥାଏ ।

୩୫୧ । ଅଲୌହମୟଂ ନିଗଡ଼ଂ କଳତ୍ରମ୍ ।

ସ୍ୱାମୀ ପକ୍ଷରେ ସ୍ତ୍ରୀ ହେଉଛି ବିନା ଲୁହାରେ ଏକ ବେଡ଼ିସ୍ୱରୂପ ।

୩୫୨ । ଦୁଷ୍ଟକଳତ୍ରଂ ମନସ୍ୱିନାଂ ଶରୀର-କର୍ଶନମ୍ ।

ଦୁଷ୍ଟା ସ୍ତ୍ରୀ ମନସ୍ୱୀ ପୁରୁଷର ଶରୀରକୁ କ୍ଷୀଣ କରିଥାଏ । ଅର୍ଥାତ୍ ମାନସିକ ପୀଡ଼ାରୁ ସ୍ୱାମୀର ଶରୀର କୃଶହୋଇଥାଏ ।

୩୫୩ । ଅପ୍ରମତ୍ତୋ ଦାରାନ୍ନିରୀକ୍ଷେତ ।

ଅପ୍ରମତ୍ତ ହୋଇ ସ୍ତ୍ରୀକୁ ଦେଖିବା ଉଚିତ ।

୩୫୪ । ସ୍ତ୍ରୀଷୁ କିଞ୍ଚିଦପି ନ ବିଶ୍ୱସେତ୍ ।

ସ୍ତ୍ରୀକୁ ଟିକେ ସୁଦ୍ଧା ବିଶ୍ୱାସ କରିବା ଅନୁଚିତ ।

୩୫୫ । ନ ସମାଧିଃ ସ୍ତ୍ରୀଷୁ ଲୋକଜ୍ଞତା ଚ ।

ସ୍ତ୍ରୀଠାରେ ନା ବିବେକ ଅଛି ନା ଲୋକବ୍ୟବହାର ଜ୍ଞାନ ଅଛି ।

୩୫୬ । ଗୁରୂଣାଂ ମାତା ଗରୀୟସୀ ।

ଗୁରୁଜନମାନଙ୍କ ଭିତରେ ମା'ର ସ୍ଥାନ ସବୁଠାରୁ ଊର୍ଦ୍ଧ୍ୱରେ ।

୩୫୭ । ସର୍ବାବସ୍ଥାସୁ ମାତା ଭର୍ତ୍ତବ୍ୟା ।

ତେଣୁ ପ୍ରତ୍ୟେକ ଅବସ୍ଥାରେ ମା'ର ଭରଣପୋଷଣ କରିବା ଉଚିତ ।

୩୫୮ । ବୈଦୁଷ୍ୟମଳଂକାରେଣାଚ୍ଛାଦ୍ୟତେ ।

ଅଳଂକରଣ (ବେଶଭୂଷା ଚାକଚକ୍ୟ) ଦ୍ୱାରା ପାଣ୍ଡିତ୍ୟ ଘୋଡ଼େଇ ହୋଇପଡ଼େ ।

GPNanda Colln., Digitized by srujanika@gmail.com

୩୬୯ । ସ୍ତ୍ରୀଣାଂ ଭୂଷଣଂ ଲଜ୍ଜା ।

ଲଜ୍ଜା ହେଉଛି ସ୍ତ୍ରୀମାନଙ୍କର ଅଳଙ୍କାର ।

୩୭୦ । ବିପ୍ରାଣାଂ ଭୂଷଣଂ ବେଦଃ ।

ବେଦାଧ୍ୟୟନ ବା ବେଦଜ୍ଞାନ ବ୍ରାହ୍ମଣମାନଙ୍କ ଭୂଷଣ ।

୩୭୧ । ସର୍ବେଷାଂ ଭୂଷଣଂ ଧର୍ମଃ ।

ଧର୍ମକର୍ମ ହେଉଛି ସବୁଲୋକଙ୍କର ଭୂଷଣ ।

୩୭୨ । ଭୂଷଣାନାଂ ଭୂଷଣଂ ସବିନୟା ବିଦ୍ୟା ।

ବିନୟଯୁକ୍ତ ବିଦ୍ୟା ସବୁ ଭୂଷଣ ଭିତରେ ଶ୍ରେଷ୍ଠ ଭୂଷଣ ।
[ବିଦ୍ୟା ଦଦାତି ବିନୟଂ, ବିନୟାଦ୍ ଯାତି ପାତ୍ରତାମ୍ ।]

୩୭୩ । ଅନୁପଦ୍ରବଂ ଦେଶମାବସେତ୍ ।

ଯେଉଁ ଦେଶରେ ଉପଦ୍ରବ ନଥିବ ସେହି ଦେଶରେ ବସବାସ କରିବ ।

୩୭୪ । ସାଧୁଜନବହୁଳୋ ଦେଶଃ ।

ଯେଉଁ ଦେଶରେ ଅଧିକ ସଂଖ୍ୟକ ସତ୍ୟନିଷ୍ଠ ସାଧୁ ବ୍ୟକ୍ତି ଆଥନ୍ତି ସେଠାରେ ବସବାସ କରିବା ଉଚିତ ।

୩୭୫ । ରାଜ୍ଞୋ ଭେତବ୍ୟଂ ସର୍ବକାଳମ୍ ।

ରାଜାଙ୍କୁ ସବୁ ସମୟରେ ଭୟ କରିବା ଉଚିତ ।

୩୭୬ । ନ ରାଜ୍ଞଃ ପରଂ ଦୈବତମ୍ ।

ରାଜାଠାରୁ ବଡ଼ ଦେବତା ନାହିଁ ।

୩୭୭ । ସୁଦୂରମପି ଦହତି ରାଜବହ୍ନିଃ ।

ରାଜବହ୍ନି (ଶାସକର କୋପାଗ୍ନି) ଦୂରରେ ଥିଲେ ସୁଦ୍ଧା ଦହନ କରିଥାଏ ।

GPNanda Colln., Digitized by srujanika@gmail.com

୩୬୮ । ରିକ୍ତହସ୍ତୋ ନ ରାଜାନମଭିଗଚ୍ଛେତ୍ ।

ଶୂନ୍ୟ ହସ୍ତରେ ରାଜାଙ୍କ ନିକଟକୁ ଯିବା ଉଚିତ ନୁହେଁ ।

୩୬୯ । କୁଟୁମ୍ବିନୋ ଭେତବ୍ୟମ୍ ।

ବହୁ କୁଟୁମ୍ବ ବିଶିଷ୍ଟ ବ୍ୟକ୍ତି ପ୍ରତି ଭୟ ରଖିବା ଉଚିତ ।

୩୭୦ । ରାଜପୁରୁଷୈଃ ସମ୍ବନ୍ଧଂ କୁର୍ଯ୍ୟାତ୍ ।

ରାଜପରିବାର ବା ତାଙ୍କ ସମ୍ପର୍କୀୟ ବ୍ୟକ୍ତି ସହିତ ସମ୍ପର୍କ ସ୍ଥାପନ କରିବା ଉଚିତ ।

୩୭୧ । ଗନ୍ତବ୍ୟଂ ଚ ସଦା ରାଜକୁଲମ୍

ରାଜ ଦରବାରକୁ ସବୁବେଳେ ଯିବା ଉଚିତ ।

୩୭୨ । ରାଜଦାସୀ ନ ସେବିତବ୍ୟା ।

ରାଜଦାସୀ ସହିତ କୌଣସି ପ୍ରକାର ସମ୍ପର୍କ ରକ୍ଷା କରିବା ଉଚିତ ନୁହେଁ ।

୩୭୩ । ନ ଚକ୍ଷୁଷାଽପି ରାଜାନଂ ନିରୀକ୍ଷେତ ।

ରାଜାଙ୍କୁ ଆଖି ଉଠାଇ ଦେଖିବା ଠିକ୍ ନୁହେଁ ।

୩୭୪ । ପୁତ୍ରେ ଗୁଣବତି କୁଟୁମ୍ବିନଃ ସ୍ୱର୍ଗଃ ।

ପୁତ୍ର ଗୁଣବାନ୍ ହୋଇଥିଲେ ପରିବାର ସ୍ୱର୍ଗରେ ପରିଣତ ହୋଇଥାଏ ।

୩୭୫ । ପୁତ୍ରା ବିଦ୍ୟାନାଂ ପାରଂ ଗମୟିତବ୍ୟାଃ ।

ପୁତ୍ରକୁ ସବୁବିଦ୍ୟାରେ ପାରଙ୍ଗମ କରାଇବା ଆବଶ୍ୟକ । କୁହାଯାଇଛି—

'ସତ୍କୁଲେ ଯୋଜୟେତ୍ କନ୍ୟାଂ ମିତ୍ରଂ ଧର୍ମେଣ ଯୋଜୟେତ୍ ।
ବ୍ୟସନେ ଯୋଜୟେତ୍ ଶତ୍ରୁନ୍ ପୁତ୍ରାନ୍ ବିଦ୍ୟାସୁ ଯୋଜୟେତ୍ ॥'

GPNanda Colln., Digitized by srujanika@gmail.com

ସତ୍‌କୁଳରେ କନ୍ୟାକୁ ଅର୍ପଣ କରିବ, ମିତ୍ରକୁ ଧର୍ମକର୍ମରେ ସଂପୃକ୍ତ କରାଇବ । ଶତ୍ରୁକୁ ବିପଦ ସହିତ ସଂଯୁକ୍ତ କରାଇବ ଏବଂ ପୁତ୍ରକୁ ବିଦ୍ୟାରେ ସଂପୃକ୍ତ କରାଇବ ।

୩୭୬ । ଜନପଦାର୍ଥଂ ଗ୍ରାମଂ ତ୍ୟଜେତ୍ ।

ଜନପଦର ହିତ ସାଧନ ନିମିତ୍ତ ଗ୍ରାମକୁ ପରିତ୍ୟାଗ କରିବା ଉଚିତ ।

୩୭୭ । ଅତିଲାଭଃ ପୁତ୍ରଲାଭଃ ।

ପୁତ୍ରଲାଭ ହେଉଛି ସବୁଠାରୁ ବଡ଼ ଲାଭ ।

୩୭୮ । ଦୁର୍ଗତେ ପିତରୌ ରକ୍ଷତି ସୁପୁତ୍ରଃ ।

ଦୁର୍ଗତି ସମୟରେ ପିତାଙ୍କୁ ଯେଉଁ ପୁତ୍ର ରକ୍ଷାକରିଥାଏ ସେ ହେଉଛି ପ୍ରକୃତ ପୁତ୍ର ।

୩୭୯ । କୁଳଂ ପ୍ରଖ୍ୟାପୟତି ପୁତ୍ରଃ ।

ଉତ୍ତମ ଚରିତ୍ର, ବିଦ୍ୟା ଓ ବୁଦ୍ଧି ବଳରେ ପୁତ୍ର କୁଳର ମର୍ଯ୍ୟାଦାକୁ ଶତଗୁଣରେ ବଢ଼ାଇଥାଏ ।

୩୮୦ । ନାନପତ୍ୟସ୍ୟ ସ୍ୱର୍ଗଃ ।

ପୁତ୍ରହୀନ ବ୍ୟକ୍ତି ସ୍ୱର୍ଗଲାଭ କରେନାହିଁ ।

୩୮୧ । ଯା ପ୍ରସୂତେ ସା ଭାର୍ଯ୍ୟା ।

ସନ୍ତାନକୁ ଜନ୍ମଦେଉଥିବା ସ୍ତ୍ରୀ ହେଉଛି ଭାର୍ଯ୍ୟା ।

୩୮୨ । ତୀର୍ଥସମବାୟେ ପୁତ୍ରବତୀମନୁଗଚ୍ଛେତ୍ ।

ଅନେକ ସ୍ତ୍ରୀ ଏକ ସମୟରେ ଋତୁମତୀ ହୋଇଥିଲେ ମଧ୍ୟ ପୂର୍ବରୁ ପୁତ୍ର ସନ୍ତାନ ଜନ୍ମ କରିଥିବା ସ୍ତ୍ରୀ ସହ ସହବାସ କରିବା ଉଚିତ ।

୩୮୩ । ସତୀର୍ଥାଗମନାଦ୍ ବ୍ରହ୍ମଚର୍ଯ୍ୟଂ ନଶ୍ୟତି ।

ରଜସ୍ୱଳା ସ୍ତ୍ରୀ ଅଭିଗମନ ଦ୍ୱାରା ବ୍ରହ୍ମଚର୍ଯ୍ୟ ନଷ୍ଟହୋଇଥାଏ ।

GPNanda Colln., Digitized by srujanika@gmail.com

୩୮୪ । ନ ପରକ୍ଷେତ୍ରେ ବୀଜଂ ବିନିକ୍ଷିପେତ୍ ।

ପର କ୍ଷେତ୍ରରେ ବୀଜ ବପନ କରିବା ଅନୁଚିତ ।

୩୮୫ । ପୁତ୍ରାର୍ଥା ହି ସ୍ତ୍ରିୟଃ ।

ପୁତ୍ରପ୍ରାପ୍ତି ନିମିତ୍ତ ସ୍ତ୍ରୀ ଗ୍ରହଣକରାଯାଇଥାଏ ।

୩୮୬ । ସ୍ୱଦାସୀ ପରିଗ୍ରହୋ ହି ଦାସଭାବଃ ।

ନିଜ ଦାସୀ ପରିଗ୍ରହଦ୍ୱାରା ବ୍ୟକ୍ତି ନିଜକୁ ତା'ର ଦାସରେ ପରିଣତ କରିଥାଏ ।

୩୮୭ । ଉପସ୍ଥିତବିନାଶଃ ପଥ୍ୟବାକ୍ୟଂ ନ ଶୃଣୋତି ।

ମରଣୋନ୍ମୁଖୀ ବ୍ୟକ୍ତି ହିତକାରୀ କଥାକୁ ଶୁଣେ ନାହିଁ ।

୩୮୮ । ନାସ୍ତି ଦେହିନାଂ ସୁଖଦୁଃଖାଭାବଃ ।

ପ୍ରତ୍ୟେକ ମଣିଷ ସହିତ ସୁଖଦୁଃଖ ଲାଗିରହିଥାଏ ।

୩୮୯ । ମାତରମିବ ବତ୍ସାଃ ସୁଖଦୁଃଖାନି କର୍ତ୍ତାରମେବାନୁଗଚ୍ଛନ୍ତି ।

ଗାଈମାନଙ୍କ ଗହଣରେ ବାଛୁରୀ ଯେପରି ତା'ର ମା ନିକଟକୁ ଯାଇଥାଏ, ସୁଖଦୁଃଖ ଠିକ୍ ସେହିପରି ନିଜର କର୍ତ୍ତାକୁ ଅନୁସରଣ କରିଥାନ୍ତି ।

ଯଥା ଧେନୁ ସହସ୍ରେଷୁ ବତ୍ସୋ ବିନ୍ଦତି ମାତରମ୍ ।
ତଥା ପୂର୍ବକୃତଂ କର୍ମ କର୍ତ୍ତାରମନୁଗଚ୍ଛତି ॥—ବ୍ୟାସଦେବ ।

୩୯୦ । ତିଳମାତ୍ରମପ୍ୟୁପକାରଂ ଶୈଳବନ୍ମନ୍ୟତେ ସାଧୁଃ ।

ସାଧୁ ବ୍ୟକ୍ତି ତାଙ୍କ ପ୍ରତି କୃତ ତିଳ ପ୍ରମାଣ ଉପକାରକୁ ପର୍ବତ ଭଳି ଭାବନ୍ତି ।

୩୯୧ । ଉପକାରୋଽନାର୍ଯେଷ୍ୱକର୍ତ୍ତବ୍ୟଃ ।

(ଉପକାରଃ ଅନାର୍ଯେଷୁ ଅକର୍ତ୍ତବ୍ୟଃ)

ଦୁଷ୍ଟ ବ୍ୟକ୍ତିର ଉପକାର କରିବା ଠିକ୍ ନୁହେଁ ।

GPNanda Colln., Digitized by srujanika@gmail.com

୩୯୨ । ପ୍ରତ୍ୟୁପକାର-ଭୟାଦନାର୍ଯ୍ୟଃ ଶତ୍ରୁର୍ଭବତି ।

କାରଣ, ପ୍ରତ୍ୟୁପକାର କରିବାକୁ ହେବ, ଏହି ଭୟରେ ଅନାର୍ଯ୍ୟ ବ୍ୟକ୍ତି ଶତ୍ରୁରେ ପରିଣତ ହୋଇଥାଏ ।

୩୯୩ । ସ୍ୱଳ୍ପମପ୍ୟୁପକାରକୃତେ ପ୍ରତ୍ୟୁପକାରଂ କର୍ତ୍ତୁମାର୍ଯ୍ୟୋ ନ ସ୍ୱପିତି ।

ସଜ୍ଜନ ବ୍ୟକ୍ତି ସାମାନ୍ୟ ଉପକାର ବଦଳରେ ବହୁ ପ୍ରତ୍ୟୁପକାର କରିବାକୁ ହେଳା କରନ୍ତି ନାହିଁ ।

୩୯୪ । ନ କଦାଽପି ଦେବତାଽବମନ୍ତବ୍ୟା ।

(ନ କଦା ଅପି ଦେବତା ଅବମନ୍ତବ୍ୟା)

କୌଣସି ସମୟରେ ଦେବତାଙ୍କୁ ଅପମାନ କରିବ ନାହିଁ ।

୩୯୫ । ନ ଚକ୍ଷୁଷଃ ସମଂ ଜ୍ୟୋତିରସ୍ତି ।

ଆଖିଠାରୁ ବଳି ଜ୍ୟୋତି ନାହିଁ ।

୩୯୬ । ଚକ୍ଷୁର୍ହି ଶରୀରିଣାଂ ନେତା ।

ଚକ୍ଷୁ ହେଉଛି ଦେହଧାରୀମାନଙ୍କ ନେତା । ଜ୍ଞାନଚକ୍ଷୁ ମନୁଷ୍ୟକୁ ଉତ୍ତମ ମାର୍ଗରେ ପରିଚାଳିତ କରିଥାଏ ।

୩୯୭ । ଅପଚକ୍ଷୁଷଃ କିଂ ଶରୀରେଣ ।

ନେତ୍ରବିହୀନ ବ୍ୟକ୍ତିଙ୍କ ଶରୀର ଧାରଣ କରିବା ବ୍ୟର୍ଥ । ଅଜ୍ଞାନ ଅନ୍ଧକାରରେ ପଡ଼ିଥିବା ବ୍ୟକ୍ତିର ଜୀବନଧାରଣ ନିରର୍ଥକ ।

୩୯୮ । ନାପ୍ସୁ ମୂତ୍ରଂ କୁର୍ଯ୍ୟାତ୍ ।

ପାଣିରେ ମୂତ୍ର ତ୍ୟାଗ କରିବ ନାହିଁ ।

୩୯୯ । ନ ନଗ୍ନୋ ଜଳଂ ପ୍ରବିଶେତ୍ ।

ଉଲଗ୍ନ ହୋଇ ପାଣିରେ ପଶିବ ନାହିଁ ।

GPNanda Colln., Digitized by srujanika@gmail.com

୪୦୦ । ଯଥା ଶରୀରଂ ତଥା ଜ୍ଞାନମ୍ ।

ଶରୀର ଯେପରି ହୋଇଥାଏ ଜ୍ଞାନ ମଧ୍ୟ ସେହିପରି ହୋଇଥାଏ ।

୪୦୧ । ଯଥା ବୁଦ୍ଧିସ୍ତଥା ବିଭବଃ । (ବୁଦ୍ଧିଃ ତଥା)

ବୁଦ୍ଧି ଯେପରି ହୋଇଥାଏ ଧନସମ୍ପତ୍ତି ସେହିପରି ହୋଇଥାଏ ।

୪୦୨ । ଅଗ୍ନାବଗ୍ନିଂ ନ ନିକ୍ଷିପେତ୍ । (ଅଗ୍ନୌ ଅଗ୍ନିଂ ନ ନିକ୍ଷିପେତ୍)

ନିଆଁରେ ନିଆଁ ସଂଯୋଗ କରିବ ନାହିଁ । ଅର୍ଥାତ୍, କ୍ରୋଧୀ ବ୍ୟକ୍ତିକୁ କଟୁ କଥା କହି ଉତ୍ତେଜିତ କରାଇବ ନାହିଁ ।

୪୦୩ । ତପସ୍ୱିନଃ ପୂଜନୀୟାଃ ।

ତପସ୍ୱୀମାନେ ସର୍ବଦା ପୂଜ୍ୟ ।

୪୦୪ । ପରଦାରାନ୍ନ ଗଚ୍ଛେତ୍ । (ପରଦାରାନ୍ ନ ଗଚ୍ଛେତ୍)

ପରସ୍ତ୍ରୀ ଅଭିଗମନ କରନାହିଁ ।

୪୦୫ । ଅନ୍ନଦାନଂ ଭ୍ରୂଣହତ୍ୟାମପି ମାର୍ଷ୍ଟି ।

ଅନ୍ନଦାନଦ୍ୱାରା ଭ୍ରୂଣହତ୍ୟା ପାପ ପ୍ରକ୍ଷାଳିତ ହୋଇଥାଏ ।

୪୦୬ । ନ ବେଦବାହ୍ୟୋ ଧର୍ମଃ ।

ବେଦ ବାହାରେ ଧର୍ମ ନାହିଁ । ଅର୍ଥାତ୍, ବେଦାନୁମୋଦିତ ଧର୍ମ ହିଁ ପ୍ରକୃତ ଧର୍ମପଦବାଚ୍ୟ ।

୪୦୭ । କଦାଚିଦପି ଧର୍ମଂ ନିଷେବେତ ।

ଯେ କୌଣସି ପ୍ରକାରରେ ଧର୍ମ ଆଚରଣ କରିବା ଉଚିତ ।

୪୦୮ । ସତ୍ୟଂ ସ୍ୱର୍ଗସ୍ୟ ସାଧନମ୍ ।

ସତ୍ୟ ଆଚରଣ ସ୍ୱର୍ଗ ପ୍ରାପ୍ତିର ମାର୍ଗ । ସତ୍ୟ ଆଚରଣ ମନୁଷ୍ୟକୁ ଅଖଣ୍ଡ ସୁଖ ପ୍ରଦାନ କରିଥାଏ ।

GPNanda Colln., Digitized by srujanika@gmail.com

୪୦୯ । ସତ୍ୟେନ ଧାର୍ଯ୍ୟତେ ଲୋକଃ ।

ସତ୍ୟଦ୍ୱାରା ସଂସାର ବନ୍ଧାହୋଇଛି । ଗ୍ରହ, ନକ୍ଷତ୍ର ତଥା ମାନବସମାଜ ସତ୍ୟରେ ସୁବ୍ୟବସ୍ଥିତ ହୋଇ ରହିଛି ।

୪୧୦ । ସତ୍ୟାଦ୍ ଦେବୋ ବର୍ଷତି ।

ସତ୍ୟାନୁରୋଧରେ ଇନ୍ଦ୍ର ଜଳବର୍ଷଣ କରନ୍ତି ।

୪୧୧ । ନାନୃତାତ୍ ପାତକଂ ପରମ୍ ।

ମିଥ୍ୟାକଥନ ବା ମିଥ୍ୟା ଆଚରଣଠାରୁ ବଳି ପାପ ନାହିଁ ।

୪୧୨ । ନ ମୀମାଂସ୍ୟା ଗୁରବଃ ।

ଗୁରୁଜନମାନେ ଆଲୋଚନାଯୋଗ୍ୟ ନୁହନ୍ତି । ସତ୍ୟନିଷ୍ଠ ଆତ୍ମୋପଦ୍ରଷ୍ଟା ଗୁରୁଜନଙ୍କ ଛିଦ୍ର ଅନ୍ୱେଷଣ କରିବା ଅନୁଚିତ ।

୪୧୩ । ଖଳତ୍ୱଂ ନୋପେୟାତ୍ ।

ଦୁଷ୍ଟ ଆଚରଣ କରିବ ନାହିଁ । ଅଶିଷ୍ଟ ଆଚରଣ ଅମଙ୍ଗଳକାରକ ।

୪୧୪ । ନାସ୍ତି ଖଳସ୍ୟ ମିତ୍ରମ୍ ।

ଦୁଷ୍ଟ ବ୍ୟକ୍ତିର ମିତ୍ର ନଥାନ୍ତି ।

୪୧୫ । ଲୋକଯାତ୍ରା ଦରିଦ୍ରଂ ବାଧତେ ।

ଦରିଦ୍ର ବ୍ୟକ୍ତି ପକ୍ଷରେ ଜୀବନ ନିର୍ବାହ କଷ୍ଟକର ହୋଇଥାଏ ।

୪୧୬ । ଅତିଶୂରୋ ଦାନଶୂରଃ ।

ଦାନବୀର ସବୁଠାରୁ ବଳି ବଡ଼ ବୀର ।

୪୧୭ । ଗୁରୁ-ଦେବ-ବ୍ରାହ୍ମଣେଷୁ ଭକ୍ତିର୍ଭୂଷଣମ୍ ।

ଗୁରୁଜନ, ଦେବତା ତଥା ବ୍ରାହ୍ମଣଙ୍କଠାରେ ଭକ୍ତି ପ୍ରଦର୍ଶନ ହିଁ ଅଳଂକାର ।

୪୧୮ । ଅକୁଳୀନୋଽପି ବିନୀତଃ କୁଳୀନାଦ୍ ବିଶିଷ୍ଟଃ ।

ଅକୁଳୀନ ଅଥଚ ବିନୀତ ବ୍ୟକ୍ତି ଅବିନୀତ କୁଳୀନ ବ୍ୟକ୍ତିଠାରୁ ବଡ଼ ।

GPNanda Colln., Digitized by srujanika@gmail.com

୪୧୯ । ଆର୍ଯ୍ୟବୃତ୍ତାନୁବର୍ତ୍ତେ କୀର୍ତ୍ତିଶ୍ଚ ।

ସଦାଚାରର ପାଳନଦ୍ୱାରା ଆୟୁ ଓ ଯଶ ବଢ଼ିଥାଏ ।

୪୨୦ । ପ୍ରିୟମପ୍ୟହିତଂ ନ ବକ୍ତବ୍ୟମ୍ ।

ପ୍ରିୟତର ହେଲେ ସୁଦ୍ଧା ଅହିତକର କଥା କହିବା ଠିକ୍ ନୁହେଁ ।

ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍ ନ ବ୍ରୂୟାତ୍ ସତ୍ୟମପ୍ରିୟମ୍ ।
ପ୍ରିୟଂ ଚ ନାନୃତଂ ବ୍ରୂୟାଦେଷ ଧର୍ମଃ ସନାତନଃ ॥

ସର୍ବଦା ସତ୍ୟ ତଥା ପ୍ରିୟ କଥା କହିବ, ଅପ୍ରିୟ ସତ୍ୟ କଥା କହିବ ନାହିଁ । ପ୍ରିୟତର ହେଲେ ସୁଦ୍ଧା ମିଥ୍ୟା କଥା କହିବ ନାହିଁ । ଏହା ସନାତନ ଧର୍ମ ।

୪୨୧ । ବହୁଜନ-ବିରୁଦ୍ଧମେକଂ ନାନୁବର୍ତ୍ତେତ ।

ଅନେକ ଲୋକଙ୍କ ବିରୋଧୀ ଜଣେ ଲୋକର ଅନୁଗମନ କରିବା ଠିକ୍ ନୁହେଁ ।

୪୨୨ । ନ ଦୁର୍ଜନେଷୁ ଭାଗଧେୟଃ କର୍ତ୍ତବ୍ୟଃ ।

ଦୁଷ୍ଟ ବ୍ୟକ୍ତି ସହିତ ନିଜର ଭାଗ୍ୟକୁ ଯୋଡ଼ିବା ଠିକ୍ ନୁହେଁ ।

୪୨୩ । ନ କୃତାର୍ଥେଷୁ ନୀଚେଷୁ ସମ୍ବନ୍ଧଃ ।

କୃତାର୍ଥ ବା ସଫଳକାମ ନୀଚ ପୁରୁଷ ସହିତ ସମ୍ପର୍କ ସ୍ଥାପନ ଅନୁଚିତ ।

୪୨୪ । ଋଣ-ଶତ୍ରୁ-ବ୍ୟାଧିଷ୍ୱଶେଷଃ କର୍ତ୍ତବ୍ୟଃ ।

ଋଣ, ଶତ୍ରୁ ଓ ବ୍ୟାଧିକୁ ସମ୍ପୂର୍ଣ୍ଣ ଶେଷ କରିଦେବା ଉଚିତ । ଏ ତିନୋଟିକୁ ଶେଷ ନକଲେ ସେଗୁଡ଼ିକ ପୁଣି ବଳବତ୍ତର ହୋଇପଡ଼ନ୍ତି ।

୪୨୫ । ଭୂତ୍ୟାନୁବର୍ତ୍ତନଂ ପୁରୁଷସ୍ୟ ରସାୟନମ୍ ।

କଲ୍ୟାଣକର ପଥରେ ଚାଲିବା ପୁରୁଷ ପକ୍ଷରେ ରସାୟନ ।

GPNanda Colln., Digitized by srujanika@gmail.com

୪୨୬ । ନାର୍ଥିଷ୍ୱବଜ୍ଞା କାର୍ଯ୍ୟା । (ନ ଅର୍ଥିଷୁ ଅବଜ୍ଞା କାର୍ଯ୍ୟା)

ଯାଚକକୁ ଘୃଣା କରିବା ଠିକ୍ ନୁହେଁ । ମାଗୁଥିବା ଲୋକକୁ ଦାନ ନଦେଇପାର, କିନ୍ତୁ ତାକୁ ଅବମାନନା କରିବା ଠିକ୍ ନୁହେଁ ।

୪୨୭ । ଦୁଷ୍କରଂ କର୍ମ କାରୟିତ୍ୱା କର୍ତ୍ତାରମବମନ୍ୟତେ ନୀଚଃ ।

ନୀଚ ବ୍ୟକ୍ତି ଦୁଷ୍କର କର୍ମ କରାଇ କର୍ତ୍ତାକୁ ଅପମାନିତ କରିଥାଏ ।

୪୨୮ । ନାକୃତଜ୍ଞସ୍ୟ ନରକାନ୍ନିବର୍ତ୍ତନମ୍ ।

ଅକୃତଜ୍ଞ ବ୍ୟକ୍ତି ପାଇଁ ନରକ ବ୍ୟତୀତ ଅନ୍ୟ ସ୍ଥାନ ନାହିଁ ।

୪୨୯ । ଜିହ୍ୱାୟତ୍ତୌ ବୃଦ୍ଧିବିନାଶୌ ।

ନିଜର ଉନ୍ନତି ତଥା ବିନାଶ ଜିହ୍ୱା ଉପରେ (କଥନଭଙ୍ଗୀ) ନିର୍ଭର କରେ ।

୪୩୦ । ବିଷାମୃତୟୋରାକରୀ ଜିହ୍ୱା ।

(ବିଷ ଅମୃତୟୋଃ ଆକରୀ [ଖଣି] ଜିହ୍ୱା ।)

ଜିହ୍ୱା ହେଉଛି ବିଷ ତଥା ଅମୃତର ଖଣି । ଅର୍ଥାତ୍ କଥନଭଙ୍ଗୀରୁ ବିଷ କିମ୍ବା ଅମୃତ ଝରେ ।

୪୩୧ । ପ୍ରିୟବାଦିନୋ ନ ଶତ୍ରୁଃ ।

ପ୍ରିୟ କଥା କହୁଥିବା ବ୍ୟକ୍ତିର ଶତ୍ରୁ ନଥାନ୍ତି ।

୪୩୨ । ସ୍ତୁତା ଅପି ଦେବତାସ୍ତୁଷ୍ୟନ୍ତି । (ଦେବତାଃ ତୁଷ୍ୟନ୍ତି ।)

ସ୍ତୁତି କରିଗଲେ ଦେବତା ମଧ୍ୟ ସନ୍ତୁଷ୍ଟ ହୁଅନ୍ତି—ମଣିଷ କଥା ବା କ'ଣ କହିବା !

୪୩୩ । ଅନୃତମପି ଦୁର୍ବଚନଂ ଚିରଂ ତିଷ୍ଠତି ।

ମିଥ୍ୟା, ଦୁର୍ବଚନ ଚିରକାଳ ପର୍ଯ୍ୟନ୍ତ ସ୍ମରଣରେ ରହିଥାଏ ।

୪୩୪ । ରାଜଦ୍ୱିଷ୍ଟଂ ନ ଚ ବକ୍ତବ୍ୟମ୍ ।

ରାଜାଙ୍କ ସହ ବିଦ୍ୱେଷ ସୃଷ୍ଟି କରୁଥିବା କଥା କହିବା ଠିକ୍ ନୁହେଁ ।

GPNanda Colln., Digitized by srujanika@gmail.com

୪୩୫ । ଶ୍ରୁତିସୁଖାତ୍ କୋକିଳାଳାପାତ୍ ତୁଷ୍ୟନ୍ତି ।

କଳା କୋଇଲିର ଶ୍ରବଣମଧୁର କଥା ସମସ୍ତଙ୍କୁ ସନ୍ତୁଷ୍ଟ କରିଥାଏ । ଅର୍ଥାତ୍ କୋଇଲି ପରି ମଧୁର କଥା କହିବା ଉଚିତ ।

୪୩୬ । ସ୍ୱଧର୍ମହେତୁଃ ସତ୍ପୁରୁଷଃ ।

ନିଜ ଧର୍ମରେ ରହିଥିବା ହେତୁ ପୁରୁଷ ସତ୍ପୁରୁଷ ହୋଇଥାଏ ।

୪୩୭ । ନାସ୍ତ୍ୟର୍ଥିନୋ ଗୌରବମ୍ ।

ଯାଚକ ବ୍ୟକ୍ତିର ଗୁରୁତ୍ୱ ନଥାଏ ।

୪୩୮ । ସ୍ତ୍ରୀଣାଂ ଭୂଷଣଂ ସୌଭାଗ୍ୟମ୍ ।

ସୁହାଗ ହେଉଛି ସ୍ତ୍ରୀମାନଙ୍କର ଅଳଙ୍କାର ।

୪୩୯ । ଶତ୍ରୋରପି ନ ପାତନୀୟା ବୃତ୍ତିଃ ।

ଶତ୍ରୁ ହୋଇଥିଲେ ସୁଦ୍ଧା ତା'ର ଜୀବିକାକୁ ନଷ୍ଟ କରିଦେବା ଠିକ୍ ନୁହେଁ ।

୪୪୦ । ଅପ୍ରଯତ୍ନୋଦକଂ କ୍ଷେତ୍ରମ୍ ।

ଯେଉଁଠାରେ ବିନା ଚେଷ୍ଟାରେ ପାଣି ସହଜରେ ମାଡ଼ିଥାଏ ତାହାହିଁ ଉତ୍ତମ କ୍ଷେତ୍ର ।

୪୪୧ । ଏରଣ୍ଡମବଲମ୍ବ୍ୟ କୁଂଜରଂ ନ କୋପୟେତ୍ ।

ଗବଗଛକୁ ଧରି ହାତୀକୁ କୁପିତ କରାଇବାକୁ ଚେଷ୍ଟା କର ନାହିଁ ।

୪୪୨ । ଅତିପ୍ରବୃଦ୍ଧା ଶାଳ୍ମଳୀ ବାରଣସ୍ତମ୍ଭୋ ନ ଭବତି ।

ଅତି ବୁଢ଼ା ଶିମିଳିଗଛ ହାତୀ ବନ୍ଧନ ପାଇଁ ଉପଯୁକ୍ତ ନୁହେଁ । ହାତୀକୁ ସେଥିରେ ବାନ୍ଧିଲେ ସେ ତାକୁ ସହଜରେ ଭାଙ୍ଗିଦେବ ।

୪୪୩ । ଅତିଦୀର୍ଘୋଽପି କର୍ଣ୍ଣିକାବେ ନ ମୁଷଳୀ ।

ଉଚ୍ଚରେ ଯେତେ ଦୀର୍ଘ ହେଉ ସୁଦ୍ଧା କନିଅର ଗଛ ମୂଷଳ ରୂପେ ବ୍ୟବହୃତ ହୋଇପାରେନାହିଁ ।

GPNanda Colln., Digitized by srujanika@gmail.com

୪୪୪ । ଅନ୍ତ ସାରୋଽପି ଖଦ୍ୟୋତୋ ନ ପାବକଃ ।

ଜୁଳୁଜୁଳିଆ ପୋକ ଦୀପ୍ତିମାନ୍ ହୋଇଥିଲେ ସୁଦ୍ଧା ଅଗ୍ନିର କାମ କରିପାରେ ନାହିଁ ।

୪୪୫ । ନ ପ୍ରବୃଦ୍ଧତ୍ୱଂ ଗୁଣହେତୁ ।

ବୟସରେ କେବଳ ବଡ଼ ହୋଇଥିଲେ ସୁଦ୍ଧା କେହି ଗୁଣବାନ୍ ହୋଇ-ପାରେ ନାହିଁ ।

୪୪୬ । ସୁଜୀର୍ଣ୍ଣୋଽପି ପିଚୁମନ୍ଦୋ ନ ଶଙ୍କୁଲାୟତେ ।

ବହୁତ ବୁଢ଼ା ହୋଇଥିଲେ ସୁଦ୍ଧା ନିମଗଛ ତା'ର ସ୍ୱଭାବ ତିକ୍ତତାକୁ ଛାଡ଼ିନଥାଏ । ନୀଚ ବ୍ୟକ୍ତି ଯେତେ ବୃଦ୍ଧ ହେଲେ ସୁଦ୍ଧା ତା'ର ସ୍ୱଭାବକୁ ଛାଡ଼ିନଥାଏ ।

୪୪୭ । ଯଥା ବୀଜଂ ତଥା ନିଷ୍ପତ୍ତିଃ ।

ମଞ୍ଜି ଯେପରି ହୋଇଥାଏ ଫଳର ଉତ୍ପତ୍ତି ମଧ୍ୟ ସେହିପରି ହୋଇ-ଥାଏ । ମାତା ପିତା ବାଳକର ମଞ୍ଜି । ପରିବାରର ପ୍ରଭାବ ପିଲାଙ୍କ ଉପରେ ପଡ଼ିଥାଏ ।

୪୪୮ । ଯଥା ଶ୍ରୁତଂ ତଥା ବୁଦ୍ଧିଃ ।

ଯେପରି ପାଠ ସେପରି ବୁଦ୍ଧି ।

୪୪୯ । ଯଥାକୁଳଂ ତଥାଽଽଚାରଃ ।

କୁଳ ଯେପରି ଆଚାର ସେହିପରି ହୋଇଥାଏ । ଅର୍ଥାତ୍ ବ୍ୟକ୍ତି ନିଜେ ଯାହା ଶିଖିଥାଏ ତଦନୁସାରେ ତା'ର ଆଚାର ବ୍ୟବହାର ପ୍ରକାଶ ପାଇଥାଏ ।

୪୫୦ । ସଂସ୍କୃତଃ ପିଚୁମନ୍ଦଃ ସହକାରୋ ନ ଭବତି ।

ଯେତେ ମାର୍ଜନ କରିଗଲେ ନିମ୍ବ କୌଣସି ସମୟରେ ଆମ୍ବଗଛରେ ପରିଣତ ହୁଏ ନାହିଁ । ନିମ୍ବ ତା'ର ତିକ୍ତତାକୁ ଛାଡ଼େ ନାହିଁ । ସେହିପରି

GPNanda Colln., Digitized by srujanika@gmail.com

ଯେତେ ମାର୍ଜନ କରାଗଲେ ସୁଦ୍ଧା କେତେକ ବ୍ୟକ୍ତିଙ୍କ ସ୍ୱଭାବ ବଦଳେ ନାହିଁ ।

୪୫୧ । ନସ୍ୱାଗତଂ ସୁଖଂ ତ୍ୟଜେତ୍ ।

ମିଳୁଥିବା ସୁଖକୁ ପରିତ୍ୟାଗ କରିବା ଠିକ୍ ନୁହେଁ ।

୪୫୨ । ସ୍ୱୟମେବ ଦୁଃଖମଧିଗଚ୍ଛତି ।

ନିଜ କର୍ମ ଅନୁସାରେ ବ୍ୟକ୍ତି ଦୁଃଖ ଲାଭ କରିଥାଏ ।

୪୫୩ । ରାତ୍ରିଚାରଣଂ ନ କୁର୍ଯ୍ୟାତ୍ ।

ରାତିରେ ବିଚରଣ କରିବା ଉଚିତ ନୁହେଁ ।

୪୫୪ । ନଚାର୍ଦ୍ଧରାତ୍ରଂ ସ୍ୱପେତ୍ ।

ରାତି ଅଧରେ ଶୟନ ଆରମ୍ଭ କରିବା ଠିକ୍ ନୁହେଁ । ତାହା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ।

୪୫୫ । ତଦ୍ ବିଦ୍ୱଦ୍‌ଭିଃ ପରୀକ୍ଷେତ ।

ତଦ୍ ଅର୍ଥାତ୍ ବ୍ରହ୍ମବିଷୟକ ଆଲୋଚନା ବିଦ୍ୱାନ୍‌ମାନଙ୍କ ସହିତ କରିବା ଉଚିତ ।

୪୫୬ । ପରଗୃହମକାରଣତୋ ନ ପ୍ରବିଶେତ୍ ।

ପର ଘରେ ବିନା କାରଣରେ ପ୍ରବେଶ କରିବା ଠିକ୍ ନୁହେଁ ।

୪୫୭ । ଜ୍ଞାତ୍ୱାଽପି ଦୋଷମେବ କରୋତି ଲୋକଃ ।

ଜାଣିଶୁଣି ମଧ୍ୟ ବ୍ୟକ୍ତି ଦୋଷ କରିବସିଥାଏ ।

୪୫୮ । ଶାସ୍ତ୍ରପ୍ରଧାନା ଲୋକବୃତ୍ତିଃ ।

ଲୋକବ୍ୟବହାର ଶାସ୍ତ୍ରାନୁମୋଦିତ ହେବା ବିଧେୟ ।

୪୫୯ । ଶାସ୍ତ୍ରାଭାବେ ଶିଷ୍ଟାଚାରମନୁଗଚ୍ଛେତ୍ ।

ଯଦି ଶାସ୍ତ୍ରଜ୍ଞାନ ନାହିଁ ତାହାହେଲେ ଶିଷ୍ଟ ଆଚରଣଗୁଡ଼ିକୁ ଅନୁସରଣ କରିବା ଉଚିତ ।

GPNanda Colln., Digitized by srujanika@gmail.com

୪୭୦ । ନାଚରିତାଚ୍ଛାସ୍ତ୍ରଂ ଗରୀୟଃ ।

ସଦାଚାରଠାରୁ ବଳି ଅଧିକ ଶାସ୍ତ୍ର ନାହିଁ ।

୪୭୧ । ଦୂରସ୍ଥମପି ଚାରଚକ୍ଷୁଷା ପଶ୍ୟନ୍ତି ରାଜା ।

ଦୂରରେ ଥାଇ ରାଜା ଚାର ବା ଗୁପ୍ତଚରର ଆଖିରେ ସବୁ ଦେଖିପାରନ୍ତି ।

୪୭୨ । ଗତାନୁଗତିକୋ ଲୋକଃ ।

ଲୋକପରମ୍ପରାର ଅନୁସରଣ କରିବା ଉଚିତ ।

୪୭୩ । ଯମନୁଜୀବେତ୍ ତଂ ନାପବଦେତ୍ ।

ଯାହା ଉପରେ ନିର୍ଭର କରି ଜୀବିକା ଅର୍ଜନ କରାଯାଇଥାଏ ତାକୁ ନିନ୍ଦା କରିବା ଅନୁଚିତ ।

୪୭୪ । ତପଃସାର ଇନ୍ଦ୍ରିୟନିଗ୍ରହଃ ।

ଇନ୍ଦ୍ରିୟମାନଙ୍କ ବୃତ୍ତିର ସଂଯମନ ହେଉଛି ତପସ୍ୟାର ସାର କଥା ।

୪୭୫ । ଦୁର୍ଲଭଃ ସ୍ତ୍ରୀବନ୍ଧନାନ୍ମୋକ୍ଷଃ ।

ସ୍ତ୍ରୀବନ୍ଧନରୁ ମୁକ୍ତିଲାଭ କରିବା ନିତାନ୍ତ କଷ୍ଟକର ବ୍ୟାପାର ।

୪୭୬ । ସ୍ତ୍ରୀନାମ ସର୍ବାଶୁଭାନାଂ କ୍ଷେତ୍ରମ୍ ।

ସ୍ତ୍ରୀ ସକଳ ଅଶୁଭର ଜନ୍ମଦାତ୍ରୀ । ସ୍ତ୍ରୀ ସମ୍ପର୍କ ସବୁପ୍ରକାର ବିପଦ ଓ ଶତ୍ରୁତାର କାରଣ ହୋଇଥାଏ ।

୪୭୭ । ନ ଚ ସ୍ତ୍ରୀଣାଂ ପୁରୁଷପରୀକ୍ଷା ।

ସ୍ତ୍ରୀ ପୁରୁଷକୁ ପରୀକ୍ଷା କରିପାରେ ନାହିଁ ।

୪୭୮ । ସ୍ତ୍ରୀଣାଂ ମନଃ କ୍ଷଣିକମ୍ ।

ସ୍ତ୍ରୀମାନଙ୍କର ମନ ନିତାନ୍ତ ଚଞ୍ଚଳ ।

GPNanda Colln., Digitized by srujanika@gmail.com

୪୬୯ । ଅଶୁଭଦ୍ଵେଷିଣଃ ସ୍ତ୍ରୀଷୁ ନ ପ୍ରସକ୍ତାଃ ।

ଅଶୁଭ କର୍ମକୁ ଘୃଣା କରୁଥିବା ବ୍ୟକ୍ତି ସ୍ତ୍ରୀମାନଙ୍କଠାରେ ଆସକ୍ତ ହୁଅନ୍ତି ନାହିଁ ।

୪୭୦ । ଯଜ୍ଞଫଳଜ୍ଞାସ୍ତ୍ରିବେଦବିଦଃ । (ଯଜ୍ଞଫଳଜ୍ଞାଃ ତ୍ରିବେଦବିଦଃ)

ଋଗ୍, ଯଜୁଃ ଓ ସାମବେଦକୁ ଜାଣିଥିବା ବ୍ୟକ୍ତି ଯଜ୍ଞର ଫଳକୁ ଜାଣିଥାନ୍ତି ।

୪୭୧ । ସ୍ୱର୍ଗସ୍ଥାନଂ ନ ଶାଶ୍ୱତଂ ଯାବତ୍ ପୁଣ୍ୟଫଳମ୍ ।

ସ୍ୱର୍ଗବାସ ସ୍ଥାୟୀ ହୋଇପାରେ ନାହିଁ, କାରଣ ସ୍ୱର୍ଗବାସର ସୀମା ସେହି ପର୍ଯ୍ୟନ୍ତ ରହିଥାଏ ଯେଉଁ ପର୍ଯ୍ୟନ୍ତ ପୁଣ୍ୟଫଳ ଶେଷ ହୋଇନଥାଏ । 'କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।' ପୁଣ୍ୟ ଫଳ କ୍ଷୀଣ ହୋଇଗଲେ ଆତ୍ମା ପୁଣି ମର୍ତ୍ତ୍ୟଲୋକରେ ପ୍ରବେଶକରିଥାଏ ।

୪୭୨ । କ୍ଷୀରାର୍ଥିନଃ କିଂ କରିଣ୍ୟା ।

କ୍ଷୀର ଅଭିଳାଷୀ ବ୍ୟକ୍ତିର ହସ୍ତିନୀ ଦ୍ଵାରା କି କାମ ?

୪୭୩ । ନ ଦାନସମଂ ବଶ୍ୟମ୍ ।

ଦାନ ସମାନ କୌଣସି ବଶୀକରଣ ନାହିଁ । ଦାନଦ୍ୱାରା ସାଧାରଣ ବ୍ୟକ୍ତି କ'ଣ ଶତ୍ରୁ ମଧ୍ୟ ବଶୀଭୂତ ହୋଇଥାଏ ।

୪୭୪ । ଅସତ୍ସମୃଦ୍ଧିରସଦ୍ଭିରେବ ଭୁଜ୍ୟତେ ।

ଦୁର୍ଜନର ସମୃଦ୍ଧିକୁ ଦୁର୍ଜନ ହିଁ ଭୋଗକରିଥାଏ ।

୪୭୫ । ନିମ୍ବଫଳଂ କାକୈରେବ ଭୁଜ୍ୟତେ ।

ନିମ୍ବଫଳକୁ କୁଆମାନେ ହିଁ କେବଳ ଖାଇଥାନ୍ତି । ଅସତ୍ ଉପାୟରେ ସଞ୍ଚିତ ଧନକୁ ଚରିତ୍ରହୀନ ଲୋକ ଉଡ଼ାଇଦେଇଥାନ୍ତି ।

GPNanda Colln., Digitized by srujanika@gmail.com

୪୭୬ । ନାମ୍ଭୋଧିସ୍ତୃଷ୍ଣାମପୋହତି ।
(ନ ଅମ୍ଭୋଧିଃ ତୃଷ୍ଣାମ୍ ଅପୋହତି ।)

ସମୁଦ୍ର ତୃଷ୍ଣାକୁ ମେଣ୍ଟାଇ ପାରେ ନାହିଁ । ଅର୍ଥାତ୍ ସମୁଦ୍ରର ଲୁଣିଆ ପାଣି କାହାର ତୃଷା ମେଣ୍ଟାଇ ପାରେ ନାହିଁ । ଅସତ୍ ଉପାୟରେ ସଂଗୃହିତ ଧନ ଭଲ କାର୍ଯ୍ୟ ସମ୍ପାଦନ କରିପାରେ ନାହିଁ ।

୪୭୭ । ବାଲୁକା ଅପି ସ୍ୱଗୁଣମାଶ୍ରୟନ୍ତେ ।

ବାଲି ଯେପରି ରୁକ୍ଷ, କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ ।

୪୭୮ । ସନ୍ତୋଽସତ୍ସୁ ନ ରମନ୍ତେ ।

ସାଧୁ ବ୍ୟକ୍ତି ଦୁଷ୍ଟ ବ୍ୟକ୍ତିଠାରେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ସାଧୁମାନେ ଦୁଷ୍ଟ ବ୍ୟକ୍ତି ସହିତ ବନ୍ଧୁତା କରନ୍ତି ନାହିଁ ।

୪୭୯ । ହଂସଃ ପ୍ରେତବନେ ନ ରମତେ ।

ହଂସ ଶ୍ମଶାନରେ ରହିବାକୁ ପସନ୍ଦ କରେ ନାହିଁ ।

୪୮୦ । ଅର୍ଥାର୍ଥଂ ପ୍ରବର୍ତ୍ତତେ ଲୋକଃ ।

ଧନ ପଛରେ ସମସ୍ତ ସଂସାର ଧାବିତ ।

୪୮୧ । ଆଶୟା ବଧ୍ୟତେ ଲୋକଃ ।

ଆଶାର ବନ୍ଧନଦ୍ୱାରା ସଂସାରର ପ୍ରାଣୀମାନେ ବାନ୍ଧିହୋଇଥାନ୍ତି ।

୪୮୨ । ନ ଚ ସ୍ୱର୍ଗପତନାତ୍ ପରଂ ଦୁଃଖମ୍ ।

ସ୍ୱର୍ଗପତନଠାରୁ ବଡ଼ ଦୁଃଖ ନାହିଁ ।

୪୮୩ । ଦେହୀ ଦେହଂ ତ୍ୟକ୍ତ୍ୱା ଐନ୍ଦ୍ରଂ ପଦଂ ନ ବାଞ୍ଛତି ।

ଦେହଧାରୀ ବ୍ୟକ୍ତି ଶରୀର ତ୍ୟାଗ କରି ଇନ୍ଦ୍ର ପଦକୁ ଚାହେଁ ନାହିଁ । ଅର୍ଥାତ୍ ଶରୀରର ମାୟା ମମତାକୁ ଏଡ଼େଇଦେବା ସହଜ ନୁହେଁ ।

GPNanda Colln., Digitized by srujanika@gmail.com

୪୮୪ । ଦୁଃଖାନାମୌଷଧଂ ନିର୍ବାଣମ୍ ।
(ଦୁଃଖାନାମ୍ ଔଷଧମ୍ ନିର୍ବାଣମ୍ ।)

ସକଳ ଦୁଃଖର ଔଷଧ ହେଉଛି ନିର୍ବାଣ ବା ମୁକ୍ତି ।

୪୮୫ । ଅନାର୍ଯ୍ୟସମ୍ବନ୍ଧାଦ୍ ବରମାର୍ଯ୍ୟ-ଶତ୍ରୁତା ।

ଅନାର୍ଯ୍ୟ ବ୍ୟକ୍ତି ସହିତ ସମ୍ପର୍କ ସ୍ଥାପନ କରିବା ଅପେକ୍ଷା ଆର୍ଯ୍ୟ ସହିତ ଶତ୍ରୁତା ବରଂ ଭଲ । ଆର୍ଯ୍ୟର ଗୁଣ ଗ୍ରହଣରେ ପ୍ରତିଦ୍ୱନ୍ଦ୍ୱିତା ଏଠାରେ ଅଭିପ୍ରେତ ।

୪୮୬ । ନିହନ୍ତି ଦୁର୍ବଚନଂ କୁଳମ୍ ।

ଦୁର୍ବଚନ କୁଳକୁ ବିନାଶ କରିଥାଏ । ଅର୍ଥାତ୍ ଖରାପ ଭାଷଣ କୁଳ ପରମ୍ପରାକୁ ନଷ୍ଟ କରିଥାଏ ।

୪୮୭ । ନ ପୁତ୍ରସଂସ୍ପର୍ଶାତ୍ ପରଂ ସୁଖମ୍ ।

ପୁତ୍ରକୁ ଆଲିଙ୍ଗନ କରିବାଠାରୁ ବଡ଼ ସୁଖ ନାହିଁ ।

୪୮୮ । ବିବାଦେ ଧର୍ମମନୁସ୍ମରେତ୍ ।

ବାଦାନୁବାଦ ସମୟରେ ଧର୍ମକୁ ଅନୁସରଣ କରିବା ଉଚିତ ।

୪୮୯ । ନିଶାନ୍ତେ କାର୍ଯ୍ୟଂ ଚିନ୍ତୟେତ୍ ।

ରାତ୍ରି ଶେଷରେ ଅର୍ଥାତ୍ ପ୍ରତିଦିନ ସକାଳେ ନିଜ ବିଷୟରେ ଚିନ୍ତା କରିବା ଉଚିତ । ଅର୍ଥାତ୍ ବିଗତ ଦିନର କାର୍ଯ୍ୟକଳାପର ଆତ୍ମସମୀକ୍ଷା କରିବା ଉଚିତ ।

୪୯୦ । ପ୍ରଦୋଷେ ନ ସଂଯୋଗଃ କର୍ତ୍ତବ୍ୟଃ ।

ସନ୍ଧ୍ୟା ସମୟରେ ସ୍ତ୍ରୀ ସଂଯୋଗ କରିବା ଅନୁଚିତ ।

୪୯୧ । ଉପସ୍ଥିତ-ବିନାଶୋ ଦୁର୍ନୟଂ ମନ୍ୟତେ ।

ଯାହାର ବିନାଶ ସମୟ ଉପସ୍ଥିତ ହୋଇଥାଏ ସେ ଅନ୍ୟାୟରେ ରତ ରହେ ।

GPNanda Colln., Digitized by srujanika@gmail.com

୪୯୨ । ନ ଆଶାପରୈଃ ଶ୍ରୀଃ ସହ ତିଷ୍ଠନ୍ତି ।

ଆଶାପରାୟଣ ପୁରୁଷ ସର୍ବଦା ଶ୍ରୀହୀନ ହୋଇଥାଏ ।

୪୯୩ । ଆଶାପରେ ନ ଧୈର୍ଯ୍ୟମ୍ ।

ଆଶା ପଛରେ ଧାଉଁଥିବା ବ୍ୟକ୍ତିର ଧୈର୍ଯ୍ୟ ନଥାଏ ।

୪୯୪ । ଆଶା ଲଜ୍ଜାଂ ବ୍ୟାପୋହନ୍ତି ।

ଆଶା ଲଜ୍ଜାକୁ ବା ଶିଷ୍ଟତାକୁ ଆଚ୍ଛାଦିତ କରିଥାଏ ।

୪୯୫ । ଆତ୍ମା ନ ସ୍ତୋତବ୍ୟଃ ।

ନିଜେ ନିଜର ସ୍ତୁତି କରିବା ଠିକ୍ ନୁହେଁ । କାରଣ, ସେଥିରେ ଆତ୍ମବଡ଼ିମା ପ୍ରକାଶ ପାଇଥାଏ ।

୪୯୬ । ନ ଦିବା ସ୍ୱାପଂ କୁର୍ଯ୍ୟାତ୍ ।

ଦିନରେ ଶୋଇବା ଅନୁଚିତ ।

୪୯୭ । ନ ଚାସନ୍ନମପି ପଶ୍ୟତ୍ୟୈଶ୍ୱର୍ଯ୍ୟାନ୍ଧୋ ନ ଶୃଣୋତୀଷ୍ଟଂ ବାକ୍ୟମ୍ ।

ଐଶ୍ୱର୍ଯ୍ୟ ମଦାନ୍ଧ ବ୍ୟକ୍ତି ନିଜ ନିକଟ ବସ୍ତୁକୁ ଦେଖିପାରେ ନାହିଁ ଏବଂ ହିତକାରୀ କଥାକୁ ଶୁଣେ ନାହିଁ ।

୪୯୮ । ସ୍ତ୍ରୀଣାଂ ନ ଭର୍ତ୍ତୃପରଂ ଦୈବତମ୍ ।

ସ୍ତ୍ରୀମାନଙ୍କର ନିଜ ପତି ବ୍ୟତୀତ ଅନ୍ୟ ଦେବତା ନାହିଁ ।

୪୯୯ । ତଦନୁବର୍ତ୍ତନମୁଭୟସୁଖମ୍ ।

ପତିର ଇଚ୍ଛା ଅନୁସାରେ କାର୍ଯ୍ୟ କରୁଥିବା ସ୍ତ୍ରୀ ଇହଲୋକ ତଥା ପରଲୋକରେ ସୁଖଲାଭ କରିଥାଏ ।

୫୦୦ । ଅତିଥିମଭ୍ୟାଗତଂ ପୂଜୟେଦ୍ ଯଥାବିଧି ।

ଯଥା ବିଧିରେ ଅତିଥି ଅଭ୍ୟାଗତଙ୍କୁ ପୂଜା କରିବା ଉଚିତ ।

GPNanda Colln., Digitized by srujanika@gmail.com

୫୦୧ । ନାସ୍ତି ହବ୍ୟସ୍ୟ ବ୍ୟାଘାତଃ ।

ଦେବତାଙ୍କୁ ଅର୍ପଣ କରାଯାଉଥିବା ଦ୍ରବ୍ୟ କଦାପି ନଷ୍ଟ ହୁଏ ନାହିଁ ।

୫୦୨ । ଶତ୍ରୁର୍ମିତ୍ରବତ୍ ପ୍ରତିଭାତି ।

ବୁଦ୍ଧି ଭ୍ରଂଶ ହେଲା ପରେ ଶତ୍ରୁ ମଧ୍ୟ ମିତ୍ରଭଳି ଦେଖାଦିଏ ।

୫୦୩ । ମୃଗତୃଷ୍ଣା ଜଳବଦ୍ଭାତି ।

ମୃଗତୃଷ୍ଣା ଜଳର ଭ୍ରାନ୍ତ ସୃଷ୍ଟି କରିଥାଏ । ସେହିପରି ଲୁବ୍ଧକର ମାୟାମୟ ଚାଟୁବଚନ ଭିତରେ ସରଳତା ଓ ଆନ୍ତରିକତା ନଥାଏ ।

୫୦୪ । ଦୁର୍ମେଧସାମସଚ୍ଛାସ୍ତ୍ରଂ ମୋହୟତି ।

ଦୁର୍ବୁଦ୍ଧିଯୁକ୍ତ ମନୁଷ୍ୟଙ୍କୁ ଅସତ୍ ଶାସ୍ତ୍ର ବିମୋହିତ କରିଥାଏ ।

୫୦୫ । ସତ୍ସଂଗଃ ସ୍ୱର୍ଗବାସଃ ।

ସାଧୁଜନ ସମ୍ପର୍କରୁ ସ୍ୱର୍ଗବାସ ମିଳିଥାଏ ।

୫୦୬ । ଆର୍ଯ୍ୟଃ ସ୍ୱମିବ ପରଂ ମନ୍ୟତେ ।

ଆର୍ଯ୍ୟ ବ୍ୟକ୍ତି ଅପରକୁ ନିଜ ପରି ଭାବିଥାଏ । ସାଧୁ ଅପରର ଦୁଃଖକୁ ନିଜର ବୋଲି ଭାବି ସହାନୁଭୂତି ପ୍ରକାଶ କରିଥାଏ ।

୫୦୭ । ରୂପାନୁବର୍ତ୍ତୀ ଗୁଣଃ ।

ରୂପ ଅନୁସାରେ ମନୁଷ୍ୟଠାରେ ଗୁଣ ଦେଖାଦେଇଥାଏ ।

୫୦୮ । ଯତ୍ର ସୁଖେନ ବର୍ତ୍ତେତ ତଦେବ ସ୍ଥାନମ୍ ।

ଯେଉଁ ସ୍ଥାନରେ ସୁଖରେ ବସବାସ କରାଯାଇପାରେ ସେହି ହେଉଛି ପ୍ରକୃତ ସ୍ଥାନ ।

୫୦୯ । ବିଶ୍ୱାସଘାତିନୋ ନ ନିଷ୍କୃତିଃ ।

ବିଶ୍ୱାସଘାତୀମାନଙ୍କର ଉଦ୍ଧାର ନିମିତ୍ତ ପ୍ରାୟଶ୍ଚିତ୍ତ ନାହିଁ ।

GPNanda Colln., Digitized by srujanika@gmail.com

୫୧୦ । ଦୈବାୟତ୍ତଂ ନ ଶୋଚେତ୍ ।

ଯାହା ଦୈବର ଅଧୀନ ତା ପ୍ରତି ଅନୁଶୋଚନା କରିବା ଅନୁଚିତ । ଯେଉଁ ଦୁଃଖ ଦୈବକୃତ ତା' ପ୍ରତି ଅନୁଶୋଚନା ନିରର୍ଥକ ।

୫୧୧ । ଆଶ୍ରିତଦୁଃଖମାତ୍ମନ ଇବ ମନ୍ୟତେ ସାଧୁଃ ।

ଆଶ୍ରୟ ନେଇଥିବା ବ୍ୟକ୍ତିର ଦୁଃଖକୁ ଉଦାରଚେତା ସାଧୁମାନେ ନିଜର ଦୁଃଖ ରୂପେ ଗ୍ରହଣ କରିଥାନ୍ତି ।

୫୧୨ । ହୃଦ୍‌ଗତମାଚ୍ଛାଦ୍ୟାନ୍ୟଦ୍ ବଦତ୍ୟନାର୍ଯ୍ୟଃ ।

(ହୃଦଗତମ୍ ଆଚ୍ଛାଦ୍ୟ ଅନ୍ୟତ୍ ବଦନ୍ତି ଅନାର୍ଯ୍ୟଃ)

ନିଜ ହୃଦୟର କଥାକୁ ଗୋପନ ରଖି ଦୁଷ୍ଟ ବ୍ୟକ୍ତି ଭଲ କଥା କହିଥାନ୍ତି ।

୫୧୩ । ବୁଦ୍ଧିହୀନଃ ପିଶାଚତୁଲ୍ୟଃ ।

ବୁଦ୍ଧିହୀନ ବ୍ୟକ୍ତି ପିଶାଚ ପରିଗ୍ରା ଘୃଣ୍ୟ ହୋଇଥାଏ ।

୫୧୪ । ଅସହାୟଃ ପଥି ନ ଗଚ୍ଛେତ୍ ।

ଏକାକୀ ବାଟରେ ଯାତ୍ରା କରିବା ଅନୁଚିତ ।

୫୧୫ । ପୁତ୍ରୋ ନ ସ୍ତୋତବ୍ୟଃ ।

ପୁଅକୁ ପ୍ରଶଂସା କରିବା ଠିକ୍ ନୁହେଁ । ତା'ଦ୍ୱାରା ପୁତ୍ର ମନରେ ଆତ୍ମସନ୍ତୋଷ ଦେଖାଦିଏ, ତେଣୁ ସେ ଅଧିକ ଉନ୍ନତି କରିବାକୁ ଚେଷ୍ଟା କରେ ନାହିଁ ।

୫୧୬ । ସ୍ୱାମୀ ସ୍ତୋତବ୍ୟୋଽନୁଜୀବିଭିଃ ।

ସେବକମାନେ ନିଜ ସ୍ୱାମୀର ଗୁଣଗାନ କରିବା ଉଚିତ ।

୫୧୭ । ଧର୍ମକୃତ୍ୟେଷ୍ୱପି ସ୍ୱାମିନ ଏବ ଘୋଷୟେତ୍ ।

ନିଜର ଧାର୍ମିକ ଅନୁଷ୍ଠାନରେ ସ୍ୱାମୀର ଗୁଣଗାନ କରିଥାନ୍ତି ।

GPNanda Colln., Digitized by srujanika@gmail.com

୫୧୮ । ରାଜାଜ୍ଞାଂ ନାତିଲଂଘୟେତ୍ ।

ରାଜାଙ୍କ ଆଦେଶକୁ ଲଙ୍ଘନ କରିବା ଅନୁଚିତ ।

୫୧୯ । ଯଥାଜ୍ଞପ୍ତଂ ତଥା କୁର୍ଯ୍ୟାତ୍ ।

ଯେପରି ଆଦିଷ୍ଟ ହେବ ସେପରି କରିବ ।

୫୨୦ । ନାସ୍ତି ବୁଦ୍ଧିମତାଂ ଶତ୍ରୁଃ ।

ବୁଦ୍ଧିମାନ ବ୍ୟକ୍ତିର ଶତ୍ରୁ ନଥାନ୍ତି । ବୁଦ୍ଧି କୌଶଳରେ ସେ ଅନ୍ୟମାନଙ୍କୁ ବନ୍ଧୁରେ ପରିଣତ କରିଥାଏ ।

୫୨୧ । କ୍ଷମାବାନେବ ସର୍ବଂ ସାଧୟେତ୍ ।

କ୍ଷମାଶୀଳ ବ୍ୟକ୍ତି ସବୁକୁ ହାସଲ କରିଥାନ୍ତି ।

୫୨୨ । ଆପଦର୍ଥଂ ଧନଂ ରକ୍ଷେତ୍ ।

ବିପଦ ସମୟ ପାଇଁ ଧନ ସଞ୍ଚୟ କରି ରଖିବା ଆବଶ୍ୟକ ।

୫୨୩ । ସାହସବତାଂ ପ୍ରିୟଂ କର୍ତ୍ତବ୍ୟମ୍ ।

ସାହସୀ ଲୋକଙ୍କ ପକ୍ଷରେ କର୍ତ୍ତବ୍ୟ ସମ୍ପାଦନ ହେଉଛି ପ୍ରିୟତର ।

୫୨୪ । ଶ୍ୱଃ କାର୍ଯ୍ୟମଦ୍ୟ କୁର୍ବୀତ ।

ଆସନ୍ତାକାଲିର କାର୍ଯ୍ୟକୁ ଆଜି ସମ୍ପାଦନ କରିବା ଉଚିତ ।

୫୨୫ । ଆପରାହ୍ଣିକଂ ପୂର୍ବାହ୍ଣ ଏବ କର୍ତ୍ତବ୍ୟମ୍ ।

ଅପରାହ୍ଣର କାର୍ଯ୍ୟକୁ ପୂର୍ବାହ୍ଣରେ କରିବା ଉଚିତ ।

୫୨୬ । ବ୍ୟବହାରାନୁଲୋମୋ ଧର୍ମଃ ।

ଧର୍ମ ବ୍ୟବହାର ଅନୁସାରି ହୋଇଥାଏ ।

୫୨୭ । ସର୍ବଜ୍ଞତା ଲୋକଜ୍ଞତା ।

ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ ।

GPNanda Colln., Digitized by srujanika@gmail.com

୫୨୮ । ଶାସ୍ତ୍ରଜ୍ଞୋଽପ୍ୟଲୋକଜ୍ଞୋ ମୂର୍ଖତୁଲ୍ୟଃ ।

ଶାସ୍ତ୍ରଜ୍ଞାନ ଥାଇ ମଧ୍ୟ ଲୋକବ୍ୟବହାରରେ ଅନଭିଜ୍ଞ ବ୍ୟକ୍ତି ମୂର୍ଖ ସହିତ ସମାନ ।

୫୨୯ । ଶାସ୍ତ୍ରପ୍ରୟୋଜନଂ ତତ୍ତ୍ୱଦର୍ଶନମ୍ ।

ଯଥାର୍ଥ ଜ୍ଞାନ ଅର୍ଜନ ନିମିତ୍ତ ଶାସ୍ତ୍ରଜ୍ଞାନ ଏକାନ୍ତ ଆବଶ୍ୟକ ।

୫୩୦ । ତତ୍ତ୍ୱଜ୍ଞାନଂ କାର୍ଯ୍ୟମେବ ପ୍ରକାଶୟତି ।

କାର୍ଯ୍ୟ ଅକାର୍ଯ୍ୟ ଜ୍ଞାନ ହିଁ ଯଥାର୍ଥ ଜ୍ଞାନକୁ ପ୍ରକାଶ କରିଥାଏ ।

୫୩୧ । ବ୍ୟବହାରେ ପକ୍ଷପାତୋ ନ କାର୍ଯ୍ୟଃ ।

ବ୍ୟବହାରରେ ଅର୍ଥାତ୍ ନ୍ୟାୟ ଦେବାରେ ପକ୍ଷପାତ ବିଚାର କରିବା ଅନୁଚିତ ।

୫୩୨ । ଧର୍ମାଦପି ବ୍ୟବହାରୋ ଗରୀୟାନ୍ ।

ବ୍ୟବହାର ଧର୍ମଠାରୁ ବଡ଼ ।

୫୩୩ । ଆତ୍ମା ହି ବ୍ୟବହାରସ୍ୟ ସାକ୍ଷୀ ।

ନିଜର ଆତ୍ମା ନିଜ ଅନ୍ତର ବ୍ୟବହାରର ସାକ୍ଷୀ ।

୫୩୪ । ନ ସ୍ୟାତ୍ କୂଟସାକ୍ଷୀ ।

କପଟ ସାକ୍ଷୀ ହେବା ଉଚିତ ନୁହେଁ ।

୫୩୫ । କୂଟସାକ୍ଷିଣୋ ନରକେ ପତନ୍ତି ।

କପଟ ସାକ୍ଷୀମାନେ ନରକରେ ପଡ଼ନ୍ତି ।

୫୩୬ । ପ୍ରଚ୍ଛନ୍ନ-ପାପାନାଂ ସାକ୍ଷିଣୋ ମହାଭୂତାନି ।

ମଣିଷର ଅତି ଗୋପନ ପାପକର୍ମର ସାକ୍ଷୀ ହେଉଛନ୍ତି ପଞ୍ଚମହାଭୂତ । ପଞ୍ଚମହାଭୂତ ହେଉଛନ୍ତି ପାଞ୍ଚଟି ଜଡ଼ପଦାର୍ଥ; ଯଥା—କ୍ଷିତି, ଅପଃ, ତେଜଃ, ବାୟୁ ଓ ଆକାଶ ।

GPNanda Colln., Digitized by srujanika@gmail.com

୫୩୭ । ଆତ୍ମନଃ ପାପମାତ୍ମୈବ ପ୍ରକାଶୟତି ।

ନିଜକୃତ ପାପକୁ ପାପୀ ବ୍ୟକ୍ତି ନିଜେ ହିଁ ପ୍ରକାଶ କରିଥାଏ । ଆଚାର ବ୍ୟବହାରରେ ମନର ଚିନ୍ତାକୁ ନିଜର ଆକୃତି ବା ଚେଷ୍ଟାଦ୍ୱାରା ପ୍ରକାଶ କରିଥାଏ ।

୫୩୮ । ଆକାର-ସଂବରଣଂ ଦେବାନାମଶକ୍ୟମ୍ ।

ମନୋଗତ ଭାବଭଙ୍ଗୀକୁ ନିଜ ଆକୃତି ବା ଚେଷ୍ଟାଦ୍ୱାରା ପ୍ରକାଶ କରିଥାଏ । ତେଣୁ ମନୋଭାବକୁ ଗୋପନରେ ରଖିବା ଦେବତା ପକ୍ଷରେ ମଧ୍ୟ କଷ୍ଟକର —ମଣିଷ କଥା ବା କ'ଣ ?

୫୩୯ । ଚୋର-ରାଜପୁରୁଷେଭ୍ୟୋ ବିତ୍ତଂ ରକ୍ଷେତ୍ ।

ଚୋର ଓ ରାଜପୁରୁଷଙ୍କଠାରୁ ନିଜ ଧନସଂପତ୍ତିକୁ ରକ୍ଷା କରିବା ଉଚିତ ।

୫୪୦ । ଦୁର୍ଦ୍ଦର୍ଶନା ହି ରାଜାନଃ ପ୍ରଜାଃ ନାଶୟନ୍ତି ।

ଯେଉଁ ରାଜାର ଦର୍ଶନ ପ୍ରଜାମାନଙ୍କୁ ଅତି କଷ୍ଟରେ ମିଳିଥାଏ ସେହି ରାଜା ପ୍ରଜାଙ୍କୁ ନଷ୍ଟକରିଥାଏ ।

୫୪୧ । ନ୍ୟାୟଯୁକ୍ତଂ ରାଜାନଂ ମାତରଂ ମନ୍ୟନ୍ତେ ପ୍ରଜାଃ ।

ନ୍ୟାୟବାନ୍ ରାଜାଙ୍କୁ ପ୍ରଜାମାନେ ନିଜ ମା' ପରି ମନେକରନ୍ତି ।

୫୪୨ । ତାଦୃଶଃ ସ ରାଜା ଇହ ସୁଖଂ ତତଃ ସ୍ୱର୍ଗମାପ୍ନୋତି ।

ସେପରି ରାଜା ଇହଲୋକରେ ସୁଖ ଏବଂ ମୃତ୍ୟୁ ପରେ ସ୍ୱର୍ଗଲୋକକୁ ଲାଭ କରିଥାଏ ।

୫୪୩ । ଅହିଂସାଲକ୍ଷଣୋ ଧର୍ମଃ ।

ଅହିଂସା ହେଉଛି ଧର୍ମର ଲକ୍ଷଣ ।

GPNanda Colln., Digitized by srujanika@gmail.com

୫୪୪ । ଶରୀରମପି ପରଶରୀରଂ ମନ୍ୟତେ ସାଧୁଃ ।

ସାଧୁମାନେ ନିଜ ଶରୀରକୁ ପରର ଶରୀର ରୂପେ ଭାବିଥାନ୍ତି । ଅର୍ଥାତ୍ ସାଧୁମାନେ ନିଜ ଶରୀରଟି ପରର ଉପକାର ପାଇଁ ଉଦ୍ଦିଷ୍ଟ ବୋଲି ଭାବିଥାନ୍ତି ।

୫୪୫ । ମାଂସଭକ୍ଷଣମଯୁକ୍ତଂ ସର୍ବେଷାମ୍ ।

ମାଂସ ଆହାର ସମସ୍ତଙ୍କ ପାଇଁ ଅନୁଚିତ ।

୫୪୬ । ନ ସଂସାରଭୟଂ ଜ୍ଞାନବତାମ୍ ।

ଜ୍ଞାନୀ ବ୍ୟକ୍ତିର ସଂସାରକୁ ଭୟ ନଥାଏ । ଜ୍ଞାନୀ ସଂସାରର ଦୁଃଖକୁ ଭୟ କରେ ନାହିଁ ।

୫୪୭ । ବିଜ୍ଞାନ-ଦୀପେନ ସଂସାରଭୟଂ ନିବର୍ତ୍ତତେ ।

ବିଜ୍ଞାନ ଅର୍ଥାତ୍ ବ୍ରହ୍ମଜ୍ଞାନ ରୂପକ ଦୀପାଲୋକଦ୍ୱାରା ସଂସାର ଭୟ ଦୂରେଇ ଯାଇଥାଏ ।

୫୪୮ । ସର୍ବମନିତ୍ୟଂ ଭବତି ।

ସଂସାରରେ ଦେଖାଦେଉଥିବା ସକଳ ବସ୍ତୁ ଅନିତ୍ୟ ବା କ୍ଷଣଭଙ୍ଗୁର ।

୫୪୯ । କୃମିଶକୃନ୍ମୂତ୍ରଭାଜନଂ ଶରୀରଂ ପୁଣ୍ୟପାପଜନ୍ମହେତୁ ।

କୃମି, କୀଟ ତଥା ମଳମୂତ୍ରର ଆଧାରଭୂତ ଶରୀର ପାପ ଓ ପୁଣ୍ୟର ଜନ୍ମସ୍ଥାନ ।

୫୫୦ । ଜନ୍ମମରଣାଦିଷୁ ଦୁଃଖମେବ ।

ଜନ୍ମ, ଜରା, ମରଣ ଆଦି ହିଁ ପ୍ରକୃତ ଦୁଃଖ ।

୫୫୧ । ତେଭ୍ୟସ୍ତର୍ତ୍ତୁଂ ପ୍ରଯତେତ ।

ସେହି ଜନ୍ମ, ଜରା, ମରଣ ଦୁଃଖରୁ ନିସ୍ତାର ଲାଭ କରିବାର ଉପାୟ ଅବଲମ୍ବନ କରିବା ଉଚିତ ।

GPNanda Colln., Digitized by srujanika@gmail.com

୫୫୨ । ତପସା ସ୍ୱର୍ଗମାପ୍ନୋତି ।

ତପସ୍ୟାଦ୍ୱାରା ସ୍ୱର୍ଗ ଲଭ ହୋଇଥାଏ ।

୫୫୩ । କ୍ଷମାଯୁକ୍ତସ୍ୟ ତପୋ ବିବର୍ଦ୍ଧତେ ।

କ୍ଷମାଶୀଳ ବ୍ୟକ୍ତିର ତପସ୍ୟା ବଢ଼ିଥାଏ ।

୫୫୪ । ତସ୍ମାତ୍ ସର୍ବେଷାଂ କାର୍ଯ୍ୟସିଦ୍ଧିର୍ଭବତି ।

ତପଶ୍ଚରଣଦ୍ୱାରା ସମସ୍ତଙ୍କର କାର୍ଯ୍ୟ ସିଦ୍ଧି ଘଟିଥାଏ ।

GPNanda Colln., Digitized by srujanika@gmail.com